ବର୍ଷ-୨୬, ସଂଖ୍ୟା-୨୯୫
ଭୁବନେଶ୍ୱର
ନଭେମ୍ବର, ୦୪, ୨୦୨୬ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 295
Bhubaneswar
November, 04, 2026, Wednesday
Page-08, Rs.: 2.00

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

କୋଟିଆରେ ଓଡ଼ିଶା-ଆନ୍ଧ୍ର ପୋଲିସ ମୁହାଁମୁହିଁ

କୋରାପୁଟ,୩।୧୧(ମହାଭାରତ): ଆନ୍ଧ୍ରପ୍ରଦେଶରେ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତି ଜୋରଦାର ହୋଇଥିବାବେଳେ ଆନ୍ଧ୍ର ପୋଲିସ ପ୍ରଶାସନ ଓ ଏଜେଣ୍ଟ ସହ ମୁହାଁମୁହିଁ ହୋଇଛନ୍ତି ଓଡ଼ିଶା ପୋଲିସ ଓ ସ୍ଥାନୀୟ ବାସିନ୍ଦା। ଅଞ୍ଚଳରେ ଉତ୍ତେଜନା ବଢ଼ିବା ପରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିଛି ଓଡିଶା ପୋଲିସ ପ୍ରଶାସନ।ପରିସ୍ଥିତି ନିୟନ୍ତ୍ରଣ ଓ ଆଇନଶୃଙ୍ଖଳା ବଜାୟ ରଖିବା ପାଇଁ କୋଟିଆରେ ୧୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଏଥିସହ ୪ ଜଣ ଡିଏସ୍ପି, ୧୦ ଜଣ ଇନ୍ସପେକ୍ଟର ଓ ୨୦ ଜଣ ସବ୍‌ଇନ୍ସପେକ୍ଟରଙ୍କୁ ମଧ ନିୟୋଜିତ କରାଯାଇଛି।

ଆନ୍ଧ୍ର ସରକାର କୋଟିଆରେ ଭୋଟ୍ ଗ୍ରହଣ କରିବା ପାଇଁ ଯୋଜନା କରୁଛି। ଆସନ୍ତା ୫ ତାରିଖରେ ମତଦାନ ହେବ। ଆନ୍ଧ୍ର ନିର୍ବାଚନୀ କାର୍ଯ୍ୟକଳାପକୁ ରୋକିବା ପାଇଁ ଓଡିଶା ପକ୍ଷରୁ କୋଟିଆ ସୀମାନ୍ତ ନେରିଡିବାଲସା, ଫଗୁସିନେରୀ ଓ ଫାଟୁ ସିନେରୀରେ ଚେକ୍ ପୋଷ୍ଟ କରାଯାଇଛି। ଏହି ଚେକ୍ ପୋଷ୍ଟ ମାଧ୍ୟମରେ ଆନ୍ଧ୍ରର ଗତିବିଧି ନିୟନ୍ତ୍ରଣ କରାଯାଇଥିଲା। ଗତକାଲି ନେରିଡିବାଲସାରେ ଆନ୍ଧ୍ରର ଏକ ରାସନ ଚାଉଳ ଗାଡିକୁ ଉକ୍ତ ଚେକ୍ ପୋଷ୍ଟ ନିକଟରେ ଅଟକା ଯାଇଥିଲା। ସେହି ସ୍ଥାନରେ ଆନ୍ଧ୍ର ସମର୍ଥକ ଓ ଓଡିଶା ପୁଲିସ ମଧ୍ୟରେ ମୁହାଁ ମୁହିଁ ହୋଇଥିବା ଦେଖିବାକୁ ମିଳିଥିଲା। ଆଜି ପୁଣି ସୀମାନ୍ତ ନେରିଡିବାଲସାରେ ୨ ରାଜ୍ୟର ପୁଲିସ ମୁହାଁମୁହିଁ ହୋଇଥିଲେ। ଆନ୍ଧ୍ରର ନିର୍ବାଚନ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରିବା ପାଇଁ ଓଡିଶା ପୁଲିସ ବ୍ୟାରିକେଡ୍ କରିଥିବା ବେଳେ ଏହାକୁ ଆନ୍ଧ୍ର ପୁଲିସ ଭାଙ୍ଗି ଦେଇଥିବା ଦେଖିବାକୁ ମିଳିଛି। ଘଟଣା ସ୍ଥଳରେ ଉତ୍ତେଜନା ଜାରି ରହିଥିବା ଦେଖିବାକୁ ମିଳିଛି। କୋରାପୁଟ ଉପଜିଲ୍ଲାପାଳ ଫାବି ରସିଦ ଓ ପ୍ରଶାସନିକ ଅଧିକାରୀ ମାନେ ଉପସ୍ଥିତ ରହିଛନ୍ତି।



ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଅଧିକ ପ୍ଲାଟୁନ ପୁଲିସ ଫର୍ସକୁ ପଠାଯାଇଥିବା ଜଣାପଡିଛି।

ଏହି ପରିପ୍ରେକ୍ଷୀରେ ନେରେଡିବାଲସାଠାରେ ଆନ୍ଧ୍ର ଏଜେଣ୍ଟ ଓ ଗ୍ରାମବାସୀଙ୍କ ମଧ୍ୟରେ ବିବାଦ ସାମ୍ନାକୁ ଆସିଛି।ଏହା ପୂର୍ବରୁ ଆଜି ନେରିଡ଼ିୱାଲସାରେ ଦୁଇ ରାଜ୍ୟର ପୋଲିସ ମୁହାଁମୁହିଁ ହୋଇଥିଲେ। ଆନ୍ଧ୍ରର ନିର୍ବାଚନୀ କାର୍ଯ୍ୟକଳାପକୁ ରୋକିବା ପାଇଁ ଓଡ଼ିଶା ପୋଲିସ ବ୍ୟାରିକେଡ୍ କରିଥିବା ବେଳେ ଏହାକୁ ଆନ୍ଧ୍ର ପୋଲିସ ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଛି। ଘଟଣାସ୍ଥଳରେ ଉତ୍ତଜନା ଜାରି ରହିଥିବା ବେଳେ ପହଞ୍ଚିଥିଲେ କୋରାପୁଟ ଉପଜିଲ୍ଲାପାଳ ଓ ପ୍ରଶାସନିକ ଅଧିକାରୀ।

କାଟିଆକୁ ନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, କୋଟିଆବାସୀ ଆନ୍ଧ୍ରର ଏହି ନିର୍ବାଚନକୁ ବିରୋଧ କରୁଛନ୍ତି। କୋରାପୁଟରେ ସବୁ ରାଜନୈତିକ ଦଳ ଗୋଟିଏ ମଞ୍ଚରେ ଏକାଠି ହୋଇ ଏହାର ପ୍ରତିବାଦ କରୁଛନ୍ତି। ନିର୍ବାଚନ ଦିନ ସ୍ଥାନୀୟ ଲୋକ, ରାଜନୈତିକ ଦଳ ଓ ସାମାଜିକ ସଂଗଠନର ସଦସ୍ୟମାନେ କୋଟିଆରେ ଉପସ୍ଥିତ ରହି ନିର୍ବାଚନୀ କାର୍ଯ୍ୟକଳାପକୁ ବିରୋଧ କରିବେ। ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ମଧ ସ୍ଥିତି ଉପରେ ନଜର ରଖିବେ। ଆନ୍ଧ୍ରପ୍ରଦେଶରୁ ଆସିଥିବା ଚାଉଳ ବୋଝେଇ ଗାଡ଼ିକୁ ସ୍ଥାନୀୟ ଲୋକ ଫେରାଇ ଦେଇଥିବା ବେଳେ ଆନ୍ଧ୍ରର ପ୍ରଶାସନିକ ଅଧିକାରୀଙ୍କୁ ମଧ ନିଜ ରାଜ୍ୟକୁ ଫେରାଇ ଦିଆଯାଇଛି। ସୀମାନ୍ତରେ ଚେକ୍‌ପୋଷ୍ଟ କରାଯାଇ ପୋଲିସ ମୁତୟନ କରାଯାଇଛି। ବାତ୍ୟା ସମୟରେ ଓଡ଼ିଶା ସରକାରଙ୍କ ପ୍ରଶାସନ କୋଟିଆବାସୀଙ୍କ ସହ ରହିଥିବାରୁ ଏହାକୁ ସ୍ଥାନୀୟ ଲୋକ ଅନୁଭବ କରିଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି। ଗତ ନିର୍ବାଚନ ସମୟରେ କୋଟିଆ ଭିତରେ ଆନ୍ଧ୍ର ପକ୍ଷରୁ ମତଦାନ କେନ୍ଦ୍ର କରାଯାଇଥିଲା। କିନ୍ତୁ ଚଳିତ ବର୍ଷ କୋଟିଆ ବାହାରେ, ଅର୍ଥାତ୍ ଆନ୍ଧ୍ରପ୍ରଦେଶ ସୀମା ଭିତରେ ମତଦାନ କେନ୍ଦ୍ର କରାଯାଇଛି। ଏଥିପାଇଁ ଓଡ଼ିଶା ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଥିବା କହିଛନ୍ତି ମନ୍ତ୍ରୀ।

କୋଟିଆ ବିବାଦର ଆଇନଗତ ଇତିହାସ ସମ୍ପର୍କରେ ମଧ ମନ୍ତ୍ରୀ ସୂଚନା ଦେଇଛନ୍ତି। ତାଙ୍କ କହିବା ଅନୁସାରେ, ୧୯୬୮ ମସିହାରେ ତତ୍କାଳୀନ ସରକାର ଏହି ପ୍ରସଙ୍ଗକୁ ନେଇ ସୁପ୍ରିମକୋର୍ଟ ଯାଇଥିଲେ। ୨୦୧୦ରେ ମାମଲାରେ ପରାଜୟ ପରେ ୨୦୨୧ରେ ପୂର୍ବ ସରକାର ନିର୍ଦ୍ଦେଶ ଅବମାନନା ଅଭିଯୋଗ ନେଇ ପୁଣି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏବେ ରାଜ୍ୟର ବର୍ତ୍ତମାନ ସରକାର ଆଉ ଏକ ପିଟିସନ୍ ଦାଖଲ କରିଛନ୍ତି।ଆନ୍ଧ୍ରପ୍ରଦେଶର ମୁଖ୍ୟ ଶାସନ ସଚିବ, ଜିଲ୍ଲାପାଳ ଓ ଅନ୍ୟ ପ୍ରଶାସନିକ ଅଧିକାରୀଙ୍କ ବିରୋଧରେ ସୁପ୍ରିମକୋର୍ଟରେ ମାମଲା ହୋଇଥିବା ମନ୍ତ୍ରୀ କହିଛନ୍ତି। ଆନ୍ଧ୍ରର ଏଭଳି ଉଦ୍ୟମ ଏକ ସାମ୍ବିଧାନିକ ସଙ୍କଟ ସୃଷ୍ଟି କରିଛି ବୋଲି ମତ ଦେବା ସହ ଆଇନଗତ ଲଢେଇକୁ ଆଗକୁ ନେବା ପାଇଁ ସରକାର ଆଇନଜୀବୀଙ୍କ ପରାମର୍ଶ ନେଉଥିବା କହିଛନ୍ତି ସୁରେଶ ପୂଜାରୀ।

କୃତ୍ରିମ ଲକ୍ଷ୍ୟକୁ ସଠିକ୍ ଭାବେ ଧ୍ୱଂସ କଲା ଅତ୍ୟାଧୁନିକ କ୍ଷେପଣାସ୍ତ୍ର

ଚାନ୍ଦିପୁର,୩।୧୧(ମହାଭାରତ): ବାଲେଶ୍ୱର ଜିଲ୍ଲା ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ଗବେଷଣା ଓ ଉନ୍ନୟନ ସଂଗଠନର ସମନ୍ୱିତ ପରୀକ୍ଷଣ କେନ୍ଦ୍ରରୁ ଆଜି ଏକ ଅତ୍ୟାଧୁନିକ କ୍ଷେପଣାସ୍ତ୍ରର ସଫଳତାର ସହିତ ପରୀକ୍ଷା ହୋଇଛି। ୩ ନଂ ଲଞ୍ଚପ୍ୟାଡ୍‌ରୁ ପୂର୍ବାହ୍ଣ ୧୧ଟା ୧୯ ମିନିଟିରେ ଏହି ଉତ୍‌କ୍ଷେପଣ କରାଯାଇଛି। ଏହି କ୍ଷେପଣାସ୍ତ୍ରଟି ନିଜର ସମସ୍ତ ଲକ୍ଷ୍ୟ ହାସଲ କରିବାରେ ସମ୍ପୂର୍ଣ୍ଣ ସଫଳ ହୋଇଥିବା ନେଇ ପ୍ରତିରକ୍ଷା ବିଭାଗ ସୂତ୍ରରୁ ଜଣାପଡ଼ିଛି। ଏହା ଦେଶର ପ୍ରତିରକ୍ଷା ଶକ୍ତିକୁ ମଜବୁତ କରିବାରେ ସହାୟକ ହେବ।

ଆଇଟିଆର୍‌ର ଲଞ୍ଚପ୍ୟାଡ୍-୩ରୁ ଏହି ପରୀକ୍ଷଣ କରାଯାଇଥିଲା। କ୍ଷେପଣାସ୍ତ୍ରଟି ଆକାଶ ମାର୍ଗରେ ଗତି କରି ବଙ୍ଗୋପସାଗର ମଧ୍ୟରେ ଥିବା ଏକ ନିର୍ଦ୍ଦିଷ୍ଟ କୃତ୍ରିମ ଲକ୍ଷ୍ୟକୁ ସଠିକ୍ ଭାବେ ଧ୍ୱଂସ କରିଥିଲା। ପରୀକ୍ଷଣ ସମୟରେ ଏହାର ଗତିପଥ ତଥା କାର୍ଯ୍ୟଦକ୍ଷତାକୁ ରାଡାର, ଇଲେକ୍‌ଟ୍ରୋ-ଅପ୍ଟିକାଲ୍ ଟ୍ରାକିଂ ସିଷ୍ଟମ ଏବଂ ଟେଲିମେଟ୍ରି ଷ୍ଟେସନ ମାଧ୍ୟମରେ ଅନୁଧ୍ୟାନ କରାଯାଇଥିଲା। ଏହି ପରୀକ୍ଷଣର ସମସ୍ତ ମାନଦଣ୍ଡ ଶତପ୍ରତିଶତ ସଫଳ ହୋଇଥିବା ଡିଆରଡିଓ ବୈଜ୍ଞାନିକମାନେ ସ୍ପଷ୍ଟ କରିଛନ୍ତି।ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଏହି କ୍ଷେପଣାସ୍ତ୍ରଟି ଉଭୟ ଦିନ ଓ ରାତିରେ ସମାନ ଦକ୍ଷତାର ସହ କାର୍ଯ୍ୟ କରିବାକୁ ସକ୍ଷମ। ଏହାର ଉନ୍ନତ ନାଭିଗେସନ୍ ସିଷ୍ଟମ୍ ଏବଂ ଶକ୍ତିଶାଳୀ ୱାରହେଡ୍ ଶତ୍ରୁପକ୍ଷର ଯେକୌଣସି ଆକ୍ରମଣକୁ ପ୍ରତିହତ କରିବାର କ୍ଷମତା ରଖିଛି। ଆଜିର ଏହି ପରୀକ୍ଷଣ ସଫଳତା ସହ ଭାରତୀୟ ସେନାର ପ୍ରତିରକ୍ଷା ବଳ ଆହୁରି ମଜଭୁତ ହୋଇଛି। ପରୀକ୍ଷଣକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟି ଚାରିପାଖ ଅଞ୍ଚଳରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ସତର୍କତା ମୂଳକ ପଦକ୍ଷେପ ସ୍ୱରୂପ ଲଞ୍ଚପ୍ୟାଡ୍‌ର ନିର୍ଦ୍ଧାରିତ ପରିସୀମା ମଧ୍ୟରେ ଥିବା ଗ୍ରାମବାସୀଙ୍କୁ ଅସ୍ଥାୟୀ ଭାବେ ନିରାପଦ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଥିଲା ଏବଂ ସମୁଦ୍ର ମଧ୍ୟକୁ ମତ୍ସ୍ୟଜୀବୀମାନଙ୍କ ପ୍ରବେଶ ଉପରେ ସାମୟିକ କଟକଣା ଜାରି କରାଯାଇଥିଲା।

ଭାରତ ଅକ୍ଷୟ ଶକ୍ତି ସମ୍ମିଳନୀ

୧୮ଏମ୍‌ଓୟୁ, ୧.୧୭ ଲକ୍ଷ କୋଟିର ପୁଞ୍ଜିନିବେଶ

ନୂଆଦିଲ୍ଲୀ/ ଭୁବନେଶ୍ୱର,୩।୧୧(ମହାଭାରତ): ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଅନୁଷ୍ଠିତ 'ଭାରତ ଅକ୍ଷୟ ଶକ୍ତି ସମ୍ମିଳନୀ ଓ ପ୍ରଦର୍ଶନୀ ୨୦୨୬'ରେ ଓଡ଼ିଶା ୧୮ଟି ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରିବା ସହ ପ୍ରାୟ ୧,୧୭,୫୫୭ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ହାସଲ କରିଛି। ଏହି ପ୍ରକଳ୍ପଗୁଡ଼ିକ ମାଧ୍ୟମରେ ରାଜ୍ୟର ଅକ୍ଷୟ ଶକ୍ତି କ୍ଷେତ୍ରରେ ପ୍ରାୟ ୧୧,୭୪୨ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ କ୍ଷମତା ଯୋଡ଼ିହେବ।

ସ୍ୱଚ୍ଛ ଶକ୍ତି ଉତ୍ପାଦନ କ୍ଷେତ୍ରରେ ଏତେ ବଡ ପୁଞ୍ଜିନିବେଶକୁ ସ୍ୱାଗତ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଅବସରରେ କହିଛନ୍ତି ଯେ, ଆଜିର ଦିନଟି ହେଉଛି ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ଓଡିଶା ପାଇଁ ଏକ ଐତିହାସିକ କ୍ଷଣ । ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ଆତ୍ମନିର୍ଭର ହେବା ପାଇଁ ମାନ୍ୟବର ପ୍ରଧାନମନ୍ତ୍ରୀ ଯେଉଁ ଲକ୍ଷ୍ୟ ରଖିଛନ୍ତି ତାହା ପୂରଣ କରିବା ଦିଗରେ ଓଡିଶା ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।ଏହି ପୁଞ୍ଜିନିବେଶ ମୁଖ୍ୟତଃ ପମ୍ପଡ୍ ଷ୍ଟୋରେଜ୍, ସୌର ଓ ପବନ ଶକ୍ତି, ହାଇବ୍ରିଡ୍ ଅକ୍ଷୟ ଶକ୍ତି, ବ୍ୟାଟେରୀ ଷ୍ଟୋରେଜ୍, ଗ୍ରୀନ୍ ହାଇଡ୍ରୋଜେନ୍, ଗ୍ରୀନ୍ ଡାଟା ସେଣ୍ଟର ଏବଂ ଅନ୍ୟାନ୍ୟ ଉଦୀୟମାନ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ବିନିଯୋଗ ହେବ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଉପମୁଖ୍ୟମନ୍ତ୍ରୀକନକ ବର୍ଦ୍ଧନ ସିଂହଦେଓ ମିଳିତ ଭାବେ 'ଓଡ଼ିଶା ପାଭିଲିୟନ୍' ଓ 'ନେଦରଲ୍ୟାଣ୍ଡସ ପାଭିଲିୟନ୍'ର ଉଦ୍‌ଘାଟନ କରିବା ପରେ ଏହି ବୁଝାମଣାପତ୍ରଗୁଡ଼ିକ ସ୍ୱାକ୍ଷରିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଗ୍ରିଡ୍‌କୋ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଡ. ସତ୍ୟପ୍ରିୟ ରଥ ବିଭିନ୍ନ ଶିଳ୍ପ ସଂସ୍ଥାର ପ୍ରତିନିଧିଙ୍କ ସହ ଏହି ଏମ୍‌ଓୟୁଗୁଡ଼ିକ ଆଦାନପ୍ରଦାନ କରିଥିଲେ। ଏହାପରେ "ଓଡ଼ିଶାରେ ଅକ୍ଷୟ ଶକ୍ତି କ୍ଷେତ୍ରରେ ପୁଞ୍ଜିନିବେଶ ସୁଯୋଗ" ଶୀର୍ଷକ ରାଜ୍ୟସ୍ତରୀୟ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏହି ଅଧିବେଶନରେ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କ ସହିତ କେନ୍ଦ୍ର ନବୀନ ଓ ଅକ୍ଷୟ ଶକ୍ତି ମନ୍ତ୍ରୀ ଶ୍ରୀ ପ୍ରହ୍ଲାଦ ଯୋଶୀ, କେନ୍ଦ୍ର ନବୀନ ଓ ଅକ୍ଷୟ ଶକ୍ତି ମନ୍ତ୍ରଣାଳୟର ସଚିବ ସନ୍ତୋଷ କୁମାର ଷଡ଼ଙ୍ଗୀ ଏବଂ ଓଡ଼ିଶା ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ବିଶାଳ ଦେବ ପ୍ରମୁଖ ଉପସ୍ଥିତ ଥିଲେ।

ଅଧିବେଶନକୁ ସମ୍ବୋଧିତ କରି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରହ୍ଲାଦ ଯୋଶୀ କହିଥିଲେ ଯେ, ଭାରତର ସ୍ୱଚ୍ଛ ଶକ୍ତି ରୂପାନ୍ତରଣ ପ୍ରକ୍ରିୟାରେ ଓଡ଼ିଶାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ରାଜ୍ୟର ବିପୁଳ ପ୍ରାକୃତିକ



ସମ୍ପଦ, ସୁଦୃଢ଼ ଶିଳ୍ପ ଆଧାର ଏବଂ ଉନ୍ନତ ବନ୍ଦର ଭିତ୍ତିଭୂମି ନିବେଶକଙ୍କ ପାଇଁ ଶ୍ରେଷ୍ଠ ସୁଯୋଗ ସୃଷ୍ଟି କରୁଛି। ଅକ୍ଷୟ ଶକ୍ତି, ଶକ୍ତି ସଂରକ୍ଷଣ, ଫ୍ଲୋଟିଂ ସୋଲାର, ପବନ ଶକ୍ତି, ଗ୍ରୀନ୍ ହାଇଡ୍ରୋଜେନ୍ ଓ ଗ୍ରୀନ୍ ଆମୋନିଆ କ୍ଷେତ୍ରରେ ରହିଥିବା ସମ୍ଭାବନା ଉପରେ ସେ ଆଲୋକପାତ କରିବା ସହ ଏହି ସବୁ କ୍ଷେତ୍ରକୁ ତ୍ୱରାନ୍ୱିତ କରିବା ପାଇଁ କେନ୍ଦ୍ର ସରକାରଙ୍କ ନୀତିଗତ ପ୍ରୋତ୍ସାହନ ବିଷୟରେ ଉଲ୍ଲେଖ କରିଥିଲେ। ଦେଶର ସବୁଜ ଶକ୍ତି ଲକ୍ଷ୍ୟ ହାସଲ ପାଇଁ କେନ୍ଦ୍ର, ରାଜ୍ୟ ଓ ଶିଳ୍ପ ସଂସ୍ଥାଗୁଡ଼ିକ ମଧ୍ୟରେ ମିଳିତ ସହଯୋଗ ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଓଡ଼ିଶାକୁ ଦେଶର ଅଗ୍ରଣୀ ସ୍ୱଚ୍ଛ ଶକ୍ତି ହବ୍‌ରେ ପରିଣତ କରିବା ସହ ଭାରତର ଶ୍ରେଷ୍ଠ ପାଞ୍ଚଟି ବିଦ୍ୟୁତ୍ ରପ୍ତାନିକାରୀ ରାଜ୍ୟ ମଧ୍ୟରେ ସାମିଲ କରିବାର ଦୀର୍ଘମିଆଦୀ ରୋଡ୍‌ମାପ୍ ଉପସ୍ଥାପନ କରିଥିଲେ। 'ଓଡ଼ିଶା ନିବେଶ ପାଇଁ ପ୍ରସ୍ତୁତ ଏବଂ ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ପୁଞ୍ଜିନିବେଶକୁ ସ୍ୱାଗତ କରୁଛି' ବୋଲି ପ୍ରକାଶ କରି ସେ କହିଥିଲେ ଯେ, ୨୦୪୭ ସୁଦ୍ଧା ରାଜ୍ୟର ମୋଟ ସ୍ଥାପିତ ବିଦ୍ୟୁତ୍ କ୍ଷମତାର ୭୪ ପ୍ରତିଶତ ଅଣ-ଜୀବାଶ୍ମ ଉତ୍ସରୁ ହାସଲ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହାସହ ଶିଳ୍ପ କ୍ଷେତ୍ରର ଅନ୍ତତଃ ୩୩ ପ୍ରତିଶତ ବିଦ୍ୟୁତ୍ ଆବଶ୍ୟକତା ସୁଲଭ ଦରରେ ସବୁଜ ଶକ୍ତି ମାଧ୍ୟମରେ ପୂରଣ କରାଯିବ ବୋଲି ସେ କହିଥିଲେ।ନିବେଶକମାନଙ୍କୁ ସ୍ୱଚ୍ଛ ଶକ୍ତିରେ ଓଡିଶାର ଭିଜନ ସମ୍ପର୍କରେ ବିସ୍ତୃତ ବିବରଣୀ ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୨୦୩୬ ସୁଦ୍ଧା ଓଡିଶାରେ ୭ ହଜାର ମେଗାୱାଟର ଫ୍ଲୋଟିଙ୍ଗ୍ ସୋଲାର, ୨୦୪୭ ସୁଦ୍ଧା ୨୬ ହଜାର ପମ୍ପଡ୍ ଷ୍ଟୋରେଜ୍ ଏବଂ ୧ ହଜାର ମେଗାୱାଟ ପବନ ଶକ୍ତି ଉତ୍ପାଦନର ଲକ୍ଷ୍ୟ ରଖାଯାଇଛି। ତେଣୁ, ଓଡିଶାରେ ନିବେଶ କରିବା ପାଇଁ ବ୍ୟାପକ ସୁଯୋଗ ରହିଛି ବୋଲି ସେ କହିଥିଲେ।


ନିବେଶକଙ୍କୁ ଓଡିଶାରେ ସ୍ୱଚ୍ଛ ଶକ୍ତି ପ୍ରକଳ୍ପ ସ୍ଥାପନ କରିବାକୁ ଆମନ୍ତ୍ରଣ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଜ୍ୟ ସରକାରଙ୍କ ତିନୋଟି ପ୍ରମୁଖ ସଂକଳ୍ପ ବିଷୟରେ ଦୋହରାଇଥିଲେ-- ସ୍ଥିର ଓ ସ୍ୱଚ୍ଛ ନୀତି, ସିଙ୍ଗଲ୍ ୱିଣ୍ଡୋ ମାଧ୍ୟମରେ ସମୟବଦ୍ଧ ମଞ୍ଜୁରୀ ଏବଂ ବିଦ୍ୟୁତ୍ ଉତ୍ପାଦନ ପୂର୍ବରୁ ପ୍ରସାରଣ ଭିତ୍ତିଭୂମିର ସୁଦୃଢ଼ୀକରଣ। ଏହି ଅବସରରେ ସେ 'ମୁଖ୍ୟମନ୍ତ୍ରୀ ଶକ୍ତି ବିକାଶ ଯୋଜନା' ଅଧୀନରେ ରାଜ୍ୟର ପାୱାର ଟ୍ରାନ୍ସମିସନ୍ ନେଟୱର୍କର ସମ୍ପ୍ରସାରଣ ପାଇଁ ମଞ୍ଜୁର ହୋଇଥିବା ୧୫,୯୪୮ କୋଟି ଟଙ୍କାର ବ୍ୟବସ୍ଥା ବିଷୟରେ ସୂଚନା ଦେଇଥିଲେ। ଓଡ଼ିଶାର ଅନୁକୂଳ ଶିଳ୍ପ ପରିବେଶ, ଅକ୍ଷୟ ଶକ୍ତିର ସମ୍ଭାବନା ସହ ପାରାଦୀପ, ଧାମରା ଓ ଗୋପାଳପୁର ବନ୍ଦର ସ୍ୱଚ୍ଛ ଶକ୍ତି ଓ ଗ୍ରୀନ୍ ହାଇଡ୍ରୋଜେନ୍ କ୍ଷେତ୍ରରେ ସ୍ୱଚ୍ଛ ଶକ୍ତି ଉତ୍ପାଦନ ଓ ରପ୍ତାନୀ କ୍ଷେତ୍ରରେ ନୂତନ ଦିଗନ୍ତ ସୃଷ୍ଟି କରିବ ବୋଲି ସେ ପ୍ରକାଶ କରିଥିଲେ।

ଏହି ସମ୍ମିଳନୀରେ ଏନ୍.ଏଲ୍.ସି. ଇଣ୍ଡିଆ, ଆଦାନୀ ପୋର୍ଟ୍‌ସ୍ ଆଣ୍ଡ ଏସ୍.ଇ.ଜେଡ୍., ଆଭାଡା ଗ୍ରୁପ୍, ଗ୍ରୀନକୋ ଗ୍ରୁପ୍, ଏକମେ ଗ୍ରୁପ୍, ଏଭ୍‌ରେନ୍ ଏବଂ ବ୍ରୁକ୍‌ଫିଲ୍ଡ ରିନିଉଏବଲସ୍ ଭଳି ଦେଶ-ବିଦେଶର ଅଗ୍ରଣୀ କମ୍ପାନୀଗୁଡ଼ିକର ସକ୍ରିୟ ଭାଗିଦାରୀ ଓଡ଼ିଶାର ସ୍ୱଚ୍ଛ ଶକ୍ତି କ୍ଷେତ୍ର ପ୍ରତି ବିଶ୍ୱସ୍ତରୀୟ ଆଗ୍ରହକୁ ପ୍ରମାଣିତ କରୁଛି।

ଏହି ୧୮ଟି ଏମ୍‌ଓୟୁ ଓଡ଼ିଶାର ଅକ୍ଷୟ ଶକ୍ତି କ୍ଷେତ୍ରରେ ପୁଞ୍ଜିନିବେଶ ସୁଯୋଗକୁ ଆଗକୁ ବଢ଼ାଇବା ଦିଗରେ ଏକ ମାଇଲଖୁଣ୍ଟ। ଏହି ସମ୍ମିଳନୀରେ ଅଂଶୀଦାର ରାଜ୍ୟ ଭାବେ ଯୋଗଦେଇ ଓଡ଼ିଶା ଏକ ସୁଦୃଢ଼ ସବୁଜ ଶକ୍ତି ପରିବେଶ ଗଠନ କରିବା ସହ ଦେଶର ଶକ୍ତି ରୂପାନ୍ତରଣ ଅଭିଯାନରେ ନିଜର ଅଙ୍ଗୀକାରବଦ୍ଧତା ପ୍ରକାଶ କରିଛି।

ଧରାପଡ଼ିଲା ୧୨ଜଣିଆ ଆନ୍ତଃଜିଲ୍ଲା ଡକାୟତି ଗ୍ୟାଙ୍ଗ

ଖୋର୍ଦ୍ଧା,୩।୧୧(ମହାଭାରତ): ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ହୋଇଥିବା ପ୍ରାୟ ୧୫ଟି ଚୋରି ଓ ଡକାୟତି ଘଟଣାରେ ସମ୍ପୃକ୍ତି ଏକ ଆନ୍ତଜିଲ୍ଲା ଡକାୟତି ଗ୍ୟାଙ୍ଗକୁ ଧରିବାରେ ଖୋର୍ଦ୍ଧା ପୁଲିସ ସକ୍ଷମ ହୋଇଛି। ଗ୍ୟାଙ୍ଗର ୧୨ଜଣ ସଦସ୍ୟ ଧରାପଡ଼ିଥିବା ବେଳେ ସେମାନଙ୍କ ନିକଟରୁ ଆନୁମାନିକ ୧ କୋଟି ଟଙ୍କାର ସୁନା ଓ ରୁପା ଅଳଙ୍କାର ଜବତ କରାଯାଇଛି। ଆଜି (ମଙ୍ଗଳବାର) ଖୋର୍ଦ୍ଧା ପୁଲିସ ପକ୍ଷରୁ ଏକ



ସାମ୍ବାଦିକ ସମ୍ମିଳନରେ ଏନେଇ ସୂଚନା ଦିଆଯାଇଛି। ଅଗିରଫ ଅଭିଯୁକ୍ତମାନେ ହେଲେ, ଟାଙ୍ଗୀ ଥାନା କୁହୁଡି ଟୁଆଟାଙ୍ଗୀର ରାଜୁ ପ୍ରଧାନ, ଦୁଇ ଭାଇ ତୋଫାନ ଶିକାରୀ (୨୨) ଓ ବାବି ପ୍ରଧାନ (୧୮), ଗଞ୍ଜାମ ତରସିଂହ ଗାଁର ବାପ ଜଳନ୍ଧର ପାତ୍ର(୪୦), ପୁଅ ଶିବ ପାତ୍ର(୨୧) ଓ ସାଗର ପାତ୍ର(୨୨), ବାଲୁଗାଁଦିନବନ୍ଧୁପୁରର କହ୍ନୁ ଶିକାରୀ (୧୮),ବାଣପୁର ଜିଗିପଡ଼ାର ଗୋପାଳ ଶିକାରୀ (୪୫), ନାଚୁଣୀ କରଡ଼ାପଲିର ଅଜୟ ପ୍ରଧାନ(୨୧), ନାଚୁଣୀ ତୋଟାଗାଁର ସଞ୍ଜୟ ପ୍ରଧାନ(୨୩), ପୁରୀଜିଲ୍ଲା ବଳଙ୍ଗା ବନ୍ଧଗ୍ରାମର ଏନ୍. ରାଜେଶ। ଚୋରି ସାମଗ୍ରୀ କିଣି ରଖିଥିବା ନାଚୁଣୀ ଥାନା ବଡ଼ପଦର ଗାଁର ବାଉରିବନ୍ଧୁ ସାହୁଙ୍କ ପୁଅ ପ୍ରକାଶ ସାହୁ(୪୧) ମଧ ଗିରଫ ହୋଇଛି।

ସ୍ଥଗିତ ହେଲା ଗିଡ଼ିପାବାଲି ଭୂସ୍ଖଳନ ଖୋଜ ଅଭିଯାନ

ଘୁ.ଉଦୟଗିରି,୩।୧୧(ମହାଭାରତ): କନ୍ଧମାଳଜିଲ୍ଲା ସୀମାନ୍ତ ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଉପଖଣ୍ଡ ଅନ୍ତର୍ଗତ ଦୁର୍ଗମ ଗିଡ଼ିପାବାଲି ଗାଁ ଭୂସ୍ଖଳନରେ ନିଶ୍ଚିହ୍ନ ହୋଇଯାଇଛି। ବିପର୍ଯ୍ୟୟରେ ନିଖୋଜ ହୋଇଯାଇଥିବା ୧୩ଜଣଙ୍କୁ ଖୋଜିବା ପାଇଁ ତିନି ଦିନ ଧରି ୬ଠରୁ ଉର୍ଦ୍ଧ୍ୱ ଟିମ୍ ଅବିଶ୍ରାନ୍ତ ଉଦ୍ୟମ ଚଳାଇଥିଲେ। ଏହା ମଧ୍ୟରେ ୨ଜଣଙ୍କୁ ମାଟି ଓ ପଥର ଗଦା ମଧ୍ୟରୁ ଉଦ୍ଧାର କରାଯାଇଥିବା ବେଳେ ବଳକା ୧୧ଜଣଙ୍କ ପତ୍ତା ମିଳିନାହିଁ। ଆଜି ୪ର୍ଥ ଦିନରେ ମଧ ଅଭିଯାନକୁ କୌଣସି ସଫଳତା ମିଳିନାହିଁ। ଆଗାମୀ ବର୍ଷାକୁ ଦୃଷ୍ଟିରେ ରଖି ଖୋଜ ଅଭିଯାନକୁ ସାମୟିକ ସ୍ଥଗିତ ରଖାଯାଇଛି ବୋଲି ଗଞ୍ଜାମ ଜିଲ୍ଲାପାଳ କହିଛନ୍ତି।

ଗତକାଲି (ସୋମବାର) ଠାବ ହୋଇଥିବା ମୃତଦେହକୁ ଆଜି ଉଦ୍ଧାର କରାଯାଇ ମୃତକଙ୍କ ପରିବାର ଓ ସମ୍ପର୍କୀୟଙ୍କୁ ହସ୍ତାନ୍ତର କରାଯାଇଥିଲା। ଗ୍ରାମବାସୀଙ୍କ ଉପସ୍ଥିତିରେ ଘଟଣାସ୍ଥଳ ନିକଟରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ପ୍ରଶାସନ ପକ୍ଷରୁ ମିଳିଥିବା ସୂଚନାନୁସାରେ, ମଙ୍ଗଳବାର ଚତୁର୍ଥ ଦିନରେ ମଧ ନୂତନ ଭାବେ କୌଣସି ମୃତଦେହ ମିଳିନାହିଁ। ଆଜି କତିଙ୍ଗିଆ ସରପଞ୍ଚ ବିଭୂତି ପ୍ରଧାନଙ୍କ ନେତୃତ୍ୱରେ ପ୍ରାୟ ୧୫୦ରୁ ଉର୍ଦ୍ଧ୍ୱ ଅଞ୍ଚଳବାସୀ ଉଦ୍ଧାର କାର୍ଯ୍ୟରେ ସହଯୋଗ କରିବା ନିମନ୍ତେ ଘଟଣାସ୍ଥଳରେ ପହଞ୍ଚିଥିଲେ। କିନ୍ତୁ ଉଦ୍ଧାର କାର୍ଯ୍ୟ ଆଗେଇ ନେବା ସମ୍ଭବ ନୁହେଁ ବୋଲି ସେମାନଙ୍କୁ କୁହାଯିବାରୁ ଅଞ୍ଚଳବାସୀ ନିରାଶ ହୋଇ ଫେରି ଆସିଥିଲେ। ସନ୍ଧ୍ୟାରେ, ଏକ ବୈଠକ ହୋଇଥିଲା। ଏଥିରେ ଏନେଇ ଆଜି ଆଶ୍ରୟ ସ୍ଥଳରେ କନ୍ଧମାଳ ଜିଲ୍ଲାପାଳ ବେଦ ଭୂଷଣ, ଉପଜିଲ୍ଲାପାଳ ପ୍ରଣୀତା ଦାସ, ପ୍ରୋବେସନର ଯଶକରନ୍ ସିଂ, ପିଡି ଶମ୍ଭୁନାଥ ନନ୍ଦୀ, ଆରକ୍ଷୀ ଅଧୀକ୍ଷକ ରଣେନ୍ଦ୍ର ପ୍ରସାଦଙ୍କ ସମେତ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ୱାସନ୍, ଉପଜିଲ୍ଲାପାଳ ଉମାଶଙ୍କର ବେହେରା, ଭଞ୍ଜନଗର ଓ ଘୁ. ଉଦୟଗିରି ତହସିଲଦାରଙ୍କ ସମେତ ଏନ୍‌ଡିଆର୍‌ଏଫ୍, ଓଡ୍ରାଫ୍, ଅଗ୍ନିଶମ ବିଭାଗ, ରେଳବାଇ ବିଭାଗ ଓ ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟର ଅଧିକାରୀମାନେ ମଧ ଉପସ୍ଥିତ ରହିଥିଲେ। ପରେ ସମସ୍ତ ଅଧିକାରୀ ଆଶ୍ରୟସ୍ଥଳୀକୁ ଯାଇ ଗିଡ଼ିପାବାଲି ଗ୍ରାମର ମୃତକଙ୍କ ପରିବାରବର୍ଗ ଓ ଅନ୍ୟ ପୀଡ଼ିତ ପରିବାରଗୁଡ଼ିକୁ ସାକ୍ଷାତ କରିଥିଲେ। ସେମାନଙ୍କ ସହିତ ରୁଦ୍ଧଦ୍ୱାର କୋଠରୀରେ ଦୀର୍ଘ ସମୟ ଧରି ଆଲୋଚନା କରିବା ସହିତ ପରିସ୍ଥିତି ସମ୍ପର୍କରେ ଅବଗତ ହୋଇଥିଲେ।

କେନ୍ଦ୍ରୀୟ ଟିମ୍‌ର ଅର୍ଣ୍ଣବ କ୍ଷୟକ୍ଷତି ଆକଳନ

ଗଞ୍ଜାମ,୩।୧୧(ମହାଭାରତ): ବାତ୍ୟା ଅର୍ଣ୍ଣବ ଯୋଗୁଁ ଗଞ୍ଜାମ ଜିଲ୍ଲାରେ ହୋଇଥିବା କ୍ଷୟକ୍ଷତିର ଆକଳନ କରିବାକୁ ଜିଲ୍ଲା ଗସ୍ତରେ ଆସିବେ ଆନ୍ତଃମନ୍ତ୍ରୀସ୍ତରୀୟ କେନ୍ଦ୍ରୀୟ ଟିମ୍। ନଭେମ୍ବର ୪ ତାରିଖରେ ଏହି ଟିମ୍ ଜିଲ୍ଲାର ବିଭିନ୍ନ ପ୍ରଭାବିତ ଅଞ୍ଚଳ ବୁଲି କ୍ଷୟକ୍ଷତିର ସ୍ଥିତି ପରଖିବେ। ବିଶେଷକରି ଚାଷଜମି, ଜଳସେଚନ ପ୍ରକଳ୍ପ, ରାସ୍ତାଘାଟ, ବିଦ୍ୟୁତ୍ ଭିତ୍ତିଭୂମି ଏବଂ ବ୍ୟବସାୟିକ ପ୍ରତିଷ୍ଠାନର କ୍ଷତିକୁ ନେଇ ଅନୁଧ୍ୟାନ କରାଯିବ।

ସୂଚନା ଅନୁସାରେ, କେନ୍ଦ୍ରୀୟ ଟିମ୍ ସକାଳ ୮ଟାରେ ଗୋପାଳପୁର ସର୍କିଟ୍ ହାଉସରୁ ନିଜର କ୍ଷେତ୍ର ପରିଦର୍ଶନ ଆରମ୍ଭ କରିବେ। ତାରାତାରିଣୀ ଛକ ଦେଇ ପୁରୁଷୋତ୍ତମପୁର ବ୍ଲକର ବିଭିନ୍ନ ପ୍ରଭାବିତ ସ୍ଥାନରେ ପହଞ୍ଚିବେ।

ସକାଳ ୯ଟା ୧୦ ମିନିଟ୍‌ରେ ଟିମ୍ ଆଛୁଲି ଗାଁରେ ପହଞ୍ଚିବେ। ସେଠାରେ ବାତ୍ୟା ପ୍ରଭାବରେ ନଦୀବନ୍ଧର କ୍ଷୟକ୍ଷତି ସହ ଚାଷଜମିରେ ବାଲି ଜମିବା ଯୋଗୁଁ ହୋଇଥିବା କ୍ଷତିର ଅନୁଧ୍ୟାନ କରିବେ। ଏଥିସହ ଲିଫ୍ଟ ଇରିଗେସନ୍ ପ୍ରକଳ୍ପର ସ୍ଥିତି ମଧ ଯାଞ୍ଚ କରାଯିବ। ଏହାପରେ ସକାଳ ୯ଟା ୨୫ରେ ହାଣ୍ଡିଘର ଗାଁରେ ପହଞ୍ଚିବେ କେନ୍ଦ୍ରୀୟ ଟିମ୍। ଏଠାରେ ଆରଡି ରାସ୍ତା ନଷ୍ଟ ହେବା, ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିବା ଏବଂ ଉଦ୍ୟାନ କୃଷି ଫସଲର କ୍ଷୟକ୍ଷତି ସମ୍ପର୍କରେ ଅନୁଧ୍ୟାନ କରିବେ।

ପରବର୍ତ୍ତୀ କାର୍ଯ୍ୟସୂଚୀ ଅନୁସାରେ, ସକାଳ ୧୦ଟା ୫ ମିନିଟ୍‌ରେ ଟିମ୍ ହୀରାଧରବାଟି ଜଳସେଚନ ପ୍ରକଳ୍ପରେ ପହଞ୍ଚିବେ। ପୁରୁଷୋତ୍ତମପୁର ଟାଉନ୍ ଓ ପ୍ରତାପପୁର ଛକ ଦେଇ ସେଠାରେ ପହଞ୍ଚି ଆନିକଟ ସମେତ ଜଳସେଚନ ବ୍ୟବସ୍ଥାର ବିଭିନ୍ନ ଭିତ୍ତିଭୂମିର କ୍ଷୟକ୍ଷତି ଯାଞ୍ଚ କରିବେ।

ଏହାପରେ ସକାଳ ୧୦ଟା ୪୦ରେ ହିଞ୍ଜିଳିକାଟୁ ବ୍ଲକର ଘୋଡ଼ାହାଡ଼ ବ୍ରିଜ୍ ନିକଟରେ ପହଞ୍ଚିବେ। ସେଠାରେ ଜୟମଙ୍ଗଳା ଜଳସେଚନ ପ୍ରକଳ୍ପର ଏସ୍କପ୍ ଚ୍ୟାନେଲ୍ ଭାଙ୍ଗିଯିବା ଯୋଗୁଁ ହୋଇଥିବା କ୍ଷତିର ଆକଳନ କରିବେ।



ଗସ୍ତର ଶେଷ ପର୍ଯ୍ୟାୟରେ ସକାଳ ୧୧ଟା ୧୦ ମିନିଟ୍‌ରେ କେନ୍ଦ୍ରୀୟ ଟିମ୍ ବୁରୁପଡ଼ା ଦେଇ ଆସ୍କା ମ୍ୟୁନିସିପାଲିଟି ଅଞ୍ଚଳର ଲକ୍ଷ୍ମୀ ବଜାରରେ ପହଞ୍ଚିବେ। ଏଠାରେ ଆସ୍କା ଉପଖଣ୍ଡ ଚିକିତ୍ସାଳୟ ସହ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନର କ୍ଷୟକ୍ଷତି ଆକଳନ କରାଯିବ।


କେନ୍ଦ୍ରୀୟ ଟିମ୍‌ର ଏହି କ୍ଷେତ୍ର ପରିଦର୍ଶନ ଗଞ୍ଜାମ ଜିଲ୍ଲାରେ ବାତ୍ୟା ଅର୍ଣ୍ଣବର ପ୍ରକୃତ ପ୍ରଭାବ ଆକଳନ କରିବାରେ ଗୁରୁତ୍ୱ ବହନ କରୁଛି। ଏହି ଯାଞ୍ଚ ପରେ କ୍ଷୟକ୍ଷତିର ବିସ୍ତୃତ ଚିତ୍ର ସାମ୍ନାକୁ ଆସିବା ସହ ଆବଶ୍ୟକ ସହାୟତା ଓ ପୁନରୁଦ୍ଧାର ପଦକ୍ଷେପ ନେଇ ପରବର୍ତ୍ତୀ ସୁପାରିସ ପ୍ରସ୍ତୁତ ହୋଇପାରେ।

କାର୍ତ୍ତିକ ବ୍ରତ ପାଇଁ ୩.୩୦ କୋଟି ଟଙ୍କା ଅନୁମୋଦନ

ଭୁବନେଶ୍ୱର,୩।୧୧ (ମହାଭାରତ): ଚଳିତ ବର୍ଷ ପୁରୀରେ ଆୟୋଜିତ ହେଉଥିବା କାର୍ତ୍ତିକ ମାସ ହବିଷ୍ୟାଳୀ ବ୍ରତ ପାଇଁ ୩.୩୦ କୋଟି ଟଙ୍କା ଅର୍ଥରାଶି ଅନୁମୋଦିତ ହୋଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଏହି ଅର୍ଥରାଶି ଅନୁମୋଦିତ ହୋଇଛି।କାର୍ତ୍ତିକ ମାସ ବ୍ରତ ପାଳନ ପାଇଁ ଶ୍ରୀକ୍ଷେତ୍ର ପୁରୀରେ ଚଳିତ ବର୍ଷ ଅନେକ ହବିଷ୍ୟାଳୀ ମା' ମାନେ ଏକତ୍ରିତ ହୋଇଛନ୍ତି। ହବିଷ୍ୟାଳୀ ମା'ମାନଙ୍କୁ ସମସ୍ତ ପ୍ରକାର ସୁବିଧା ଓ ସହଯୋଗ ପ୍ରଦାନ ନିମନ୍ତେ ସଂସ୍କୃତି ବିଭାଗ ତରଫରୁ ୩.୩୦ କୋଟିଟଙ୍କା ବ୍ୟୟ ରାଶିଅନୁମୋଦିତ ହୋଇଛି। ହବିଷ୍ୟାଳୀ ମା'ମାନଙ୍କ ପାଇଁ ଦୀର୍ଘ ଏକ ମାସ ଧରି ପୁରୀର ବିଭିନ୍ନ ହବିଷ୍ୟାଳୀ କେନ୍ଦ୍ର ମାନଙ୍କରେ ସୁରକ୍ଷିତ ରହଣି ବ୍ୟବସ୍ଥା, ଆଦିର ସୁପରିଚାଳନା ପାଇଁ ସରକାରଙ୍କ ତରଫରୁ ବିଭିନ୍ନ ପଦକ୍ଷେପ ନିଆଯାଇଛି।

ରାହୁଲଙ୍କୁ ଖୋଲା ଚ୍ୟାଲେଞ୍ଜ ଦେଲେ ଶାହ

ରାୟପୁର,୩।୧୧(ମହାଭାରତ): ସଂସଦରେ ଉଠୁଥିବା ବିଭିନ୍ନ ପ୍ରସଙ୍ଗକୁ ନେଇ ବିରୋଧୀଙ୍କ ହଟ୍ଟଗୋଳ ମଧ୍ୟରେ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ। ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ସମେତ ପ୍ରତ୍ୟେକ ପ୍ରସଙ୍ଗରେ ସଂସଦରେ ଆଲୋଚନା କରିବାକୁ ମୋଦୀ ସରକାର ପ୍ରସ୍ତୁତ ବୋଲି ସେ କହିଛନ୍ତି।



ଏଥିସହ କଂଗ୍ରେସ ନେତା ରାହୁଲ ଗାନ୍ଧିଙ୍କୁ ମଧ ବିତର୍କ ପାଇଁ ଆହ୍ୱାନ ଦେଇଛନ୍ତି ଶାହ। ଛତିଶଗଡ଼ର ରାୟପୁର ଅଟଳ ନଗରସ୍ଥିତ କାୟାବାନ୍ଧାରେ 'ବିକଶିତ ଭାରତ ସଂକଳ୍ପ ପାର୍କ ପୀପଲ ୱାନ୍'ର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଯୋଗଦେଇ ଶାହ ଏହି ବୟାନ ଦେଇଛନ୍ତି।ନିଜ ଅଭିଭାଷଣରେ ଅମିତ ଶାହ କଂଗ୍ରେସ ଏବଂ ରାହୁଲ ଗାନ୍ଧିଙ୍କୁ କଡ଼ା ସମାଲୋଚନା କରିଥିଲେ। ତାଙ୍କ ଅଭିଯୋଗ ଅନୁଯାୟୀ, କଂଗ୍ରେସ ସବୁବେଳେ ଅସାମ୍ବିଧାନିକ ବ୍ୟବସ୍ଥା ଓ ସରକାରଗୁଡ଼ିକୁ ସମର୍ଥନ କରିଆସିଛି।

ଶାହ କହିଥିଲେ ଯେ, ନକ୍ସଲ ପ୍ରଭାବିତ ଅଞ୍ଚଳରେ ମାଓବାଦୀମାନେ ନିଜସ୍ୱ ଜନତା ସରକାର ଗଠନ କରି ମୁଖ୍ୟମନ୍ତ୍ରୀ, ଗୃହମନ୍ତ୍ରୀ ଓ ଅର୍ଥମନ୍ତ୍ରୀ ଭଳି ପଦବୀ ସୃଷ୍ଟି କରିଥିଲେ। ଏଭଳି ସମାନ୍ତରାଳ ଶାସନ ବ୍ୟବସ୍ଥାକୁ କେଉଁ ସମ୍ବିଧାନ ଅନୁମତି ଦେଇଛି ବୋଲି ସେ ପ୍ରଶ୍ନ କରିଥିଲେ।

ଏହାସହ ନିରୀହ ସାମ୍ବାଦିକ, ସମାଜସେବୀ ଓ ଛାତ୍ରଛାତ୍ରୀଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ଉଠାଇ ନକ୍ସଲବାଦୀଙ୍କ ଏଭଳି କାର୍ଯ୍ୟକଳାପକୁ ସମର୍ଥନ କରିବା ନେଇ କଂଗ୍ରେସକୁ ଘେରିଥିଲେ ଗୃହମନ୍ତ୍ରୀ।ଛତିଶଗଡ଼ର ବିକାଶ ଏବଂ ନକ୍ସଲବାଦ ଦମନ ପ୍ରସଙ୍ଗରେ ମଧ ଶାହ ବଡ଼ ମନ୍ତବ୍ୟ ଦେଇଥିଲେ। ସେ କହିଥିଲେ, ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଛତିଶଗଡ଼ ରାଜ୍ୟ ଗଠନ କରିଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହାକୁ ନକ୍ସଲବାଦରୁ ମୁକ୍ତ କରି ବିକାଶର ନୂଆ ରାସ୍ତା ଦେଖାଇଛନ୍ତି।ରାଜ୍ୟରେ ପୂର୍ବତନ ରମଣ ସିଂହ ସରକାରଙ୍କ ସମୟରେ ବିକାଶମୂଳକ କାର୍ଯ୍ୟ ହୋଇଥିବା ସେ ଉଲ୍ଲେଖ କରିଥିଲେ। ଅନ୍ୟପଟେ କଂଗ୍ରେସ ଶାସନ ସମୟରେ ନକ୍ସଲ ପ୍ରଭାବିତ ଅଞ୍ଚଳରେ ବିକାଶକୁ ଆବଶ୍ୟକ ଗୁରୁତ୍ୱ ଦିଆଯାଇନଥିବା ଅଭିଯୋଗ କରିଥିଲେ। ନକ୍ସଲବାଦର ପ୍ରଭାବରେ ଜଙ୍ଗଲ ଅଞ୍ଚଳରେ ଶିକ୍ଷା ଓ ସାଂସ୍କୃତିକ ଜୀବନ କ୍ଷତିଗ୍ରସ୍ତ ହୋଇଥିବା କହି ଶାହ ଭାବପ୍ରବଣ ମନ୍ତବ୍ୟ ଦେଇଥିଲେ। ଯେଉଁ ଜଙ୍ଗଲରେ ମହୁଲ ଓ ଲୋକଗୀତର ମାହୋଲ ରହିବା କଥା, ସେଠାରେ ବାରୁଦୀ ସୁଡ଼ଙ୍ଗ ବିଛାଯାଇଥିଲା। ଯେଉଁ ପିଲାଙ୍କ ହାତରେ ବହି ଓ ବସ୍ତାନି ରହିବା କଥା, ସେମାନଙ୍କ ହାତରେ ବନ୍ଧୁକ ଧରାଇ ଦିଆଯାଇଥିଲା ବୋଲି ସେ କହିଥିଲେ।



ଜୀବନଚର୍ଯ୍ୟା



ଚିକେନ ଲଲିପପ

ଆବଶ୍ୟକ ସାମଗ୍ରୀ: ଚିକେନ, ସୋୟା ସସ, ଚିଲି ସସ, ଟମାଟୋ କ୍ୟାଚଅପ୍, ଲେମ୍ବୁ ରସ, ଅଦାରସୁଣ ପେଷ୍ଟ, ଲୁଣ, ଗୋଲମରିଚ ଗୁଣ୍ଡ, ଅଣ୍ଡା, କର୍ଣ୍ଣଫ୍ଲୋର, ମଇଦା, ଚିଲି ଫ୍ଲେକ୍ସ, ସ୍ପ୍ରିଙ୍ଗ ଓନିଅନ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଏକ ବାଉଲରେ ସୋୟା ସସ, ଚିଲିସସ, ଟମାଟୋ କ୍ୟାଚଅପ, ଲେମ୍ବୁ ରସ, ଅଦାରସୁଣ ପେଷ୍ଟ, ଲୁଣ, ଗୋଲମରିଚ ଗୁଣ୍ଡ, ଅଣ୍ଡା, କର୍ଣ୍ଣଫ୍ଲୋର ଓ ମଇଦା, ଲୁଣକୁ ମିଶାଇ ଏକ ଭଲ ଘୋଳ ପ୍ରସ୍ତୁତ କରନ୍ତୁ। ଏହାପରେ ସେଥିରେ ଚିକେନକୁ ମ୍ୟାରିନେଟ କରି ଗୋଟିଏ ଘଣ୍ଟା ପାଇଁ ଛାଡ଼ି ଦିଅନ୍ତୁ। ଏହାପରେ ଏକ କଡ଼େଇରେ ତେଲ ଗରମ କରି ଚିକେନକୁ ଫ୍ରାଏ କରି ରଖନ୍ତୁ। ଏବେ ଆଉ ଏକ ପ୍ୟାନରେ କିଛି ତେଲ ନେଇ ସେଥିରେ ଛୋଟ ଛୋଟ କଟା ଯାଇଥିବା, ଅଦା, ରସୁଣ, ଚିଲି ଫ୍ଲେକ୍ସ, ଚିଲି ସସ, ସୋୟା ସସ, ଟମାଟୋ କ୍ୟାଚଅପ୍, ଲୁଣ ମିଶାଇ ଗୋଳାନ୍ତୁ। ଅଳ୍ପ କିଛି ପାଣି ମିଶାନ୍ତୁ। ଏହାପରେ ସେଥିରେ ଛଣା ଯାଇଥିବା ଚିକେନ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏହା ଉପରେ କିଛି ସ୍ପ୍ରିଙ୍ଗ ଓନିଅନ ପକାନ୍ତୁ। ଏଥର ଚିକେନ ଲଲିପପ ପ୍ରସ୍ତୁତ ହୋଇଗଲା।



ଖବର

ମାଆଙ୍କ ନାଗୁଣୀ ବେଶରେ ଜାହ୍ନବୀ



ଦିବଂଗତ ମାଆ ଶ୍ରୀଦେବୀଙ୍କ ଲୋକପ୍ରିୟ ସିନେମା 'ନାଗୀନା'ର ଲୁକ୍‌କୁ ରିକ୍ରିଏଟ୍ କରି ସେ ଏବେ ଚର୍ଚ୍ଚାକୁ ଆସିଛନ୍ତି। ହଲୋଓ୍ୱିନ୍ ଅବସରରେ ଜାହ୍ନବୀ ମା'ଙ୍କ ଚର୍ଚ୍ଚିତ ନାଗୁଣୀ ବେଶକୁ ଅବିକଳ ଅନୁକରଣ କରିଛନ୍ତି। ଏହି ବିଶେଷ ପ୍ରୟାସ ମାଧ୍ୟମରେ ସେ ନିଜ ମା'ଙ୍କ ସହ ଚଳଚ୍ଚିତ୍ରର ଅନ୍ୟ ଦୁଇ କିଂବଦନ୍ତି ଅଭିନେତା ଋଷି କପୁର ଓ ଅମରେଶ ପୁରୀଙ୍କୁ ମଧ୍ୟ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମ ଇନ୍‌ଷ୍ଟାଗ୍ରାମ୍‌ରେ ଏହି ଫଟୋଗୁଡ଼ିକ ଏବେ ଭାଇରାଲ୍ ହେବାରେ ଲାଗିଛି। ଫଟୋରେ ସେ ମାଆଙ୍କ ପରି ଶାଢ଼ି, ଭାରୀ ଅଳଙ୍କାର, ସ୍ୱତନ୍ତ୍ର ଶୃଙ୍ଗାର ଓ କେଶବିନ୍ୟାସରେ ନଜର ଆସିଛନ୍ତି। ଜାହ୍ନବୀଙ୍କର ଏହି ଫଟୋକୁ ମିଶ୍ର ପ୍ରତିକ୍ରିୟା ମିଳିଛି। କେହି କେହି ତାଙ୍କୁ ମା'ଙ୍କର ଅବିକଳ ନକଲ ବୋଲି କହୁଥିବାବେଳେ କେହି କେହି ଶ୍ରୀଦେବୀଙ୍କ ସହ ସେ ତୁଳନୀୟା ଆଦୌ ନୁହନ୍ତି ବୋଲି ମତ ରଖିଛନ୍ତି। ଶ୍ରୀଦେବୀଙ୍କ 'ନାଗୀନା'ରୂପକୁ ରିକ୍ରିଏଟ୍। କରିବାରେ ଜାହ୍ନବୀଙ୍କୁ ବନ୍ଧୁ ଓରି ସାହାଯ୍ୟ କରିଥିବାର ଦେଖିବାକୁ ମିଳିଛି। ସୋସିଆଲ୍ ମିଡିଆରେ କରିଥିବା ପୋଷ୍ଟରେ ଜାହ୍ନବୀ ଲେଖିଛନ୍ତି, ''ହାଲୋଓ୍ୱିନ୍‌ରେ ନିଜର ପ୍ରିୟ ଚରିତ୍ର କିମ୍ବା ଲୋକପ୍ରିୟ ସଂସ୍କୃତିର ସ୍ମରଣୀୟ ମୁହୂର୍ତ୍ତକୁ ଅନୁକରଣ କରିବାର ପରମ୍ପରା ରହିଛି। ଏହା କେବଳ ରହସ୍ୟ କିମ୍ବା ମନୋରଞ୍ଜନର ମାଧ୍ୟମ ନୁହେଁ, ପ୍ରିୟ ବ୍ୟକ୍ତି ଓ ଚରିତ୍ରଙ୍କ ପ୍ରତି ଶ୍ରଦ୍ଧା ଜଣାଇବାର ଏକ ପ୍ରକୃଷ୍ଟ ଅବସର ମଧ୍ୟ। ମାମା, ଋଷି ଅଙ୍କଲ୍ ଓ ଅମରୀଶ ସାରଙ୍କଠାରୁ ସ୍ମରଣୀୟ ଆଉ କିଏ ହୋଇପାରିବେ।''

ଘରର ପାଣି ଟାଙ୍କି କେଉଁଠି ରହିବା ଉଚିତ



ଘର କରିବା ବେଳେ ପ୍ରାୟତଃ ସମସ୍ତେ ପାଣି ଟାଙ୍କି ଛାତ ଉପରେ ବନାଇଥା'ନ୍ତି ଫ ହେଲେ ଅନେକ ଏହାକୁ ନିର୍ମାଣ କରିବା ବେଳେ ବାସ୍ତୁକୁ ଧ୍ୟାନ ଦେଇ ନ ଥା'ନ୍ତି । ତା'ହେଲେ ଆସନ୍ତୁ ଜାଣିବା ଘରର କେଉଁ ଦିଗରେ ପାଣି ଟାଙ୍କି ରହିବା ଉଚିତ ଓ କେଉଁଠି ରହିବା ଉଚିତ ନୁହେଁ।

୧. ଘରର ପାଣି ଟାଙ୍କି ଦକ୍ଷିଣ ଓ ଦକ୍ଷିଣ-ପଶ୍ଚିମ ଦିଗରେ ନିର୍ମାଣ କରନ୍ତୁ। ଏହାଦ୍ୱାରା ଘରର ସୁଖ ସମୃଦ୍ଧି ବଢ଼ିଥାଏ।

୨. ସେହିପରି ଘରର ପାଣି ଟାଙ୍କି ପଶ୍ଚିମ ଦିଗରେ ମଧ୍ୟ ନିର୍ମାଣ କରିପାରିବେ। ଏହାଦ୍ୱାରା ଶୁଭଫଳ ମିଳିଥାଏ। କାରଣ ପଶ୍ଚିମ ଦିଗ ବରୁଣ ଦେବତା ରହିଥା'ନ୍ତି । ବରୁଣ ଦେବତା ଜଳର ଦେବତା ଅଟନ୍ତି।

୩. ଘରର ଦକ୍ଷିଣ-ପୂର୍ବ ଦିଗରେ ପାଣି ଟାଙ୍କି ଦିଗରେ କରିବା ଉଚିତ ନୁହେଁ। ଏହାଦ୍ୱାରା ଧନହାନୀ ହୋଇଥାଏ। ଏହା ସହ ଦୁର୍ଘଟଣା ଘଟିଥାଏ।

୪. ଉତ୍ତର-ପଶ୍ଚିମ ଦିଗରେ ପାଣି ଟାଙ୍କି ନିର୍ମାଣ କରିବା ଉଚିତ ନୁହେଁ। ଯଦି ଏହି ଦିଗରେ ପାଣି ଟାଙ୍କି ନିର୍ମାଣ କରୁଛନ୍ତି, ତା'ହେଲେ ଟାଙ୍କିର ଆକାର ଛୋଟ କରନ୍ତୁ। ପାଣି ଟାଙ୍କିରେ ପ୍ଲାଷ୍ଟିକ ଜାଙ୍କୁଣୀ ଲଗାନ୍ତୁ ନାହିଁ।

ଓଠର କଳାପଣ ଦୂର କରିବାର ସହଜ ଉପାୟ



ପିଆଜର ରସ ସହ ଭିଟାମିନ-ଇ ମିଶାଇ ଏହାକୁ ରାତିରେ ଓଠରେ ଲଗାନ୍ତୁ। ସକାଳେ ଧୋଇ ଦିଅନ୍ତୁ। ଏପରି କରିବା ଦ୍ୱାରା ଓଠର କଳାପଣ ଦୂର ହୋଇଥାଏ। ପିଆଜର ରସକୁ ମୁହଁରେ ଲଗାଇଲେ ମୁହଁରେ ଥିବା କଳାଦାଗ ଦୂର ହୋଇଥାଏ। ୧ ଚମଚ ପିଆଜ ରସ, ବେସନ ୧ ଚମଚ , ଅଳ୍ପ କ୍ଷୀର ମିଶାଇ ଏହାକୁ ମୁହଁରେ ଲଗାନ୍ତୁ। ଏହାକୁ ମୁହଁରେ ଲଗାଇ ୧୫ ମିନିଟ ରଖନ୍ତୁ। ୧୫ ମିନିଟ ପରେ ଧୋଇ ଦିଅନ୍ତୁ। ଏପରି ସପ୍ତାହକୁ ୩ରୁ ୪ ଥର ଲଗାଇବା ଦ୍ୱାରା ମୁହଁ ଗୋରା ଓ ଉଜ୍ଜ୍ୱଳ ହୋଇଥାଏ। ତ୍ୱଚର ଦାଗ ଦୂର କରେ -ବହୁ ପୁରୁଷ ଓ ମହିଳାଙ୍କ ମୁହଁରେ ବିଭିନ୍ନ ଦାଗ ଥାଏ। ନିୟମିତ ପିଆଜର ଚୋପାକୁ ବ୍ୟବହାର କରି ପେଷ୍ଟ ପ୍ରସ୍ତୁତ କରନ୍ତୁ। ସେଥିରେ ମହୁ ଓ ହଳଦୀ ମିଶାଇ ମୁହଁରେ ଲଗାନ୍ତୁ। ଏହାକୁ ମୁହଁରେ ଲଗାଇ ୧୫ ମିନିଟ ରଖି ଧୋଇ ଦିଅନ୍ତୁ। ଏହା ଦ୍ୱାରା ମୁହଁର ସମସ୍ତ ଦାଗ ଦୂର ହୋଇଥାଏ। ପିଆଜର ଚୋପାକୁ ପାଣିରେ ପକାଇ ୮ ଘଣ୍ଟା ରଖି ଦିଅନ୍ତୁ। ଏହାପରେ ଏହାକୁ ସେବନ କରନ୍ତୁ। ଏପରି ପିଆଜ ଚୋପାର ସେବନ କରିବା ଦ୍ୱାରା କୋଲେଷ୍ଟେରୋଲ ମାତ୍ର। ନିୟନ୍ତ୍ରଣ ହୋଇ ରହିଥାଏ। ଚର୍ମକୁ ପରିଷ୍କାର କରିବା ତଥା ଉଜ୍ଜ୍ୱଳ କରିବା ପାଇଁ ଆମେ ପିଆଜକୁ ବ୍ୟବହାର କରି ପାରିବା। ଏଥିରେ ପ୍ରଚୁର ପରିମାଣରେ ଆଣ୍ଟି-ଅକ୍ସିଡ଼ା□ ଥିବାରୁ ପିଆଜକୁ ପେଷ୍ଟ କରି ଏହାକୁ ମୁହଁରେ ଲଗାଇଲେ ମୁହଁର ଚମକ ବୃଦ୍ଧି ପାଇଥାଏ। ପିଆଜରେ ଭିଟାମିନ ଏ, ସି, ଇ ଥିବାରୁ ସୂର୍ଯ୍ୟଙ୍କ ଠାରୁ ଆସୁଥିବା ଅତି ବାଇଗଣୀ ରଶ୍ମିକୁ ପ୍ରତିହତ କରିବା ସହ ଚର୍ମକୁ ବାହ୍ୟ ସଂକ୍ରମଣରୁ ରକ୍ଷା କରିବା ସହ ଉଜ୍ଜ୍ୱଳତା ପ୍ରଦାନ କରିଥାଏ।

ବିଳମ୍ବିତ ରାତିରେ ଖାଉଛନ୍ତି କି ? ହୋଇଯାଆନ୍ତୁ ସାବଧାନ



ଅନେକ ଲୋକେ ନିଜର ବ୍ୟସ୍ତ ଜୀବନଶୈଳୀ ଯୋଗୁଁ ରାତିରେ ଶୀଘ୍ର ଖାଇ ପାରନ୍ତି ନାହିଁ। ସେମାନଙ୍କୁ ବିଳମ୍ବିତ ରାତିରେ ଖାଦ୍ୟ ଖାଇବାକୁ ପଡିଥାଏ। ତେବେ ଡେରିରେ ରାତ୍ରୀ ଭୋଜନ କରିବା ଶରୀର ଓଜନ ବୃଦ୍ଧି କରିବା ସହିତ ହୃଦୟ ପାଇଁ ମଧ୍ୟ ବିପଦ ଡାକି ଆଣିପାରେ। ବିଳମ୍ବିତ ରାତିରେ ଖାଦ୍ୟ ଖାଇବା ଦ୍ୱାରା ସ୍ୱାସ୍ଥ୍ୟ ଉପରେ ବିଭିନ୍ନ ଖରାପ ପ୍ରଭାବ ପଡିଥାଏ। ଲେଟ୍ ନାଇଟ୍ ଭୋଜନ କଲେ କ'ଣ ସବୁ ସମସ୍ୟା ଉପୁଜେ ଆସନ୍ତୁ ଜାଣିବା। ବିଳମ୍ବିତ ରାତିରେ ଭୋଜନ କରିବା ଦ୍ୱାରା ଓଜନ କମିବା ବଦଳରେ ବିବାକୁ ଲାଗିବ। ଓଜନ ବୃଦ୍ଧି ହେବା ଫରେ ସ୍ୱାସ୍ଥ୍ୟ ଜନିତ ଅନେକ ସମସ୍ୟା ମଧ୍ୟ ସୃଷ୍ଟି କରିପାରେ। ସେଥିପାଇଁ ରାତ୍ରୀ ଭୋଜନ ସବୁବେଳେ



ଠିକ୍ ସମୟରେ ଖାଇବା ଉଚିତ ଯଦି ଆପଣ ଓଜନ ହ୍ରାସ କରିବାକୁ ଚାହୁଁଛନ୍ତି, ତେବେ ଠିକ୍ ସମୟରେ ରାତ୍ରୀ ଭୋଜନ ଆରମ୍ଭ କରନ୍ତୁ। ବିଳମ୍ବିତ ରାତିରେ ଖାଇବା ଆପଣଙ୍କ ମସ୍ତିଷ୍କ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ସାଂଘାତିକ ହୋଇପାରେ। ଅନେକ ଗବେଷଣା ଅନୁଯାୟୀ, ବିଳମ୍ବିତ ରାତିରେ ଖାଦ୍ୟ ଖାଇବା ଦ୍ୱାରା ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପଡିପାରେ। ଏହା ଆପଣଙ୍କ ଏକାଗ୍ରତା ଏବଂ ସ୍ମରଣ ଶକ୍ତି କ୍ଷମତାକୁ ପ୍ରଭାବିତ କରିଥାଏ। ଏଥିପାଇଁ ଡାକ୍ତରମାନେ ରାତି ୭ଟାରୁ ୯ଟା ଭିତରେ ଖାଇବା ପାଇଁ ପରାମର୍ଶ ଦେଇଥା'ନ୍ତି । ଯଦି ଆପଣଙ୍କ ଲେଟ୍ ନାଇଟରେ ଖାଇବା ପରେ ତୁରନ୍ତ ଶୋଇବା ଅଭ୍ୟାସ ଅଛି ତେବେ ସାବଧାନ ହୋଇ ଯାଆନ୍ତୁ। ଏପରି କରିବା ଦ୍ୱାରା ଛାତିରେ ଯନ୍ତ୍ରଣା, ଅମ୍ଳପିତ ଏବଂ ପେଟ ଜନିତ ସମସ୍ୟା ଆଦି ଦେଖା ଦେଇପାରେ। ରାତିରେ ଜଙ୍କ ଫୁଡ୍ ଖାଇବା ଠାରୁ ଦୂରେଇ ରହିବା ଉଚିତ ଲେଟ୍ ନାଇଟରେ ଜଙ୍କ ଫୁଡ୍ ଖାଇବା ଦ୍ୱାରା ମେଦବହୁତଳା ସମସ୍ୟା ସୃଷ୍ଟି ହୋଇପାରେ। ଏଥିପାଇଁ ଆପଣ ନିଜ ଦୈନନ୍ଦିନ ରାତ୍ରି ଭୋଜନରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରିବା ଉଚିତ। ଏଥିସହ ଆପଣ ଚାହିଁଲେ ଖାଇବା ପରେ ବାଦାମ କିମ୍ବା ଆପଲ ମଧ୍ୟ ଖାଇପାରିବେ।

ଓଜନ କମାଇବାକୁ ଚାହୁଁଥିଲେ ଖା'ନ୍ତୁ ଡାଲି-ଭାତ

ଓଜନ କମାଇବା ଏବଂ ପତଳା ଦେଖାଯିବା ପାଇଁ ସମସ୍ତେ ଚାହାନ୍ତି। ଏଥିପାଇଁ କିଏ ଯୋଗ କରେ ତ ଆଉ କିଏ ଜିମ ଯାଏ। ସେହିପରି ପତଳା ହେବା ପାଇଁ ଅନେକ ଲୋକେ ଡାଏଟ ମଧ୍ୟ



ଫଲୋ କରନ୍ତି। ଖାଦ୍ୟ ଛାଡି କେବଳ ଗ୍ରୀନ ସାଲଡ ଏବଂ ଜୁସ୍ ପିଅନ୍ତି। କେବଳ ସେତିକି ନୁହେଁ ଅନେକ ଲୋକେ ଭାତ-ଡାଲି ବଦଳରେ ରୁଟି ଖାଇବା ଆରମ୍ଭ କରିଦିଅନ୍ତି। ଭାତ-ଡାଲି ଖାଇଲେ ଓଜନ ବଢ଼ିଯାଏ ବୋଲି ଲୋକେ ଭାବନ୍ତି, କିନ୍ତୁ ଏହା ଭୁଲ ଧାରଣା। ସଠିକ ଢଙ୍ଗରେ ଏବଂ ଠିକ ଉପାୟରେ ଭାତ ଡାଲି ଖାଇଲେ ଓଜନ କମିପାରିବ। ଏହାକୁ ଆପଣ ଚାହିଁଲେ ନିଜ ଡାଏଟରେ ମଧ୍ୟ ସାମିଲ କରିପାରିବେ। ତେବେ ଆସନ୍ତୁ ଜାଣିବା ଭାତ-ଡାଲିକୁ କିଭଳି ନିଜ ଡାଏଟ ସାମିଲ କଲେ ଓଜନ କମିବ।

- ଅଧିକାଂଶ ଲୋକ ଭାବନ୍ତି ଯଦି ସେମନେ ଭାତ-ଡାଲି ଖାଇବେ ତେବେ ସେମାନଙ୍କ ଓଜନ ବଢ଼ିଯିବ। ଏହା ଏକ ସାଧାରଣ ଖାଦ୍ୟ। ପ୍ରାୟ ସମସ୍ତଙ୍କ ଘରେ ଡାଲି-ଭାତ ତିଆରି ହୁଏ। ଏହାକୁ ଏକା ସହ ଖାଇବା ସ୍ୱାସ୍ଥ୍ୟ ପାଇଁ ହିତକର ହେବା ସହ ଏହା ଓଜନ କମାଇବାରେ ମଧ୍ୟ ସହାୟକ ହୋଇଥାଏ।

-ଡାଲିରେ ପ୍ରୋଟିନର ମାତ୍ରା ଭରପୁର ରହିଛି ଏବଂ ଚଉଳରେ କାର୍ବୋହାଇଡ୍ରେଟ୍। ଯେତେବେଳେ ଡାଲି ଏବଂ ଭାତକୁ ଆପଣ ଏକା ସହ ଖାଇବେ, ସେତେବେଳେ ଆପଣଙ୍କ ଶରୀରକୁ କାର୍ବୋହାଇଡ୍ରେଟ୍ ସହ ଅନେକ ଆବଶ୍ୟକୀୟ ଭିଟାମିନ ମିଳିପାରିବ। ଡାଲି ଏବଂ ଭାତ ଶରୀରରେ ହଜମ ପ୍ରକ୍ରିୟାକୁ ଠିକ ରଖେ। ତେଣୁ ଏହାକୁ ଖାଇଲେ ଓଜନ ବଢ଼େନାହିଁ ବୋଲି ଏକ ଅଧ୍ୟୟନରୁ ଜଣାପଡିଛି।

-ଡାଲି-ଭାତର କମ୍ବିନେସନ ଓଜନ କମାଇବାର ସବୁଠୁ ଭଲ ବିକଳ୍ପ। ଏଥିରେ ଥିବା ପ୍ରୋଟିନ୍ ଏବଂ କାର୍ବୋହାଇଡ୍ରେଟ ଦ୍ୱାରା ଶରୀରରେ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ହୋଇନଥାଏ। ଫଳରେ ଓଜନ କମାଇବାରେ ଏହା ସହାଯ୍ୟ କରିଥାଏ।

-ନିରାମିଶାଷି ବ୍ୟକ୍ତିଙ୍କ ପାଇଁ ପ୍ରୋଟିନର ସବୁଠୁ ଭଲ ମାଧ୍ୟମ ହେଉଛି ଡାଲି-ଭାତ।

ଜଳଯୋଗାଣ ସ୍ୱାଭାବିକ କରିବାକୁ ନିର୍ଦ୍ଦେଶ



ଭୁବନେଶ୍ୱର,୩।୧୧ (ମହାଭାରତ): ବାତ୍ୟାର ପ୍ରଭାବରେ ବ୍ରହ୍ମପୁର ସହରରେ ବ୍ୟାହତ ହୋଇଥିବା ଜଳଯୋଗାଣ ବ୍ୟବସ୍ଥାକୁ ଯଥାଶୀଘ୍ର ସ୍ୱାଭାବିକ କରିବା ଲକ୍ଷ୍ୟରେ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଜରୁରୀକାଳୀନ ପଦକ୍ଷେପକୁ ଅଧିକ ତ୍ୱରାନ୍ୱିତ କରାଯାଇଛି। ଜନିଭିଲି ଇନ୍‌ଟେକ୍‌ର ପୁନରୁଦ୍ଧାର କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଥିବାବେଳେ ଉପଭୋକ୍ତାମାନଙ୍କ ଅସୁବିଧା ହ୍ରାସ କରିବା ପାଇଁ ବିକଳ୍ପ ଜଳଯୋଗାଣ ବ୍ୟବସ୍ଥା ମଧ୍ୟ କରାଯାଇଛି। ନଭେମ୍ବର ୧ ତାରିଖ ସକାଳ ୧୦ଟା ସୁଦ୍ଧା ଉପଲବ୍ଧ ତଥ୍ୟ ଅନୁଯାୟୀ, ବ୍ରହ୍ମପୁର ସହରର ଦୈନିକ ଜଳ ଆବଶ୍ୟକତା ୯୦ ନିୟୁତ ଲିଟର (ଏମ୍‌ଏଲ୍‌ଡି) ଥିବାବେଳେ ବର୍ତ୍ତମାନ ୭୦ ଏମ୍‌ଏଲ୍‌ଡି ଜଳ ଯୋଗାଣ କରାଯାଉଛି। ଏଥିମଧ୍ୟରୁ ୬୪ ଏମ୍‌ଏଲ୍‌ଡି ଭୂପୃଷ୍ଠ ଜଳ ଉତ୍ସରୁ ଏବଂ ଅତିରିକ୍ତ ୬ ଏମ୍‌ଏଲ୍‌ଡି ଜଳ ୧୫ଟି ଉତ୍ପାଦନ କୂପ ମାଧ୍ୟମରେ ଯୋଗାଇ ଦିଆଯାଉଛି।ଜଳ ବଂଟନ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ସହ ପ୍ରଭାବିତ ଅଂଚଳର ଆବଶ୍ୟକତା ପୂରଣ ପାଇଁ ମୋଟ ୨୦ଟି ଟ୍ୟାଙ୍କର ନିୟୋଜିତ କରାଯାଇଛି। ଏଥିରେ ୧୨ଟି ଘରୋଇ ଟ୍ୟାଙ୍କର ଅନ୍ତର୍ଭୁକ୍ତ। ବାତ୍ୟା ପରବର୍ତ୍ତୀ ସମୟରେ ନିରାପଦ ପାନୀୟ ଜଳ ଯୋଗାଣର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଜଳ ବିଶୋଧନାଗାରଗୁଡ଼ିକରେ ଅଧିକ ମାତ୍ରାରେ କ୍ଲୋରିନେସନ୍ ବ୍ୟବସ୍ଥା ଜାରି ରହିଛି। ପ୍ରି-କ୍ଲୋରିନେସନ୍ ୪ ପିପିଏମ୍ ଏବଂ ପୋଷ୍ଟ-କ୍ଲୋରିନେସନ୍ ୧୦ ପିପିଏମ୍ ମାତ୍ରାରେ କରାଯାଉଥିବାବେଳେ ବିତରଣ ବ୍ୟବସ୍ଥାର ଶେଷଭାଗରେ ଥିବା ଅଂଚଳଗୁଡ଼ିକରେ ୨ ପିପିଏମ୍ କ୍ଲୋରିନେସନ୍ ସୁନିଶ୍ଚିତ କରାଯାଉଛି। ଏହାଦ୍ୱାରା ଜଳର ଗୁଣବତ୍ତା ବଜାୟ ରଖିବା ସହ ଜନସ୍ୱାସ୍ଥ୍ୟର ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଉଛି। ଅନ୍ୟପକ୍ଷରେ, ହିଞ୍ଜିଳିକାଟୁ ଏବଂ ଗୋପାଳପୁରରେ ଜଳଯୋଗାଣ ବ୍ୟବସ୍ଥା ସ୍ୱାଭାବିକ ଭାବେ କାର୍ଯ୍ୟ କରୁଛି। ଜନିଭିଲି ଇନ୍‌ଟେକ୍‌ର ପୁନରୁଦ୍ଧାରକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଇଛି। ଏଥିପାଇଁ ଇନ୍‌ଟେକ୍ ନିକଟସ୍ଥ କନେକ୍ଟିକଟ୍ ନାଳାରେ ବାଲିବସ୍ତାର ଅସ୍ଥାୟୀ ପ୍ରତିବନ୍ଧକ ନିର୍ମାଣ କରି ଜଳର ପ୍ରବାହକୁ ନିୟନ୍ତ୍ରଣ କରିବା ସହ ଇନ୍‌ଟେକ୍ ଭିତ୍ତିଭୂମିର ମରାମତି ଓ ପୁନରୁଦ୍ଧାର ପାଇଁ ଅନୁକୂଳ ପରିସ୍ଥିତି ସୃଷ୍ଟି କରାଯାଉଛି। ନଭେମ୍ବର ୧ ତାରିଖ ସକାଳ ୫ଟାରୁ ବାଲିବନ୍ଧ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଏହି କାର୍ଯ୍ୟରେ ପ୍ରାୟ ୧୨୦ ଜଣ ଶ୍ରମିକ, ୩ଟି ଏକ୍ସକାଭେଟର ଏବଂ ୨ଟି ଟ୍ରାକ୍ଟର ନିୟୋଜିତ ହୋଇଛନ୍ତି। ଅସ୍ଥାୟୀ ପ୍ରତିବନ୍ଧକ ନିର୍ମାଣ ପାଇଁ ପ୍ରାୟ ୨୦ ହଜାର ବାଲିବସ୍ତା ବ୍ୟବହାର କରିବାର ଯୋଜନା ରହିଛି। କାର୍ଯ୍ୟରେ ନିୟୋଜିତ ଶ୍ରମିକ ଓ ଯନ୍ତ୍ରପାତିଙ୍କ ପାଇଁ ସାମଗ୍ରୀ ପରିବହନ, ବିଦ୍ୟୁତ୍ ଯୋଗାଣ, ଆଲୋକୀକରଣ, ରହିବା, ଖାଦ୍ୟ ଓ ପାନୀୟ ଜଳର ସୁବ୍ୟବସ୍ଥା କରାଯାଇଛି। ଏହାଦ୍ୱାରା ରାତ୍ରିକାଳୀନ କାର୍ଯ୍ୟ ସମେତ ସମସ୍ତ କାର୍ଯ୍ୟ ନିରବଚ୍ଛିନ୍ନ ଭାବେ ଜାରି ରଖିବା ସମ୍ଭବ ହେବ। ସମନ୍ୱିତ ଭାବେ ଏହି କାର୍ଯ୍ୟ ଚାଲିଥିବାବେଳେ ଯଥାଶୀଘ୍ର ଅସ୍ଥାୟୀ ବାଲିବନ୍ଧ ନିର୍ମାଣ ଶେଷ କରିବା ଉପରେ ଗୁରୁତ୍ୱ ଦିଆଯାଉଛି। ଜଳପ୍ରବାହ ଆବଶ୍ୟକ ମାତ୍ରାରେ ନିୟନ୍ତ୍ରିତ ହେବା ପରେ ତୁରନ୍ତ ଜନିଭିଲି ଇନ୍‌ଟେକ୍‌ର ସଫେଇ, ମରାମତି ଏବଂ ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ କରାଯିବ। ପୁନରୁଦ୍ଧାର ଓ ଜରୁରୀକାଳୀନ ପଦକ୍ଷେପଗୁଡ଼ିକୁ ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ, ପୌର ପ୍ରଶାସନ ନିର୍ଦ୍ଦେଶକ ଶ୍ରୀ ଅରବିନ୍ଦ ଡାକୁଆ ଏବଂ ୱାଟକୋର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଦେବବ୍ରତ ମହାନ୍ତି ବ୍ୟକ୍ତିଗତ ଭାବେ ତଦାରଖ କରୁଛନ୍ତି।

ଜନଗଣନା ପାଇଁ ବିଏମସିର ପ୍ରଶିକ୍ଷଣ ଶିବିର

ଭୁବନେଶ୍ୱର,୩।୧୧ (ମହାଭାରତ): ୨୦୨୭ ଜନଗଣନାର ଦ୍ୱିତୀୟ ପର୍ଯ୍ୟାୟ ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍ସି) ପକ୍ଷରୁ ଚାର୍ଜ ଅଫିସର ଓ ଚାର୍ଜ ଅଫିସିଆଲମାନଙ୍କ ନିମନ୍ତେ ଆୟୋଜିତ



ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ବିଏମ୍ସି ମୁଖ୍ୟାଳୟରେ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରର ଉଦ୍‌ଯାପନୀ ଦିବସରେ ଓଡ଼ିଶାର ଜନଗଣନା ପରିଚାଳନା ନିର୍ଦ୍ଦେଶକ ତଥା ନାଗରିକ ପଞ୍ଜୀକରଣ ନିର୍ଦ୍ଦେଶକ ଶ୍ରୀ ନିଖିଳ ପଓ୍ୱନ କଲ୍ୟାଣ ଏବଂ ବିଏମ୍ସି କମିଶନର ତଥା ଭୁବନେଶ୍ୱର ଅଞ୍ଚଳର ପ୍ରମୁଖ ଜନଗଣନା ଅଧିକାରୀ ଶ୍ରୀ ଚଞ୍ଚଳ ରାଣା ଯୋଗଦେଇ ଜନଗଣନାର ବିଭିନ୍ନ ଦିଗ ଉପରେ ଆବଶ୍ୟକ ମାର୍ଗଦର୍ଶନ କରିଥିଲେ। ଜନଗଣନା କାର୍ଯ୍ୟରେ ସଠିକତା, ସମନ୍ୱୟ ଓ ସମୟାନୁବର୍ତ୍ତିତା ବଜାୟ ରଖିବା ସହ ଧାର୍ଯ୍ୟ ସମୟସୀମା ମଧ୍ୟରେ ସମସ୍ତ କାର୍ଯ୍ୟ ସମ୍ପନ୍ନ କରିବାକୁ ସେମାନେ ଗୁରୁତ୍ୱାରୋପ କରିଥିଲେ।

ଜନଗଣନା କାର୍ଯ୍ୟର ସୁପରିଚାଳନା ପାଇଁ ବିଏମ୍ସି ଅଞ୍ଚଳକୁ ୮ଟି ଚାର୍ଜ କ୍ଷେତ୍ରରେ ବିଭକ୍ତ କରାଯାଇଛି। ପ୍ରତ୍ୟେକ କ୍ଷେତ୍ରରେ କାର୍ଯ୍ୟ ସମ୍ପାଦନ ନିମନ୍ତେ ୮ ଜଣ ଚାର୍ଜ ଅଫିସର ବା ଡେପୁଟି କମିଶନର, ୮ ଜଣ ଅତିରିକ୍ତ ଚାର୍ଜ ଅଫିସର, ୮ ଜଣ ଚାର୍ଜ କ୍ଲର୍କ ଏବଂ ୮ ଜଣ ବୈଷୟିକ ସହାୟକଙ୍କୁ ନିୟୋଜିତ କରାଯାଇଛି। ଏହି ଅଧିକାରୀ ଓ କର୍ମଚାରୀମାନଙ୍କୁ ଜନଗଣନା ସମ୍ପର୍କିତ ପ୍ରକ୍ରିୟା, ଦାୟିତ୍ୱ ଓ କାର୍ଯ୍ୟ ପରିଚାଳନା ବିଷୟରେ ଦୁଇଦିନ ଧରି ପ୍ରଶିକ୍ଷଣ ଦିଆଯାଇଥିଲା। ରାଜ୍ୟ ଜନଗଣନା କାର୍ଯ୍ୟାଳୟର ଅଧିକାରୀ ଶ୍ରୀ ରାଜେନ୍ଦ୍ର କୁମାର ସାହୁ ମାଷ୍ଟର ଟ୍ରେନର ଭାବେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି ଅବସରରେ ବିଏମ୍ସିର ଅତିରିକ୍ତ କମିଶନର ଶ୍ରୀମତୀ ସସ୍ମିତା ସାହୁ, ଜନଗଣନା ବିଭାଗର ଯୁଗ୍ମ ନିର୍ଦ୍ଦେଶକଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ପୂର୍ବତଟ ରେଳପଥ ମୁଖ୍ୟାଳୟରେ ରାଷ୍ଟ୍ରୀୟ ଏକତା ଦିବସ

ଭୁବନେଶ୍ୱର,୩।୧୧ (ମହାଭାରତ): ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମବାର୍ଷିକୀକୁ ସ୍ମରଣ କରି ପୂର୍ବ ତଟ ରେଳପଥ ଏହାର ମୁଖ୍ୟାଳୟ



ରେଳ ସଦନ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱରଠାରେ ରାଷ୍ଟ୍ରୀୟ ଏକତା ଦିବସ ପାଳନ କରିଛି। ଏହି ଅବସରରେ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲଙ୍କ ନେତୃତ୍ୱରେ ଜାତୀୟ ଏକତା ଦିବସ ପାଳନ ସହ ଏକ ସ୍ପନ୍ଦନଶୀଳ "ଏକତା ପାଇଁ ରନ୍" ରାଲି ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଶ୍ରୀ ଫୁଙ୍କୱାଲ ପୂର୍ବ ତଟ ରେଳପଥର ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ରାଷ୍ଟ୍ରୀୟ ଏକତା ଦିବସ ଶପଥ ପାଠ କରାଇଥିଲେ। ଏହି ଶପଥ ଦେଶର ଏକତା, ଅଖଣ୍ଡତା ଏବଂ ସୁରକ୍ଷାକୁ ସୁରକ୍ଷିତ ରଖିବା ସହ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଦ୍ୱାରା ପରିକଳ୍ପିତ ଜାତୀୟ ସଂହତିର ଆଦର୍ଶକୁ ବଜାୟ ରଖିବା ପ୍ରତି ସେମାନଙ୍କର ପ୍ରତିବଦ୍ଧତାକୁ ଦୃଢ଼ୀଭୂତ କରିଥିଲା। ଶପଥ ପାଠ କାର୍ଯ୍ୟକ୍ରମ ପରେ ମହାପ୍ରବନ୍ଧକ ରେଳ ସଦନ ସମ୍ମୁଖରେ "ଏକତା ପାଇଁ ରନ୍" ରାଲିକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ରାଲିରେ ରେଳ ଅଧିକାରୀ, କର୍ମଚାରୀ, ରେଳ ସୁରକ୍ଷା ବଳ (ଆରପିଏଫ୍) କର୍ମଚାରୀ, କ୍ରୀଡ଼ାବିତ୍ ଏବଂ ବରିଷ୍ଠ ଅଧିକାରୀମାନେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ, ଯାହା ଏକତା ଏବଂ ଜାତୀୟ ଗର୍ବର ଦୃଢ଼ ଭାବନାକୁ ପ୍ରତିଫଳିତ କରିଥିଲା। ଏହି ଅବସରରେ ପୂର୍ବ ତଟ ରେଳପଥର ସମସ୍ତ ପ୍ରମୁଖ ବିଭାଗ ମୁଖ୍ୟ ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ଏବଂ ଏକତା, ଅଖଣ୍ଡତା ଓ ଜାତୀୟ ସଂହତିକୁ ସୁଦୃଢ଼ କରିବା ଦିଗରେ ସାମୂହିକ ପ୍ରତିବଦ୍ଧତାକୁ ଦୋହରାଇଥିଲେ।

ଆସିକାରେ ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ



ଭୁବନେଶ୍ୱର,୩।୧୧ (ମହାଭାରତ): ସାମୁଦ୍ରିକ ବାତ୍ୟା 'ଅର୍ଣ୍ଣବ' ପରବର୍ତ୍ତୀ ବାଧାବିଘ୍ନ ଯୋଗୁଁ ପ୍ରଭାବିତ ଆସିକାରେ ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟକୁ ଅଧିକ ଜୋରଦାର କରାଯାଇଛି। ସମନ୍ୱିତ ପ୍ରୟାସ ଯୋଗୁଁ ଆସିକାର ସ୍ଥିତିରେ କ୍ରମାଗତ ଉନ୍ନତି ଆସୁଛି ଏବଂ ସ୍ୱାଭାବିକ ସ୍ଥିତି ଫେରାଇ ଆଣିବା ଦିଗରେ ପଦକ୍ଷେପ ଜାରି ରହିଛି ବୋଲି ଗଞ୍ଜାମ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଶ୍ରୀ କୀର୍ତ୍ତି ଭାସନ୍ ଭି. ସୂଚନା ଦେଇଛନ୍ତି। ଟ୍ରାଫିକ ସମସ୍ୟାର ସମାଧାନ ହୋଇଛି। ରିଲିଫ୍ କାର୍ଯ୍ୟ ପରିଚାଳନା ପାଇଁ ପର୍ଯ୍ୟାପ୍ତ ସ୍ଥାନ ଉପଲବ୍ଧ କରାଇବା ନିମନ୍ତେ ଆସନ୍ତା କାଲି ଅପରାହ୍ନରୁ ସମସ୍ତ ପାର୍କିଂ ହୋଇଥିବା ଭାରୀଯାନଗୁଡ଼ିକ ଅନ୍ୟତ୍ର ଚଳାଚଳ କରିଛନ୍ତି। ଯାତାୟାତ ସମସ୍ୟା ଆଂଶିକ ଭାବେ ସମାଧାନ ହୋଇଛି ଏବଂ ସନ୍ଧ୍ୟା ସମୟରେ ସ୍ଥିତିରେ ଉନ୍ନତି ଦେଖାଦେଇଛି। ଅଧିକାଂଶ ବସ୍ ଚଳାଚଳ ଆରମ୍ଭ କରିଛନ୍ତି । ଅବଶିଷ୍ଟ ବସ୍‌ଗୁଡ଼ିକୁ ଆଜି ସକାଳ ସୁଦ୍ଧା ଚଳାଚଳକୁ ସୁନିଶ୍ଚିତ କରାଯିବ । ଗତକାଲି ସନ୍ଧ୍ୟା ସୁଦ୍ଧା ୧୦ଟି ପାନୀୟ ଜଳ ଟ୍ୟାଙ୍କର ଏବଂ ପ୍ରାୟ ୩୦,୦୦୦ ପାଣି ବୋତଲ ବଣ୍ଟନ କରାଯାଇଛି। ଏହି ବ୍ୟବସ୍ଥାକୁ ବୃଦ୍ଧି କରାଯାଇ ୩୦ରୁ ୩୫ଟି ଟ୍ୟାଙ୍କର ନିୟୋଜିତ କରାଯିବ। ଅତିରିକ୍ତ 'ଆସ୍କା' ଲାଇଟ ଆସିକାରେ ପହଞ୍ଚିଛି ଏବଂ ସହରର ବିଭିନ୍ନ ସ୍ଥାନରେ ସ୍ଥାପନ କରାଯାଇଛି। ଏଥିସହ ସ୍ଥାନୀୟ ଏମ୍.ଆଇ.ଙ୍କ ନିକଟରେ ଇନ୍ଧନ ମହଜୁଦ ରଖାଯାଇଛି । ଦିନସାରା ପର୍ଯ୍ୟାପ୍ତ ପରିମାଣରେ ରନ୍ଧା ଖାଦ୍ୟ ବଣ୍ଟନ କରାଯାଉଛି। ଆଜି ସୁଦ୍ଧା ସ୍ଥିତିରେ ସାମଗ୍ରିକ ଉନ୍ନତି ଆସିବ ବୋଲି ଆଶା କରାଯାଉଛି। ଆଜି ସକାଳ ସୁଦ୍ଧା ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ କରିବାକୁ ଟିପିଏସଓଡିଲ ପକ୍ଷରୁ ଆଶ୍ୱାସନା ଦିଆଯାଇଛି।

ଓଡ଼ିଶା ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ମୁଖ୍ୟମନ୍ତ୍ରୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ, ଏସ ଆର ସି, ଗଞ୍ଜାମ ଜିଲ୍ଲାପାଳ ଓ ସମ୍ପୃକ୍ତ ବିଭାଗୀୟ ସଚିବମାନଙ୍କ ସହ ନିରନ୍ତର ଯୋଗାଯୋଗ ଓ ସମନ୍ୱୟ ରକ୍ଷା କରି ସ୍ଥିତିର ଅନୁଧ୍ୟାନ କରୁଛନ୍ତି। ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟର ସଫଳ ରୂପାୟନ ସୁନିଶ୍ଚିତ କରିବା ଉପରେ ସେ ଗୁରୁତ୍ୱ ଦେଉଛନ୍ତି। ସ୍ଥିତି ସମ୍ପୂର୍ଣ୍ଣ ସ୍ୱାଭାବିକ ନହେବା ପର୍ଯ୍ୟନ୍ତ କିମ୍ବା ଅତି କମ୍‌ରେ ଏକ ସପ୍ତାହ ପର୍ଯ୍ୟନ୍ତ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ରିଲିଫ୍ ଓ ସହାୟତା ବ୍ୟବସ୍ଥା ଜାରି ରହିବ। ଯାତାୟାତ ପରିଚାଳନାରେ ସୁଧାର, ପାନୀୟ ଜଳ ଯୋଗାଣ ବୃଦ୍ଧି, ରନ୍ଧା ଖାଦ୍ୟ ବଣ୍ଟନ ଏବଂ ପୁନରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଥିବାରୁ ଆଜି ସୁଦ୍ଧା ଆସିକାର ସ୍ଥିତିରେ ଉଲ୍ଲେଖନୀୟ ସୁଧାର ଆସିବା ଆଶା କରାଯାଉଛି।

ଦେଶର ଏକତା ଓ ସଂହତିକୁ ବଜାୟ ରଖିବା ପାଇଁ ଆହ୍ୱାନ



ଭୁବନେଶ୍ୱର,୩।୧୧ (ମହାଭାରତ): ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ଅବସରରେ କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। କଳିଙ୍ଗ ଷ୍ଟାଡ଼ିୟମ୍ ଠାରେ ଅନୁଷ୍ଠିତ ହୋଇଥିବା ରାଷ୍ଟ୍ରୀୟ ଏକତା ଦିବସ କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂରଜ ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ପ୍ରତି ନିଜର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ନିଜର ଅଭିଭାଷଣରେ ସେ କହିଥିଲେ ଯେ, ଆଜି ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ରାଷ୍ଟ୍ରୀୟ ଏକତା ଦିବସ ଓ ଏକତା ପଦଯାତ୍ରାର ଆୟୋଜନ କରାଯାଉଛି। ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଆଦର୍ଶରେ ଆମେ ସମସ୍ତେ ଅନୁପ୍ରାଣିତ ହେବା ସହ ଦେଶର ଏକତା ଓ ସଂହତିକୁ ବଜାୟ ରଖିବା। ଦେଶର ବିକାଶ ନିମନ୍ତେ କାର୍ଯ୍ୟ କରିବା ପାଇଁ ସଂକଳ୍ପବଦ୍ଧ ହେବା। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏବଂ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ସମୃଦ୍ଧ ଓଡ଼ିଶା-୨୦୩୬ ଏବଂ ବିକଶିତ ଭାରତ-୨୦୪୭ ଗଠନର ଲକ୍ଷ୍ୟ ପୂରଣ ସହ 'ଏକ ଭାରତ ଶ୍ରେଷ୍ଠ ଭାରତ' ଗଠନ ଦିଗରେ ନିଜର ଯୋଗଦାନ ଦେବା ପାଇଁ କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ଆହ୍ୱାନ ଦେଇଛନ୍ତି। ଆଜିର କାର୍ଯ୍ୟକ୍ରମରେ କ୍ରୀଡ଼ା ମନ୍ତ୍ରୀ ଶ୍ରୀ ସୂରଜ ସମସ୍ତଙ୍କୁ 'ରାଷ୍ଟ୍ରୀୟ ଏକତା ଦିବସ ଶପଥ ପାଠ' କରାଇଥିଲେ। ଏଥିସହ 'ଏକତା ପଦଯାତ୍ରା' ଆୟୋଜିତ ହୋଇଥିଲା ଯେଉଁଥିରେ କ୍ରୀଡ଼ାବିତ୍, ଛାତ୍ରଛାତ୍ରୀ, ସମାଜସେବୀ, ସ୍ୱେଚ୍ଛାସେବୀ ଓ ସମସ୍ତ ଜନସାଧାରଣ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ଭୂପେନ୍ଦ୍ର ସିଂ ପୁନିଆ, ପୂର୍ବତନ ବିଧାୟକ ତଥା ସମାଜସେବୀ ଶ୍ରୀ ପ୍ରିୟଦର୍ଶୀ ମିଶ୍ର, ସମାଜସେବୀ ତଥା ରାଜନେତା ଶ୍ରୀ ଗୋଲକ ମହାପାତ୍ର, ଶ୍ରୀ ଜଗନ୍ନାଥ ପ୍ରଧାନ, ଶ୍ରୀ ସୁଦୀପ୍ତ ରାୟ ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ଭୁବନେଶ୍ୱରରେ ହେବ ବନବାସୀ କ୍ରୀଡ଼ା ପ୍ରତିଯୋଗିତା

ଭୁବନେଶ୍ୱର,୩।୧୧ (ମହାଭାରତ): ଜନଜାତି ଯୁବକଯୁବତୀଙ୍କ କ୍ରୀଡ଼ା ପ୍ରତିଭାକୁ ଜାତୀୟ ସ୍ତରରେ ପରିଚିତ କରାଇବା ଏବଂ ସେମାନଙ୍କୁ ଉପଯୁକ୍ତ ମଞ୍ଚ ଯୋଗାଇଦେବା ଉଦ୍ଦେଶ୍ୟରେ ବନବାସୀ କଲ୍ୟାଣ ଆଶ୍ରମ ପକ୍ଷରୁ ୨୫ତମ ଅଖିଳ ଭାରତୀୟ ବନବାସୀ କ୍ରୀଡ଼ା ପ୍ରତିଯୋଗିତା ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହେବ। ୨୦୨୬ ଡିସେମ୍ବର ୩୧ରୁ ୨୦୨୭ ଜାନୁଆରୀ ୩ ପର୍ଯ୍ୟନ୍ତ ଚାରିଦିନ ଧରି ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ଭାରତର ୩୯ଟି ରାଜ୍ୟ ଓ ପ୍ରାନ୍ତୀୟ ଏକକ ସମେତ ନେପାଳରୁ ପ୍ରାୟ ୮୦୦ ଜନଜାତି ବାଳକବାଳିକା ଅଂଶଗ୍ରହଣ କରିବେ। ଏହା ସହିତ ପ୍ରାୟ ୨୦୦ ପ୍ରଶିକ୍ଷକ ଓ ଆୟୋଜକ ଏଥିରେ ସହଯୋଗ କରିବେ। ବନବାସୀ କଲ୍ୟାଣ ଆଶ୍ରମର ଓଡିଶା ପ୍ରଦେଶର ଉପସଭାପତି ତଥା ଅଖିଳ ଭାରତୀୟ କ୍ରୀଡ଼ା ପ୍ରତିଯୋଗିତାର ସ୍ୱାଗତ ସମିତି ଅଧ୍ୟକ୍ଷ ସଞ୍ଜୟ ଲାଠ ଓ ଅନ୍ୟ ପଦାଧିକାରୀମାନେ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ଓଡ଼ିଶାରେ ପ୍ରଥମଥର ପାଇଁ ଏହି ଜାତୀୟସ୍ତରୀୟ ପ୍ରତିଯୋଗିତା ଆୟୋଜିତ ହେବା ରାଜ୍ୟ ପାଇଁ ଗୌରବର ବିଷୟ ବୋଲି ସେ କହିଛନ୍ତି। ଏହାଦ୍ୱାରା ବିଭିନ୍ନ ରାଜ୍ୟର ଜନଜାତି ଖେଳାଳି ନିଜର କ୍ରୀଡ଼ା ଦକ୍ଷତା ପ୍ରଦର୍ଶନ କରିବା ସହ ଅନ୍ୟମାନଙ୍କଠାରୁ ଶିଖିବାର ସୁଯୋଗ ପାଇବେ।

ଡିସେମ୍ବର ୨୯ରେ ଖେଳାଳିମାନେ ଭୁବନେଶ୍ୱରରେ ପହଞ୍ଚିବେ। ଡିସେମ୍ବର ୩୦ରେ ପଞ୍ଜୀକରଣ ଓ ପରେଡ୍ ଅଭ୍ୟାସ କରାଯିବ। ଡିସେମ୍ବର ୩୧ରେ ଉଦ୍‌ଘାଟନୀ ସମାରୋହ ସହ ପ୍ରତିଯୋଗିତା ଆରମ୍ଭ ହେବ ଏବଂ ୨୦୨୭ ଜାନୁଆରୀ ୩ରେ ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହେବ। ଆୟୋଜକଙ୍କ ସୂଚନା ଅନୁଯାୟୀ, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଦ୍‌ଘାଟନୀ କିମ୍ବା ଉଦ୍‌ଯାପନୀ ସମାରୋହରେ ଯୋଗଦେବାର ସମ୍ଭାବନା ରହିଛି। ତେବେ ଏନେଇ ଏପର୍ଯ୍ୟନ୍ତ ଆନୁଷ୍ଠାନିକ ଭାବେ କୌଣସି ନିଶ୍ଚିତ ସୂଚନା ମିଳିନାହିଁ। ଏହି ଅବସରରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୧୦ ହଜାର ଜନଜାତି ଲୋକ ଯୋଗଦେବା ଆଶା କରାଯାଉଛି। ଏହି କ୍ରୀଡ଼ା ମହୋତ୍ସବରେ ତୀରନ୍ଦାଜୀ, ମାରାଥନ ଓ ବିଭିନ୍ନ ଦୌଡ଼କୁଦ ପ୍ରତିଯୋଗିତା ଆୟୋଜିତ ହେବ। ତୀରନ୍ଦାଜୀରେ ସବ୍‌ଜୁନିୟର ବାଳକ ଓ ବାଳିକା ବର୍ଗର ଖେଳାଳିମାନେ ଭାଗ ନେବେ।


ଭିଏଏମ୍ଏଲ୍ କୋଇଲା ଖଣିର ସୁରଭିକୁ ସମର୍ଥନ

ଭୁବନେଶ୍ୱର,୩।୧୧ (ମହାଭାରତ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ଭି.ଏ.ଏମ୍.ଏଲ୍ କ୍ଲଷ୍ଟର ସ୍ତରୀୟ ସୁରଭି ୨୦୨୬ କାର୍ଯ୍ୟକ୍ରମ ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ଓଡ଼ିଶା ସରକାରଙ୍କ ଶିକ୍ଷା ଏବଂ ସାଂସ୍କୃତିକ ପ୍ରତିଭା ମହୋତ୍ସବ, ଏହାର କୁରାଲୋଇ, ଜାମଖାନି ଏବଂ ଘୋଘରପାଲି କୋଇଲା ଖଣି କାର୍ଯ୍ୟକ୍ଷେତ୍ରର ଆଖପାଖ ସମ୍ପ୍ରଦାୟରେ ସମର୍ଥନ କରିଥିଲା। ଏହି ପଦକ୍ଷେପ ହେମଗିରି ଏବଂ ଲଖନପୁର ବ୍ଲକର ୩୦ ରୁ ଅଧିକ ବିଦ୍ୟାଳୟର ୧୦୦୦ ରୁ ଅଧିକ ଛାତ୍ରଛାତ୍ରୀ, ଶିକ୍ଷକ ଏବଂ ଗୋଷ୍ଠି ସଦସ୍ୟମାନଙ୍କୁ ଏକତ୍ରିତ କରିଥିଲା, ଯାହା ଯୁବ ଶିକ୍ଷାର୍ଥୀମାନଙ୍କୁ ଶ୍ରେଣୀଗୃହ ବାହାରେ ସେମାନଙ୍କର ଦକ୍ଷତା ପ୍ରଦର୍ଶନ କରିବାକୁ ଏକ ମଞ୍ଚ ପ୍ରଦାନ କରିଥିଲା।

ଲୁଆବାହାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ବଞ୍ଜାରୀ ଆଶ୍ରମ ବିଦ୍ୟାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରକାରର ଏକାଡେମିକ୍, ସାହିତ୍ୟ ଏବଂ ସାଂସ୍କୃତିକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ, ଯେଉଁଥିରେ କୁଇଜ୍, ବିତର୍କ, ପ୍ରବନ୍ଧ ଏବଂ ସୃଜନଶୀଳ ଲେଖା, ଗଣିତ ଗୈଡ଼କୁଦ, ଚିତ୍ରକଳା, ସଙ୍ଗୀତ ଏବଂ ନୃତ୍ୟ ଆଦି ସାମିଲ ଥିଲା । ଅଂଶଗ୍ରହଣ ଏବଂ ସୁସ୍ଥ ପ୍ରତିଯୋଗିତା ମାଧ୍ୟମରେ, ସୁରଭି ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ପ୍ରତିଭା ଅନ୍ୱେଷଣ କରିବା, ଆତ୍ମବିଶ୍ୱାସ ସୃଷ୍ଟି କରିବା ଏବଂ ପ୍ରତିଯୋଗିତାର ଉଚ୍ଚ ସ୍ତରକୁ ଯିବା ପାଇଁ ଉତ୍ସାହିତ କରିଥିଲା।

ଏହି ପଦକ୍ଷେପ ସମ୍ପର୍କରେ ଭି.ଏ.ଏମ୍.ଏଲ କୋଇଲା ଖଣିର ସିଇଓ ଅମରେଶ କୁମାର କହିଛନ୍ତି, 'ଯୁବକମାନେ ସେତେବେଳେ ସମୃଦ୍ଧ ହୁଅନ୍ତି ଯେତେବେଳେ ସେମାନଙ୍କୁ ଶିଖିବାର, ଅଂଶଗ୍ରହଣ କରିବାର ଏବଂ ନିଜକୁ ପ୍ରକାଶ କରିବାର ସଠିକ୍ ସୁଯୋଗ ଦିଆଯାଏ। ସୁରଭି ବିଦ୍ୟାର୍ଥୀମାନଙ୍କ ପାଇଁ ଶ୍ରେଣୀଗୃହ ବାହାରେ ପାଦ ରଖିବା, ସେମାନଙ୍କର ଦକ୍ଷତା ପ୍ରଦର୍ଶନ କରିବା ଏବଂ ନୂତନ ଅନୁଭୂତି ମାଧ୍ୟମରେ ଆତ୍ମବିଶ୍ୱାସ ହାସଲ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ସୃଷ୍ଟି କରିଥାଏ। ଭିଏଏମଏଲ କୋଇଲା ଖଣିରେ, ଆମେ ଏପରି ସୁଯୋଗକୁ ସମର୍ଥନ କରିବାକୁ ପ୍ରତିଶ୍ରୁତିବଦ୍ଧ ଯାହା ଆମର ଆଖପାଖ ସମ୍ପ୍ରଦାୟର ପିଲାମାନଙ୍କୁ ସେମାନଙ୍କର ପ୍ରତିଭାକୁ ବ୍ୟାପକ କରିବା ସହିତ ଅଧିକ ଆକାଂକ୍ଷା ସୃଷ୍ଟି କରିବାକୁ ସକ୍ଷମ କରେ ।

ସମୃଦ୍ଧି ପାଇଁ ସତ୍ୟନିଷ୍ଠା ଶୀର୍ଷକ ଆଲୋଚନାଚକ୍ର



ଭୁବନେଶ୍ୱର,୩।୧୧ (ମହାଭାରତ): ସତର୍କତା ସଚେତନତା ସପ୍ତାହ ୨୦୨୬ ଅବସରରେ, ପୂର୍ବତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳର କାର୍ମିକ ବିଭାଗ ପକ୍ଷରୁ ଖୋର୍ଦ୍ଧା ରୋଡ୍ ସ୍ଥିତ ମଣ୍ଡଳ ରେଳ ପ୍ରବନ୍ଧକଙ୍କ ବୈଠକ କକ୍ଷରେ "ସମୃଦ୍ଧି ପାଇଁ ସତ୍ୟନିଷ୍ଠା" ଶୀର୍ଷକ ଏକ ଆଲୋଚନାଚକ୍ର ଆୟୋଜନ କରାଯାଇଥିଲା। ସରକାରୀ ସେବାରେ ସାଧୁତା, ସ୍ୱଚ୍ଛତା, ଉତରଦାୟିତ୍ୱ ଓ ନୈତିକ ଆଚରଣକୁ ପ୍ରୋତ୍ସାହିତ କରିବା ଏହି ଆଲୋଚନାଚକ୍ରର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ଆଲୋଚନାଚକ୍ରରେ ଭୁବନେଶ୍ୱରସ୍ଥିତ ଜାତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ (ନାଇଜର)ର ମାନବିକୀ ଓ ସାମାଜିକ ବିଜ୍ଞାନ ବିଦ୍ୟାଳୟର ସହଯୋଗୀ ପ୍ରଫେସର ଶ୍ରୀ ଅମରେନ୍ଦ୍ର ଦାସ ଉଦ୍‌ବୋଧନ ଦେଇଥିଲେ। ସେ ସାଧୁତା, ସ୍ୱଚ୍ଛତା, ଉତରଦାୟିତ୍ୱ ଓ ନୈତିକ ଆଚରଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ରେଳ ଅଧିକାରୀ ଓ କର୍ମଚାରୀମାନେ ସର୍ବୋଚ୍ଚ ନୈତିକ ମାନଦଣ୍ଡ ବଜାୟ ରଖିବା ସହ ଏକ ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ କାର୍ଯ୍ୟସଂସ୍କୃତି ଗଠନରେ ଅବଦାନ ରଖିବାକୁ ସେ ଆହ୍ୱାନ ଦେଇଥିଲେ। ଏଥିସହ ମନୋବିଜ୍ଞାନ ଏବଂ କୃତ୍ରିମ ବୁଦ୍ଧିମତାର ଉଦାହରଣ ଦେଇ ସରକାରୀ କାର୍ଯ୍ୟରେ ନୈତିକ ନିଷ୍ପତି ଗ୍ରହଣ ଓ ଦାୟିତ୍ୱପୂର୍ଣ୍ଣ ଆଚରଣର ଗୁରୁତ୍ୱ ବୁଝାଇଥିଲେ। ଏହି ଆଲୋଚନାଚକ୍ରରେ ଖୋର୍ଦ୍ଧା ରୋଡ୍ ମଣ୍ଡଳର ବିଭିନ୍ନ ଅଧିକାରୀ, ପର୍ଯ୍ୟବେକ୍ଷକ ଓ କର୍ମଚାରୀ ଯୋଗଦେଇଥିଲେ। ସେମାନେ ସଂଗଠନର କାର୍ଯ୍ୟଧାରାରେ ସତର୍କତା ଓ ନୈତିକ ଆଚରଣର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ୨୦୨୬ ଅକ୍ଟୋବର ୨୬ ତାରିଖରୁ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ "ସମୃଦ୍ଧି ପାଇଁ ସତ୍ୟନିଷ୍ଠା" ବିଷୟବସ୍ତୁକୁ ନେଇ ସତର୍କତା ସଚେତନତା ସପ୍ତାହ ପାଳନ କରାଯାଉଛି। ଏହି ବିଷୟବସ୍ତୁ ଜନସାଧାରଣଙ୍କ ଆସ୍ଥା ବୃଦ୍ଧି, ସୁଶାସନକୁ ସୁଦୃଢ଼ କରିବା ଏବଂ ଦୁର୍ନୀତି ନିବାରଣ କ୍ଷେତ୍ରରେ ସାଧୁତା ଓ ନୈତିକ ଆଚରଣର ଗୁରୁତ୍ୱକୁ ଏହି ବିଷୟବସ୍ତୁ ପ୍ରତିଫଳିତ କରୁଛି। ରେଳ କର୍ମଚାରୀଙ୍କ ମଧ୍ୟରେ ସତର୍କତା ସମ୍ପର୍କିତ ସଚେତନତା ବୃଦ୍ଧି କରିବା ସହ ନିଜ କର୍ତବ୍ୟକୁ ନିରପେକ୍ଷତା, ସ୍ୱଚ୍ଛତା ଓ ଦାୟିତ୍ୱବୋଧର ସହିତ ସମ୍ପାଦନ କରିବାକୁ ଉତ୍ସାହିତ କରିବା ଏହି ସପ୍ତାହ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ଏହି କାର୍ଯ୍ୟକ୍ରମଟି ଖୋର୍ଦ୍ଧା ରୋଡ୍ ମଣ୍ଡଳର ମଣ୍ଡଳ କାର୍ମିକ ଅଧିକାରୀ-୧ ଅମରେନ୍ଦ୍ରନାଥ ମିଶ୍ରଙ୍କ ମାର୍ଗଦର୍ଶନରେ ସଂଯୋଜିତ ହୋଇଥିଲା। ଶେଷରେ ଖୋର୍ଦ୍ଧା ରୋଡ୍ ମଣ୍ଡଳର ମଣ୍ଡଳ କାର୍ମିକ ଅଧିକାରୀ-୨ ସନ୍ତୋଷ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ସୀମାରେ ମୁହାଁମୁହିଁ

୨୦୨୦ ମେ'ରେ ପୂର୍ବ ଲଦାଖର ଗଲୱାନ ଉପତ୍ୟକାରେ ଭାରତ ଓ ଚୀନ ସେନା ମୁହାଁମୁହିଁ ହେବା ପରେ ଉଭୟ ପକ୍ଷ ମଧ୍ୟରେ ଏକ ପ୍ରକାର ଖଣ୍ଡଯୁଦ୍ଧ ହୋଇଥିଲା। ଏଥିରେ ଉଭୟ ପକ୍ଷର ଅନେକ ମୃତାହତ ହୋଇଥିଲେ। ପରେ ଏଲଏସିର ଅନ୍ୟ କେତେକ ସ୍ଥାନରେ ମଧ୍ୟ ଚୀନ ସେନା ଭାରତୀୟ ସୀମାରେ ଅନୁପ୍ରବେଶ କରିବାକୁ ଉଦ୍ୟମ କରିବା ବେଳେ ଦୁଇ ପକ୍ଷ ମଧ୍ୟରେ ସଂଘର୍ଷ ହୋଇଛି। କହିବା ବାହୁଲ୍ୟ ଯେ, ଏଲଏସି ହେଉଛି ବିଶ୍ୱର ସବୁଠାରୁ ଦୀର୍ଘତମ ଦ୍ୱିପାକ୍ଷିକ ଭୌଗଳିକ ସୀମାରେଖା। ଏହା ମଧ୍ୟ ବିଶ୍ୱର ସବୁଠାରୁ ବିପଜ୍ଜନକ ଏବଂ ଆନ୍ତ ସୀମା। ପାକିସ୍ତାନ ସହିତ ସୀମାରେଖା ବା ଏଲଓସି ଏବଂ ଚୀନ ସହିତ ସୀମାରେଖା ଏଲଏସି ଅତି ନିକଟତର ଏବଂ ଉଭୟ ସୀମାରେଖା ଭାରତ ପାଇଁ ପ୍ରତିରକ୍ଷା ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ ଭାରତକୁ ବିପୁଳ ଅର୍ଥ ବ୍ୟୟ କରିବାକୁ ପଡୁଛି। ଏହା ଭାରତର ସୁରକ୍ଷା ଏବଂ ନିରାପତ୍ତା ସହ ଜଡ଼ିତ। ଏହାକୁ ଅଣଦେଖା କରାଯାଇପାରିବ ନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୀମାରେ ଶାନ୍ତି ବଜାୟ ରଖିବାକୁ ପ୍ରାଥମିକତା ଦିଆଯିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ପାରସ୍ପରିକ ବିଶ୍ୱାସ, ସମ୍ମାନ ଏବଂ ସଦଭାବନା ମାଧ୍ୟମରେ ଏହା ସମ୍ଭବ। ତେବେ ଚୀନ ରାଷ୍ଟ୍ରପତି ଜିନ ପିଙ୍ଗ ଏହାକୁ କେତେଦୂର ଗ୍ରହଣ କରିଛନ୍ତି ବା ଏହାକୁ କେତେଦୂର କାର୍ଯ୍ୟକାରୀ କରିବେ ତାହା ସନ୍ଦେହରେ। କାରଣ ଯେତେବେଳେ ଯାହା ହେଲେବି ଚୀନ ନିଜର ବିସ୍ତାରବାଦୀ ଚରିତ୍ରକୁ କେବେ ହେଲେ ପରିତ୍ୟାଗ କରି ନାହିଁ କିମ୍ବା କରିବ ନାହିଁ। ଅତୀତରେ ବାରମ୍ବାର ଏହା ପ୍ରମାଣିତ ହୋଇଛି। ଚୀନର ପ୍ରତିଶ୍ରୁତି ସବୁବେଳେ ପାଣିର ଗାର ହୋଇଛି। ଚୀନ ପାଇଁ ବନ୍ଧୁତା କେବଳ ଲାଭକ୍ଷତିର ହିସାବ ଉପରେ ଆଧାରିତ। ମୋଦି ଓ ଜିନ ପିଙ୍ଗଙ୍କ ମଧ୍ୟରେ ଆଲୋଚନା ପୂର୍ବରୁ ଦୁଇ ପକ୍ଷ ମଧ୍ୟରେ ଏକ ବୁଝାମଣା ହୋଇଛି। ବୁଝାମଣା ଅନୁଯାୟୀ ଏଲଏସିରେ ପୁଣି ପୂର୍ବପରି ପାଟ୍ରୋଲିଂ ବ୍ୟବସ୍ଥା କାର୍ଯ୍ୟକାରୀ ହେବ। କିନ୍ତୁ ସମୟ କହିବ ଚୀନ ଏହି ବୁଝାମଣାକୁ କେତେଦୂର କାର୍ଯ୍ୟକାରୀ କରିବ ବା ଗ୍ରହଣ କରିବ। କାରଣ ଭାରତ ସହ ଚୀନର ସୀମା ବିବାଦ ଅନେକ ଦଶନ୍ଧି ପୁରୁଣା। ଅରୁଣାଚଳ ପ୍ରଦେଶରୁ ଆରମ୍ଭ କରି ଲଦାଖ ପର୍ଯ୍ୟନ୍ତ ଏହି ବିବାଦ ପରିବ୍ୟାପ୍ତ। ଭାରତର ଅରୁଣାଚଳ ପ୍ରଦେଶକୁ ଚୀନ ସର୍ବଦା ନିଜର ଅଞ୍ଚଳ ଭାବେ ଦାବି କରି ଆସୁଛି। ପ୍ରତିବର୍ଷ ଚୀନ ସରକାରଙ୍କ ପକ୍ଷରୁ ଜାରି ହେଉଥିବା ମାନଚିତ୍ରରେ ଅରୁଣାଚଳକୁ ନିଜର ଅଞ୍ଚଳ ଭାବେ ଚୀନ ଚିତ୍ରଣ କରି ଆସୁଛି। ପ୍ରତିବର୍ଷ ଭାରତ ଏହାର ପ୍ରତିବାଦ କରି ଆସୁଛି। କିନ୍ତୁ ସ୍ଥିତିରେ ପରିବର୍ତ୍ତନ ଆସୁନି କିମ୍ବା ଚୀନ ଭାରତର ପ୍ରତିବାଦକୁ ଗ୍ରହଣ କରୁନାହିଁ। ୧୯୬୧ରେ ଭାରତ-ଚୀନ ଯୁଦ୍ଧରେ ଅରୁଣାଚଳ ପ୍ରଦେଶର ଏକ ବଡ଼ ଅଞ୍ଚଳ ଚୀନ ଦଖଲକୁ ଚାଲିଯାଇଛି। ଏହାବ୍ୟତିତ କାଶ୍ମୀର ଏବଂ ଲଦାଖର ଅନେକ ଅଞ୍ଚଳକୁ ମଧ୍ୟ ଚୀନ ଜବର ଦଖଲ କରିଛି। ୧୯୬୧ରେ ଭାରତର ସାମରିକ ଶକ୍ତି ଚୀନର ମୁକାବିଲା ପାଇଁ ପର୍ଯ୍ୟାପ୍ତ ନଥିଲା। ତେଣୁ ଭାରତ ଚୀନଠାରୁ ଏସବୁ ଅଞ୍ଚଳ ଛଡ଼ାଇ ଆଣିପାରିଲା ନାହିଁ। ତତ୍କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ନେହରୁଙ୍କ ଭୁଲ ନୀତି ଯୋଗୁ ଭାରତକୁ ବହୁ ମୂଲ୍ୟ ଦେବାକୁ ପଡ଼ିଲା। ପରବର୍ତ୍ତୀ ସମୟରେ ଚୀନ ବାରମ୍ବାର ଲଦାଖ ଓ ଅରୁଣାଚଳ ପ୍ରଦେଶରେ ଅନୁପ୍ରବେଶ କରିବା ଲାଗି ପ୍ରୟାସ କରିଛି। ଅନେକ ଥର ଭାରତ ଓ ଚୀନ ସେନା ଏଥିଲାଗି ଏଲଏସିରେ ମୁହାଁ ମୁହିଁ ହୋଇଛନ୍ତି। ତିନି ବର୍ଷ ତଳେ ଲଦାଖର ଗଲୱାନ ଉପତ୍ୟକାରେ ଚୀନ ସେନା ଭାରତୀୟ ଅଞ୍ଚଳରେ ଅନୁପ୍ରବେଶ ଲାଗି ଉଦ୍ୟମ କରିବା ଫଳରେ ଉଭୟ ସେନା ମଧ୍ୟରେ ସଂଘର୍ଷ ସୃଷ୍ଟି ହୋଇଥିଲା ଏବଂ ଭାରତୀୟ ସେନାର ଅନେକ ଏଥିରେ ପ୍ରାଣ ହରାଇଥିଲେ। ଅରୁଣାଚଳ ପ୍ରଦେଶରେ ମଧ୍ୟ ଭାରତ ଓ ଚୀନ ସେନା ବାରମ୍ବାର ମୁହିଁ ମୁହିଁ ହୋଇଛନ୍ତି।

"

ବାବା ବିଶେଷକରି ଯୁବବର୍ଗଙ୍କ ପାଇଁ ତାଙ୍କ ବାର୍ତ୍ତା ରଖି କହିଛନ୍ତି ଯେ ଯୁବକ ଯୁବତୀଗଣ, ତୁମର ଆହାର ଓ ବିହାର ଅନୁଯାୟୀ ତୁମ ମନକୁ ଅନେକ ପ୍ରକାର ଚିନ୍ତା ଆସୁଥିବ। ସେଥି ମଧ୍ୟରୁ କେଉଁଗୁଡ଼ିକ ଭଲ ଓ କେଉଁ ଗୁଡ଼ିକ ମନ୍ଦ ତୁମକୁ ବାଛିବାକୁ ପଡ଼ିବ। ପୁସ୍ତକଗତ ଜ୍ଞାନ ଓ ଉପରଠାଉରିଆ ଜ୍ଞାନରେ ଭାସିଗଲେ ଚଳିହେବନାହିଁ। ବ୍ୟବହାରିକ ଜ୍ଞାନ ହାସଲ କରି ଜୀବନକୁ ସଫଳ କରିବାକୁ ହେବ। ତୁମ ଶିକ୍ଷା ଓ ଆଚରଣ ଭିତରେ ସାମଞ୍ଜସ୍ୟ ରହିବା ଦରକାର। ଭାବନା, ବଚନ ଓ କର୍ମ ମଧ୍ୟରେ ସଠିକ୍ ସମନ୍ୱୟ ରକ୍ଷା କରିବା ହିଁ ମଣିଷପଣିଆଁ। ଭଗବାନଙ୍କ ପାଖରେ ପୂର୍ଣ୍ଣ ବିଶ୍ୱାସ ରଖ, ସନ୍ଦେହକୁ ସ୍ଥାନ ଦିଅନାହିଁ।

ନିଜ ଦୋଷ ଖୋଜ

॥ ଇଂ. ସଚ୍ଚିଦାନନ୍ଦ ନନ୍ଦ ॥

କେତେକ ଲୋକ ଅନ୍ୟମାନଙ୍କର ଛୋଟ ଛୋଟ ଭୁଲକୁ ଗର୍ହିତ ଦୋଷ ମନେକରନ୍ତି କିନ୍ତୁ ନିଜ ଠାରେ ଥିବା ଜଘନ୍ୟ ଭୁଲକୁ ଦେଖିପାରନ୍ତି ନାହିଁ। ଏହା ଏକ ଗୁରୁତର ତ୍ରୁଟି। ସଠିକ୍ ପଦ୍ଧତି ହେଉଛି ନିଜର ଛୋଟ ଛୋଟ ଦୋଷକୁ ବଡ଼ ଭୁଲଭାବେ ଦେଖ ଓ ଅନ୍ୟର ବଡ଼ ଭୁଲଗୁଡ଼ିକୁ ନଗଣ୍ୟ ମନେକର। ଏହାଦ୍ୱାରା ତୁମେ ନିଜ ଭୁଲଗୁଡ଼ିକୁ ସଜାଡ଼ିପାରିବ'' ଭଗବାନ ଶ୍ରୀ ସତ୍ୟସାଇ ବାବା ତାଙ୍କ ଦିବ୍ୟସନ୍ଦେଶରେ ଆମ ସମସ୍ତଙ୍କୁ ଆଧ୍ୟାତ୍ମିକ ସୂଚନା ପ୍ରଦାନ କରିଛନ୍ତି ଯେ ଏହି ମନୋବୃତ୍ତି ସାହାଯ୍ୟରେ ତୁମେ ଈଶ୍ୱରୋପଲବ୍ଧି ହାସଲ କରିପାରିବ। ମାନବୀୟ ପ୍ରେମ ସ୍ୱାର୍ଥପୂର୍ଣ୍ଣ, ଦୈବୀପ୍ରେମ, ସ୍ୱାର୍ଥଶୂନ୍ୟ ଓ ଆଧ୍ୟାତ୍ମିକ। ତାଙ୍କ ପ୍ରେମ ନିର୍ମଳ ପ୍ରେମ। ଭଗବାନଙ୍କୁ ଚିରନ୍ତନ, ଅମୃତମୟ, ବିମଳ, ନିର୍ମଳ ବୋଲି ବର୍ଣ୍ଣନା କରାଯାଇଛି। ଭଗବତ ପ୍ରେମ ଆସ୍ୱାଦନ କରିବାକୁ ହେଲେ ତୁମକୁ ସ୍ୱାର୍ଥଭାବ ଭଳି ସଂକୀର୍ଣ୍ଣ ଭାବ ବର୍ଜନ କରି ପ୍ରେମଭାବ ସଂପ୍ରସାରଣ କରିବାକୁ ହେବ। ନବ ବିବାହିତ ଦମ୍ପତିଙ୍କ ମଧ୍ୟରେ ଥିବା ପ୍ରେମଭାବ ଦିନକୁ ଦିନ କିଭଳି ହ୍ରାସ ପାଉଥାଏ ତାହାର ଏକ ଉଦାହରଣ ଦେଖାଯାଉ। ସ୍ୱାମୀ ସ୍ତ୍ରୀ ରାସ୍ତାରେ ଯାଉଥିବା ବେଳେ ଆଗରେ ପଡ଼ିଥିବା କଣ୍ଟାଟିଏ ଆଖିରେ ପଡ଼ିଗଲେ, ସ୍ୱାମୀଙ୍କର କି ବ୍ୟସ୍ତତା ଦେଖାନଯାଏ ? ବିବ୍ରତ ହୋଇପଡ଼ି ସ୍ୱାମୀ ସ୍ତ୍ରୀକୁ ଗୋଟିଏ ପାଖକୁ ଟାଣିନିଏ, ଯେପରି ସ୍ତ୍ରୀ ପାଦ କଣ୍ଟା ମାଡ଼ି ନପକାଉ। କିଛିବର୍ଷ ଅନ୍ତରରେ ପୁନର୍ବାର ଅନୁରୂପ ପରିସ୍ଥିତିରେ ସ୍ୱାମୀ କହିବ, 'କଣ୍ଟା ପଡ଼ିଛି, କ'ଣ ଆଖିକୁ ଦିଶୁନି ?' ସାଂସାରିକ ପ୍ରେମ ଏହିଭଳି ଭାବେ ତା'ର ମାତ୍ରା ହରାଉଥିବା ବେଳେ ଦିବ୍ୟପ୍ରେମ ସବୁଦିନ ସ୍ଥିର ଓ ଗଭୀର ରହିଥାଏ। ଦିବ୍ୟପ୍ରେମର ମହତ୍ୱ ଲୋକେ ବୁଝିପାରନ୍ତି ନାହିଁ। ସେମାନେ ସେ ପ୍ରେମକୁ କଦର୍ଥ କରି ଭଗବାନଙ୍କୁ ନିନ୍ଦା କରିବା ପର୍ଯ୍ୟନ୍ତ ଯାଇପାରନ୍ତି, ଯେତେବେଳେ ତାଙ୍କ ନୀଚ କାମନା ଗୁଡ଼ିକ ପୂରଣ ନହୁଏ। କେତେକ ମୋକ୍ଷ ଚାହୁଁଥାନ୍ତି। ମୋକ୍ଷ କ'ଣ ? କାମନାରୁ ମୁକ୍ତି ପାଇବା ହିଁ ମୋକ୍ଷ। କେତେକ ଭଗବାନଙ୍କୁ ଦର୍ଶନ କରିବାକୁ ଚାହାନ୍ତି। ଏଥିପାଇଁ ଆବଶ୍ୟକୀୟ ବିଶ୍ୱାସ ଓ ଭାବ ତୁମେ ହୃଦୟରେ ପୋଷଣ କରିବା ଉଚିତ ନୁହେଁ କି ?

ଅନେକଙ୍କ ଭିତରେ ସ୍ୱାଭାବିକ ପ୍ରଶ୍ନ ଉଠେ ଯେ ଦିବ୍ୟପ୍ରେମ ଲାଭ କରିବା ପାଇଁ ଆମ ମାନଙ୍କର ଆବଶ୍ୟକତା କ'ଣ ଓ ତାତ୍ପର୍ଯ୍ୟ କ'ଣ ? ବଡ଼ ସୁନ୍ଦର ଭାବରେ ଭଗବାନ ବାବା କହିଛନ୍ତି ଯେ ଭକ୍ତି ଓ ବିଶ୍ୱାସ ନଥିଲେ ତୁମେ ତାଙ୍କ ସହିତ ବସବାସ କଲେ ମଧ୍ୟ ତାଙ୍କୁ ଦେଖିପାରିବ ନାହିଁ, ପଦ୍ମଫୁଲ ପାଖରେ ଥିବା ବେଙ୍ଗ ପଦ୍ମ ଭିତରେ ଥିବା ମଧୁ ବିଷୟରେ ଅବହିତ ନହେବା ସଦୃଶ। କିନ୍ତୁ କାହିଁ କେତେ ଦୂରରୁ ମଧୁମକ୍ଷିକା ମାନେ ପଦ୍ମଫୁଲ ପାଖକୁ ଆସି ମଧୁ ଆସ୍ୱାଦନ କଲାଭଳି ଦୂର ବିଦେଶରୁ ଲୋକମାନେ ଆସି ଭଗବାନଙ୍କ ସୁମିଷ୍ଟ ମଧୁରତା ପ୍ରାପ୍ତ ହୋଇପାରୁଛନ୍ତି, ଅଥଚ ପାଖରେଥିବା ଲୋକେ ସେଥିରୁ ବଞ୍ଚିତ। ଦିବ୍ୟ ସାନ୍ନିଧ୍ୟ ମଣିଷକୁ ମଧ୍ୟ ଦୈବୀସ୍ତରକୁ ଉତଥିତ କରିଦେଇପାରେ। ଏହାକୁ ବୁଝିନପାରି ଅନେକ ଲୋକ ତାଙ୍କ ଜୀବନକୁ ବ୍ୟର୍ଥ କରି ଦେଉଛନ୍ତି। ପ୍ରତ୍ୟେକଙ୍କ ଠାରେ ପ୍ରେମଭାବ ବିଦ୍ୟମାନ, କିନ୍ତୁ ତାହା ସ୍ୱାର୍ଥଭାବ ପ୍ରଣୋଦିତ ହୋଇପଡ଼ିବାରୁ ଆସକ୍ତିରେ ପରିଣତ ହୋଇଯାଉଛି। ଦୈବୀପ୍ରେମର ଅନୁଭୂତି ପାଇଁ ଆଶାୟୀ ହୁଅ। ଆଧୁନିକ ଯୁବକମାନେ ପ୍ରେମର ସ୍ୱଭାବ ବିଷୟରେ ଅବଗତ ହେବା ଦରକାର। ବିଦେଶାଗତ ଅନେକ ଯୁବକ ଯୁବତୀ ପରସ୍ପରକୁ ପୁରୁଷ ବନ୍ଧୁ, ମହିଳାବନ୍ଧୁ କହି ଅବାଧ ମିଳାମିଶା କରୁଛନ୍ତି। ଯଦି ପ୍ରକୃତରେ ପରସ୍ପରକୁ ଭଲ ପାଉଥାଅ, ତେବେ ବିବାହ କରିନିଅ, ବନ୍ଧୁ ହିସାବରେ କାହିଁକି ? କିଛି ବର୍ଷ ପୂର୍ବେ ବିଦେଶାଗତ ଯୁବକଟିଏ ଏଠାରେ ଗଛତଳେ ମନ ଦୁଃଖରେ ବସିଥାଏ। ତାକୁ ଅତି ବେଶୀରେ ୧୯ହେବ। ପଚାରିବାରୁ ସେ କହିଲା, ତା'ର ଦ୍ୱିତୀୟ ସ୍ତ୍ରୀ ତାକୁ ଛାଡ଼ି ପଳାଇଛି ଏବଂ ତା'ଗର୍ଭର ସନ୍ତାନଟି ପାଇଁ ସେ ବ୍ୟସ୍ତ। ଏହି ବୟସରେ ସେ ଯଦି ଏତେ ବିବ୍ରତ, ବୟସ୍କ ହୋଇଗଲେ ତା'ଅବସ୍ଥା କ'ଣ ହେବ ଅନୁମାନ କର। କୋଡ଼ିଏ ବର୍ଷ ନ ହେଉଣୁ କେତେକ ଲୋକ ବିବାହ କରି ପକାଉଛନ୍ତି, ତା'ପରେ ଛାଡ଼ପତ୍ର, ପୁନର୍ବିବାହ, ପୁନର୍ବିଚ୍ଛେଦ, ସ୍ତ୍ରୀ ଓ ସନ୍ତାନଙ୍କ ପାଇଁ ବ୍ୟତିବ୍ୟସ୍ତ। ସେମାନେ ମାନବଜୀବନର ମୂଲ୍ୟ ବିଷୟରେ ଅଜ୍ଞ। ମାନବ ଜୀବନ କେତେ ଦୁର୍ଲ୍ଲଭ ଓ କେତେ ପବିତ୍ର ସେ ଧାରଣା ସେମାନଙ୍କର ନାହିଁ। ଉପନିଷଦ କହନ୍ତି ମାନବ ଜନ୍ମ ଅତି ଦୁର୍ଲଭ ଜନ୍ମ। ମାନବ ଜୀବନ ଅତି ମହାନ ଓ ଶକ୍ତିଶାଳୀ। ତାକୁ ମା+ନବ କୁହାଯାଏ କାରଣ ସେ ନୂଆ ନୁହେଁ ବରଂ ଶାଶ୍ୱତ। ଶରୀର ନୂତନ ରୂପ ଗ୍ରହଣ କରୁଥାଏ, ଆତ୍ମା ନୁହେଁ। ଭଗବାନ ହିଁ ଅପରିବର୍ତ୍ତନୀୟ ସତ୍ୟ।

ବାବା ବିଶେଷକରି ଯୁବବର୍ଗଙ୍କ ପାଇଁ ତାଙ୍କ ବାର୍ତ୍ତା ରଖି କହିଛନ୍ତି ଯେ ଯୁବକ ଯୁବତୀଗଣ, ତୁମର ଆହାର ଓ ବିହାର ଅନୁଯାୟୀ ତୁମ ମନକୁ ଅନେକ ପ୍ରକାର ଚିନ୍ତା ଆସୁଥିବ। ସେଥି ମଧ୍ୟରୁ କେଉଁଗୁଡ଼ିକ ଭଲ ଓ କେଉଁ ଗୁଡ଼ିକ ମନ୍ଦ ତୁମକୁ ବାଛିବାକୁ ପଡ଼ିବ। ପୁସ୍ତକଗତ ଜ୍ଞାନ ଓ ଉପରଠାଉରିଆ ଜ୍ଞାନରେ ଭାସିଗଲେ ଚଳିହେବନାହିଁ। ବ୍ୟବହାରିକ ଜ୍ଞାନ ହାସଲ କରି ଜୀବନକୁ ସଫଳ କରିବାକୁ ହେବ। ତୁମ ଶିକ୍ଷା ଓ ଆଚରଣ ଭିତରେ ସାମଞ୍ଜସ୍ୟ ରହିବା ଦରକାର। ଭାବନା, ବଚନ ଓ କର୍ମ ମଧ୍ୟରେ ସଠିକ୍ ସମନ୍ୱୟ ରକ୍ଷା କରିବା ହିଁ ମଣିଷପଣିଆଁ। ଭଗବାନଙ୍କ ପାଖରେ ପୂର୍ଣ୍ଣ ବିଶ୍ୱାସ ରଖ, ସନ୍ଦେହକୁ ସ୍ଥାନ ଦିଅନାହିଁ। ତୁମର ଏହି ଭୌତିକ ଶରୀର ଦ୍ୱାରା ଭଗବାନଙ୍କ ପରିକଳ୍ପନା କରିବା ତୁମ ସାମର୍ଥ୍ୟ ବାହାରେ। ତୁମ ଭାବନାଗୁଡ଼ିକ ବାହ୍ୟ ଜଗତର ପ୍ରତିଫଳନ, ପ୍ରତିଧ୍ୱନୀ ଓ ପ୍ରତିକ୍ରିୟା। ଭଗବାନଙ୍କର କୌଣସି ପ୍ରତିକ୍ରିୟା ନଥାଏ। ତାଙ୍କ ପାଖରେ ଗୋଟିଏ କଥା ଅଛି, ତାହା ପରମ ସତ୍ୟ। ତୁମକୁ ସେହି ଆଦର୍ଶଦ୍ୱୟ ଗ୍ରହଣ କରିବାକୁ ହେବ। ସତ କଥା କହ, ଧର୍ମ ଆଚରଣ କର। ଭଗବାନ ଅପରିବର୍ତ୍ତନୀୟ ସତ୍ତା କିନ୍ତୁ ଏହାକୁ କେହି ବୁଝୁନାହାନ୍ତି। ଧର୍ମ ମାର୍ଗରେ ଚାଲି ନୈତିକତା ଓ ଏକତା ରକ୍ଷା କରିପାରିଲେ ତୁମେ ଏହା ବୁଝିପାରିବ। ମଣିଷ ଟଙ୍କା ପଇସାର କ୍ରୀତଦାସ ହୋଇପଡ଼ିଲାଣି। ସେ ଭଗବାନଙ୍କୁ ଭୁଲିଯାଇପାରେ କିନ୍ତୁ ଟଙ୍କା ପଇସାକୁ ଭୁଲି ପାରିବ ନାହିଁ। ସୁଖରେ ନିଦ୍ରାଯିବା ପାଇଁ ତୁମେ ନିଜ ପାଇଁ ବାତାନୁକୂଳ ଯନ୍ତ୍ର, କୋମଳ ଶଯ୍ୟା, ପଙ୍ଖା ତଥା ଅନ୍ୟାନ୍ୟ ସୁବିଧା ସୁଯୋଗ ବ୍ୟବସ୍ଥା କରିଥାଅ। ତଥାପି ସୁନିଦ୍ରା ହୁଏନାହିଁ, କାହିଁକି ? ସୁନିଦ୍ରା ପାଇଁ ମାନସିକ ଶାନ୍ତି ଆବଶ୍ୟକ। ତୁମ ଦେହ, ମନ, ଚିତ୍ତ ଓ ଅହଂକାର ଭଳି ଅନ୍ତରିନ୍ଦ୍ରିୟଗୁଡ଼ିକ ବାହ୍ୟ ଅଙ୍ଗପ୍ରତ୍ୟଙ୍ଗ ସହିତ ଶାନ୍ତି ଅଭିମୁଖୀ ହେବା ଦରକାର। ଯେଉଁ ଦିବ୍ୟପ୍ରେମ ନିଃସ୍ୱାର୍ଥ, ଯାହା କେବଳ ଦେଇ ଜାଣେ ଓ ପ୍ରତିଦାନରେ କିଛି ଆଶା କରେନାହିଁ, ସେହି ଭାବର ଅଭିବୃଦ୍ଧି କରାଇଲେ ଯାଇ ତୁମେ ଶାନ୍ତି ହାସଲ କରିପାରିବ। ସାଂସାରିକ ପ୍ରେମ କେବଳ ପାଇବାକୁ ଚାହେଁ ଓ ପାଇସାରି ତାକୁ ଭୁଲିଯିବାକୁ ଚାହେଁ। ନିକଟ ଲୋକଙ୍କୁ ଆଘାତ ଦେବା ଭଗବାନଙ୍କୁ ଆଘାତ ଦେବା ସହ ସମାନ। ଦିବ୍ୟପ୍ରେମର ସମକକ୍ଷ ଅନ୍ୟକିଛି ବି ହୋଇନପାରେ। ଏହା ସର୍ବୋଚ୍ଚ। ସଂସାରର କ୍ଷୁଦ୍ର କ୍ଷୁଦ୍ର କଥା ତୁମେ ଭଗବାନଙ୍କୁ ମାଗିଥାଅ। ତୁମ ପାଖରେ ଯାହା ନାହିଁ ସେଭଳି କିଛି ତାଙ୍କୁ ପ୍ରାର୍ଥନା କର। ତୁମ ପାଖରେ ନିଃସ୍ୱାର୍ଥ ପ୍ରେମ ନାହିଁ, ତାହା ତାଙ୍କ ପାଖରେ ପ୍ରଚୁର ପରିମାଣରେ ଅଛି, କେବଳ ତାହାକୁ ହିଁ ମାଗ। ଭଗବାନ ଆନନ୍ଦର ପ୍ରତିମୂର୍ତ୍ତି। ସେହି ଆନନ୍ଦ, ପ୍ରେମ ଓ ଶାନ୍ତି ଯାଚାଞ୍ଚା କର। ସାଂସାରିକ ସୁଖ ଓ ଦୈବୀ ଆନନ୍ଦ ମଧ୍ୟରେ ଥିବା ପାର୍ଥକ୍ୟ ଜାଣିବାକୁ ଚେଷ୍ଟା କର। ଆଜିକାଲି ଲୋକେ ଅନେକ ତୁଚ୍ଛବସ୍ତୁ ଭଗବାନଙ୍କୁ ମାଗୁଛନ୍ତି। ତୁମପାଇଁ କ'ଣ ଶ୍ରେୟସ୍କର ତାହା ଭଗବାନ ଜାଣନ୍ତି ଏବଂ ଦେଇଥାନ୍ତି। ସେ ସମସ୍ତ ଭାବନା, ବଚନ ଓ କର୍ମର ସାକ୍ଷୀ ପୁରୁଷ, ତେଣୁ ଅକୁଣ୍ଠିତ ଚିତ୍ତରେ, ହୃଦୟର ସହିତ ତାଙ୍କ ପାଖରେ ସମର୍ପିତ ହୋଇ ଏକ ଆଦର୍ଶ ଜୀବନଯାପନ କର। ତୁମ୍ଭେମାନେ ମଧ୍ୟ ଦୈବତ୍ୱର ମୂର୍ତ୍ତିମନ୍ତ ରୂପ। ତେଣୁ ତୁମେ ସମସ୍ତଙ୍କୁ ଭଲପାଇବା ଦରକାର, କାହାରିକୁ ଆଘାତ କରିବା ଉଚିତ ନୁହେଁ। ଯଦି କାହାକୁ ବି ଆଘାତ କରୁଥାଅ ତାହା ଭଗବାନଙ୍କୁ ଆଘାତ କରିବା ସହ ସମାନ।

ସନ୍ଥ ପୁରୁଷ ଜନ୍ ସମସ୍ତଙ୍କୁ ନିଜର ଭାଇଭଳି ଭାବୁଥିଲେ। କୌଣସି ଏକ ଘଟଣାରେ ସେ ଜଣକୁ ଦଣ୍ଡ ଦେଇଥିଲେ। ଯୀଶୁ ସ୍ୱପ୍ନରେ ଆବିର୍ଭାବ ହୋଇ ତାଙ୍କୁ ପଚାରିଲେ, 'ତୁ ଭାବୁଛୁ ତୁ ତାକୁ ଦଣ୍ଡ ଦେଇଛୁ ବୋଲି, ନା ତୁ ମୋତେ ଦଣ୍ଡ ଦେଇଛୁ।' ଏଇଥିରୁ ତୁମେ ବୁଝିବା ଦରକାର ଯେ ନିଜ ଲୋକଙ୍କ କ୍ଷତି କରିବା ଭଗବାନଙ୍କୁ କଷ୍ଟ ଦେବା ସଙ୍ଗେ ସମାନ। ତୁମ୍ଭେ ସମତା ଅଭ୍ୟାସ କରିବା ଦରକାର। ଭଜନ ଓ ଧ୍ୟାନ ପ୍ରଭୃତି ମନକୁ ପବିତ୍ର କରିବାର ଉପାୟ। 'ଚିତ୍ତସ୍ୟ ଶୁଦ୍ଧୟେ କର୍ମଣେ।' ଯେଉଁ ପ୍ରେମ ତୁମର ପ୍ରାଣବାୟୁ ତାହାକୁ କର୍ଷଣ କର। ବୃକ୍ଷଟି ସବୁଜ ପତ୍ର, ଡାଳ, ଫଳରେ ପରିପୂର୍ଣ୍ଣ ଥିଲାବେଳେ ତୁମେ ତାହା ପ୍ରତି ଆକର୍ଷିତ ହୋଇଥାଅ। ସେ ସବୁ ଯେତେବେଳେ ଶୁଖିଯାଏ ତୁମେ ତାକୁ କାଟି ପକାଅ କାରଣ ବର୍ତ୍ତମାନ ସେଥିରେ ଜୀବନ ନାହିଁ। ପ୍ରେମଶୂନ୍ୟ ବ୍ୟକ୍ତି ମୃତ ବୃକ୍ଷ ସହ ସମାନ। କୋଇଲାକୁ ଆଞ୍ଚ କରିବା ପାଇଁ ନିଆଁ ଯେପରି ଅତ୍ୟାବଶ୍ୟକ ସେହିପରି ମଣିଷ ପାଇଁ ପ୍ରେମ ନିତାନ୍ତ ପ୍ରୟୋଜନ। ଦିବ୍ୟପ୍ରେମ ଉପରେ ମନକୁ ପର୍ଯ୍ୟବସିତ କରି ନିଜକୁ ଦୁର୍ବଳତାରୁ ମୁକ୍ତ କର, କାରଣ ଦିବ୍ୟକୃପା ପ୍ରଚଣ୍ଡ ଶକ୍ତି ପ୍ରଦାନ କରିଥାଏ। ଅନ୍ୟ ସମସ୍ତ ବସ୍ତୁ ମିଳିପାରେ, ଚାଲିଯାଇପାରେ କିନ୍ତୁ ଦିବ୍ୟକୃପା ଚିରସ୍ରୋତା। ତୁମେ ଅନ୍ୟକିଛି କର ନକର ଦିବ୍ୟପ୍ରେମ ବିକାଶ କର। ଭଗବାନ ନିର୍ଦ୍ଦେଶକ, ମଣିଷ ଅଭିନେତା ମାତ୍ର।

ଦୀକ୍ଷା

॥ ଉମେଶ ଚନ୍ଦ୍ର ପାତ୍ର ॥

ଦୀକ୍ଷା ନେବା ଅର୍ଥ ଦକ୍ଷତା ଲାଭର କୌଶଳ ଜାଣିବା। ସେହି କୌଶଳ ଜାଣିନେଇ ତଦନୁଯାୟୀ ଅନୁଶୀଳନ କରିବାକୁ ହୁଏ। ଆଶୀର୍ବାଦ ଅର୍ଥ ଅନୁଶାସନବାଦ। ଅନୁଶାସନକୁ ମାନିଲେ ହିଁ ଆଶୀର୍ବାଦ ମିଳେ। ଜୀବନର ସୁଖ ସ୍ୱାଚ୍ଛନ୍ଦ୍ୟ ଭୋଗର ପ୍ରଧାନ ଜଗକରଣ ହେଲା ପ୍ରବୃତ୍ତି। ପୁଣି ପ୍ରଧାନ ଅନ୍ତରାୟ ହେଲା ମଧ୍ୟ ପ୍ରବୃତ୍ତି। ପ୍ରବୃତ୍ତିଗୁଡ଼ିକ ସୁଖ ସ୍ୱାଚ୍ଛନ୍ଦ୍ୟ ଲାଭର ଅନ୍ତରାୟ ନହୋଇ କିପରି ଭାବରେ ସହାୟକ ହୁଏ ତା'ର କୌଶଳ ସଦ୍‌ଗୁରୁଙ୍କ ପାଖରୁ ଜଣାଯାଏ। ଅସ୍ତିତ୍ୱର ଧାରଣ, ପୋଷଣ ଓ ରକ୍ଷଣର କୌଶଳ ଯିଏ ଜାଣନ୍ତି ସେ ହିଁ ସଦ୍‌ଗୁରୁ। ତେଣୁ ଦୀକ୍ଷା ନେବା ଆବଶ୍ୟକ ସଦ୍‌ଗୁରୁ ବା ଆଚାର୍ଯ୍ୟଙ୍କ ପାଖରୁ - ଯିଏ ଆଚରଣ କରି ଜାଣିଛନ୍ତି। ଦୀକ୍ଷା ମାନେ ହିଁ ଦକ୍ଷତାର ଅନୁଶୀଳନ, ଯାହାଙ୍କୁ କରୁ ସନିତୋମୁଖୀ ଦକ୍ଷତା ସ୍ୱତଃ ହିଁ ବୃଦ୍ଧିପାଏ।

ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ଦୀ'। କହିଲେ ମୁଁ ବୁଝେ ଗୁରୁଙ୍କ ସମ୍ପୂର୍ଣ୍ଣ ଭାବରେ ଗ୍ରହଣ, ତାଙ୍କ ପାଖରେ ଆତ୍ମ ସମର୍ପଣ ଓ ସେହି ମାଧ୍ୟମରେ ଦକ୍ଷତାର ଅନୁଶୀଳନ, ନୀତି ଯାହାଙ୍କ ଜୀବନରେ ମୂର୍ତ୍ତ, ତାଙ୍କୁ ବାଦ ଦେଇ ଯଦି ସେହି ନୀତିଗୁଡ଼ିକୁ ଅନୁସରଣ କରିବାକୁ ଯାଉଁ, ତାହାହେଲେ ସେହି ନୀତି ଗୁଡ଼ିକ ନାମରେ ବିଳମ୍ବ ମନଗଢ଼ା ଧାରଣାକୁ ହିଁ ଅନୁସରଣ କରିଚାଲିବୁ। ଏଥିରେ ଅଭିହିତ ବା ଖିଆଲ ହିଁ ଆମ୍ଭ ମାନଙ୍କ ପାଖରେ ଗୁରୁପନବାକ୍ୟ ହୋଇଉଠେ। ଏଥିରେ କନ୍ତୁ କିଛି ଲାଭ ହୁଏନାହିଁ। କିନ୍ତୁ ଗୁରୁଙ୍କ ପ୍ରତି ସକ୍ରିୟ ଅନୁରାଗ ଓ ତାଙ୍କର ପ୍ରେରଣା ଭିତରେ ଦେଇ କେନ୍ଦ୍ରାୟିତ ଆତ୍ମନିୟନ୍ତ୍ରଣ ଯେ କେତେ ପରିମାଣରେ ତୀବ୍ର ଗତି ସମ୍ପନ୍ନ ହୁଏ ତାହା ବର୍ଣ୍ଣନା କରିହୁଏ ନାହିଁ। ତୁମେ ଯଦି ତୁମର ମା'ଙ୍କୁ କୃପାର ତାଙ୍କର ନିର୍ଦ୍ଦେଶ ଅନୁଯାୟୀ ଚାଲ ଓ ତୁମର ମା ଯଦି ସେଥିରେ ସମ୍ମତି ପ୍ରଦାନ କରନ୍ତି ତାହାହେଲେ ସେହି ଚାଲିବାଟା ବହୁତ ସୁଖକର ଲାଗେ।

ପ୍ରକୃତ ଦୀକ୍ଷାରେ ମଣିଷ ହିତରେ ଦକ୍ଷତାର ସଞ୍ଚାର ହୁଏ, ଅବଶ୍ୟ ଯଦି ଠିକ୍ ଠିକ୍ ଅନୁଯାୟୀ ଅନୁଶୀଳନ କରେ। କଳକୀ ଅବତାର ସଦ୍‌ଗୁରୁ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ଆମ୍ଭମାନଙ୍କ ଦେଶରେ ଧର୍ମ ନାମରେ ନକରି ପାନକାର ବୁଦ୍ଧିଟି ପ୍ରବଳ। କର୍ମ ବା ଅନୁଶୀଳନ ନକରି ଅଲୌକିକ ଭାବରେ ପ୍ରତ୍ୟାଶା ପୂରଣର ଧନ୍ଦା ରଖି ଯଦି ମଣିଷ ଦୀକ୍ଷା ନିଏ, ତାହାହେଲେ କିନ୍ତୁ କିଛି ହିଁ ହୁଏ ନାହିଁ। ସେଥିରେ ମଣିଷ ଆହୁରି ଅକର୍ମଣ୍ୟ ଓ ଅଳସୁଆ ହୋଇପଡ଼େ।

ତାହାଛଡ଼ା ପ୍ରତ୍ୟାଶା ମାଧ୍ୟମରେ ଗୁରୁଙ୍କ ପାଖରୁ ଦୀକ୍ଷାନେଲେ ସେଥିରେ ପ୍ରତ୍ୟାଶା ହୁଏ ମୁଖ୍ୟ, ଗୁରୁ ବା ଇଷ୍ଟ ହୁଅନ୍ତି ଗୌଣ। ଗୁରୁ ଯଦି ଗୌଣ ହୁଅନ୍ତି, ତାଙ୍କୁ ଅନୁସରଣ କରିବାର ବୁଦ୍ଧି ହୁଏନାହିଁ। ତେଣୁ ମଣିଷର ବୁଦ୍ଧି ମଧ୍ୟ ହୁଏନାହିଁ। ଇଷ୍ଟଙ୍କର ଅନୁସରଣ ଓ ଅନୁପୂରତାକୁ ହିଁ ମୁଖ୍ୟ କରି ଧରିଲେ ମଙ୍ଗଳ ସୁନିଶ୍ଚିତ।

କେହି କେହି ବ୍ୟକ୍ତି ଦୀକ୍ଷା ନନେଇ ଗୁରୁଙ୍କର ନୀତି ଗୁଡ଼ିକ କେବଳ ଅନୁସରଣ କରନ୍ତି ଓ ଗୁରୁଙ୍କୁ ମଧ୍ୟ ଭଲପାନ୍ତି। ତେଣୁ ଦୀକ୍ଷା ନେବାର ପ୍ରୟୋଜନ କ'ଣ ? ଏହି ପ୍ରସଙ୍ଗରେ ଯୁଗ ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ ତୁମେ ଯେପରି ଭାବରେ ଯେଉଁ ଆଦର୍ଶରେ ଯେତେ ପରିମାଣରେ ସୁନିଷ୍ଠ ହେବ ସେତେ ପରିମାଣରେ ତୁମ ଭିତରେ ଅଗ୍ନି ଓ ଦୀପ୍ତି ସୃଷ୍ଟି ହେବ। ନିଷ୍ଠା ସହିତ ରହିଛି ଶିଷ୍ୟ ହେବା। ଶିଷ୍ୟ ହେବା ସହିତ ଶୃଙ୍ଖଳା ସ୍ୱତଃ ଆସିଯାଏ। ଶିଷତ୍ୱର ବୁଦ୍ଧି ନରହିଲେ ନିଜ ପସନ୍ଦ ବିରୋଧୀ ନିର୍ଦ୍ଦେଶ ମୁଣ୍ଡପାତି ମାନିନେବାକୁ ଇଚ୍ଛାହୁଏ ନାହିଁ, ବାଛି ବାଛି ନିଜର ପସନ୍ତ ହେଉଥିବା ନିର୍ଦ୍ଦେଶଗୁଡ଼ିକୁ ପାଳନ କରିବାକୁ ଇଚ୍ଛାହୁଏ, ଗୁରୁଭକ୍ତି ଥିବା ସତ୍ତ୍ୱେ ମଧ୍ୟ ଯେଉଁଠାରେ ନିଜର ଚାହିଦା ଓ ପସନ୍ଦ ସହିତ ଦ୍ୱନ୍ଦ ଉପୁଜେ ସେଠାରେ ଅମାନ୍ୟ କରିବାର ବୁଦ୍ଧିଥାଏ। ସନ୍ତାନ ଭାବରେ ମଧ୍ୟ ଦମ୍ଭ ଥାଏ ଯଦି ସନ୍ତାନତ୍ୱ ସହିତ ଶିଷତ୍ୱ ନଥାଏ।

ସ୍ୱାମୀ ବିବେକାନନ୍ଦ କହିଛନ୍ତି - ଦ୍ୱିଧା ଓ ସନ୍ଦେହର ଲେଶମାତ୍ର ନରଖି ଗୁରୁ ଆଜ୍ଞା ପାଳନ କରିବା ହିଁ ଆଧ୍ୟାତ୍ମିକ ଜୀବନରେ ସାଫଲ୍ୟତାର ଏକମାତ୍ର ପଥ। ଗିରିଦାର ଓ ସହଦାର, ତୁମେ ଯଦି ଆତ୍ମ ସମର୍ପଣ କର ଅନ୍ୟମାନେ ତୁମକୁ ମାନି ଚାଲିବା ପାଇଁ ପ୍ରେରଣା ପାଇବେ। ତାହା ନକରି କେବଳ ପଦକ୍ଷେପ ନେଲେ ସେହି ପଦକ୍ଷେପ ମାନି ଚାଲିବା ପାଇଁ ଆଗ୍ରହ ଅନ୍ୟ ଭିତରେ ସଞ୍ଚାରିତ ହେବନାହିଁ। ବାଧବାଧକତାରେ ଯଦି କେହି ମାନିଚାଲେ ତାହା ମଧ୍ୟ ତାପାଖରେ ବିରକ୍ତିକର ଖଟଣି ପରି ମନେ ହେବ। ଯେଭଳି ମୁହୂର୍ତ୍ତରେ ତୁମେ ନିଷ୍ଠା ସମ୍ପନ୍ନ ହେଲ ସେହି ମୁହୂର୍ତ୍ତରେ ଦମ୍ଭ ବା ଅହଂକାର ତୁମ ପାଖରୁ ବିଦାୟ ନେବ। ସେତେବେଳେ ଆସିବ ମୂର୍ତ୍ତ ଆଦର୍ଶଙ୍କ ପାଇଁ ଗୌରବବୋଧ। ଏହାକୁ କୁହନ୍ତି ଅଭିବାତ୍ୟ ଓ ଅଭିବାତ୍ୟର ନିଦର୍ଶନ ହେଲା ଉନ୍ନତ ଆଚରଣ ଓ ଏହି ଆଭିଜାତ୍ୟ ହିଁ ଜୀବନର ନିର୍ଯ୍ୟାସ।

ଜନୈକ ଭକ୍ତ ପ୍ରଶ୍ନ କଲେ ଯଦି ଜଣେ ସଦ୍‌ଗୁରୁ ଲାଭ କରିନଥାଏ କିନ୍ତୁ ଆକୁଳ ଆଗ୍ରହରେ ଭଗବାନକୁ ଡାକେ ଓ ଭଗବାନଙ୍କ ପଥରେ ଚାଲେ ସେ କ'ଣ ଜୀବନରେ ଅନୁଗ୍ରହ ପାଇପାରିବ ନାହିଁ ? ଏହି ପ୍ରସଙ୍ଗରେ କଲ୍‌କୀ ଅବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଇଷତ୍ ହସି କହଲେ - ଧ୍ରୁବ ପଦ୍ମପଳାସ-ମୋଚନଙ୍କ ପାଇଁ ପାଗଳ ହୋଇଯାଇଥିଲେ। ଦିନରାତି ତାଙ୍କୁ ବ୍ୟାକୁଳ ହୋଇ ଡାକନ୍ତି। ତାଙ୍କର ସେହି ଡାକ ଶୁଣି ପଦ୍ମ-ପଳାଶ-ମୋଚନଙ୍କର ସିଂହାସନ ଟଳମଳ ହୋଇଗଲା। ସେ ସେତେବେଳେ ନାରଦଙ୍କୁ ଡାକି କହିଲେ - ନାରଦ! ତୁମେ ଧ୍ରୁବଙ୍କୁ ଦୀକ୍ଷା ଦିଅ ତା'ନହେଲେ ତ ମୁଁ ଦେଖା ଦେଇପାରୁନାହିଁ। ସେତେବେଳେ ନାରଦ ଆସି ଦୀକ୍ଷା ଦେଲେ, ତାପରେ ପଦ୍ମ-ପଳାଶ-ମୋଚନ ଆବିର୍ଭୂତ ହେଲେ। ଶ୍ରୀ ଶ୍ରୀ ଠାକୁର ନିଶ୍ଚୟାତ୍ମକ....... କହିଲେ - ପରମପିତାଙ୍କୁ କେହି ଯଦି ଆନ୍ତରିକ ଭାବରେ ଚାହେଁ ଓ ଖୋଜାଖୋଜି କରେ ତାହାହେଲେ ପରମପିତାଙ୍କ ଦୟାରେ ତାର ଯୋଗଯୋଗ ମଧ୍ୟ ହୋଇଯାଏ। ପାଇବାକୁ ହେଲେ କରିବାକୁ ହେବ। କରି ହୁଅ ଓ ହୋଇ ପାଅ।

ପୁନର୍ବାର ଶ୍ରୀ ଶ୍ରୀ ଠାକୁର ଭାବାବେଗରେ ପ୍ରକାଶକଲେ - ମଣିଷ ଜୀବନର ଅସଲ ଚାହିଦା ହେଲା ସଦ୍‌ଗୁରୁଙ୍କ ପାଖରୁ ଦୀକ୍ଷା ନେଇ ତାଙ୍କ ପ୍ରତି ଅଚ୍ୟୁତ ଅନୁରାଗ ନେଇ ଚାଲିବା। ସଦ୍‌ଗୁରୁଙ୍କର ଦୀକ୍ଷା ନେବା ପାଇଁ ଯେଉଁମାନଙ୍କର ଆପତ୍ତି ଥାଏ ସେମାନଙ୍କ ପ୍ରବୃତ୍ତିର ଅନୁଚରର ହୁଅନ୍ତି। ବିବାହିତ ସ୍ତ୍ରୀ ଓ ରକ୍ଷିତା ମଧ୍ୟରେ ଯେତିକି ଫରକ ଜଣେ ଦୀକ୍ଷିତ ଓ ଯୁଗଗ୍ରାହୀ ମଧ୍ୟରେ ମଧ୍ୟ ସେତିକି ଫରକ। ହିନ୍ଦୁମାନେ ଦୀକ୍ଷାକୁ ଜୀବନର ଅମୃତ ବୋଲି ମନେ କରନ୍ତି। କଥା ପ୍ରସଙ୍ଗରେ ଶ୍ରୀ ଶ୍ରୀ ଠାକୁର କହିଲେ - ମନେରଖ - ଅଚାର୍ଯ୍ୟଙ୍କ ପାଖରେ ନିଷ୍ଠା ନିପୁଣ ଅନୁରାଗ ରହିଲେ ପ୍ରୀତି-ପଚ୍ଛଳ ସମ୍ବେଦନା ନେଇ ଦୀକ୍ଷା ମନୁଷ୍ୟକୁ ଦକ୍ଷ କରିତୋଳେ। ଧୃତି ଓ କୃତି ଦୁଇଟି ହିଁ ଦୀପ୍ତ ହୋଇଉଠେ। ଏହା ସହିତ ମନୁଷ୍ୟର ସଂହତି ଓ ଦକ୍ଷତା ମଧ୍ୟ ବଢ଼ିଯାଏ। ସଦ୍‌ଗୁରୁ ନିର୍ଦ୍ଦେଶିତ ଦୀକ୍ଷା ହେଉଛି ଯତ୍ର କାଳ ବିଚାରଣା।

ସହପ୍ରତିରତ୍ୱିକ ଓ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୬

ଆନନ୍ଦମୟ ମାନସିକତା

ଡାକ୍ତର ସମ୍ରାଟ କର

ମୋ ଡିଟିପି କାର୍ଯ୍ୟରେ ଢ଼େର ସହଯୋଗ କରୁଥିବା ବନ୍ଧୁ ଶ୍ରୀକାନ୍ତ ସେ ଦିନ ବଡ଼ ବ୍ୟସ୍ତ ହୋଇପଡ଼ି ମୋତେ ଫୋନ କଲେ। ସକାଳୁ ସେ ତାଙ୍କର କିଛି ସମୟ ବ୍ୟକ୍ତିଗତ କାର୍ଯ୍ୟ ପାଇଁ ବ୍ୟୟ କରନ୍ତି ପରେ ଓଡ଼ିଶା ସରକାରଙ୍କ ପଦସ୍ଥ କାର୍ଯ୍ୟାଳୟରେ ସେ ନିଜ ସମୟ ଦିଅନ୍ତି। ଯଦିଓ ଘରୁ ଓ ତାଙ୍କ କାର୍ଯ୍ୟାଳୟ କ୍ଷେତ୍ର ଯିବା ଆସିବା ପାଖାପାଖି ପଚିଶ କିଲୋମିଟର ଭିତରେ ସେ ମୋତେ ସେ ଦିନ ପ୍ରଶ୍ନ କଲେ ସାର ଅଫିସରେ କିଛି ସମୟ କଲାପରେ କେଜାଣି କାହିଁକି ଟିକିଏ ଥକ୍କା ଲାଗୁଛି ଓ ନିଦ ଅନୁଭୂତ ହେଉଛି। ମୁଁ ତାଙ୍କ ଖାଦ୍ୟପେୟ ଓ ବିଶ୍ରାମର ସମସ୍ତ ଦିନଚର୍ଯ୍ୟା ବୁଝିବା ପରେ ତାଙ୍କୁ ସବିଶେଷ କହିଲି ବାସ୍ତବ କଥା ହେଉଛି ବେଳେ ବେଳେ ଏତେ ନିଦ ଅନୁଭବ କରିପାରନ୍ତି ଯେ ଆପଣଙ୍କ ଆଖି ସଂପୂର୍ଣ୍ଣ ବନ୍ଦ ହୋଇଯାଉଥିବ। ଏପରି ଅନୁଭବ କରୁଥିବା ବ୍ୟକ୍ତି ଆପଣ ଏକା ନୁହଁନ୍ତି। ପ୍ରକୃତ କଥା ହେଉଛି ନିଦ୍ରାହୀନତାର ସିଧା ପ୍ରଭାବ ଆମର କାର୍ଯ୍ୟ ଉପରେ ପଡ଼ିଥାଏ। ଅନେକ ସମୟ ପର୍ଯ୍ୟନ୍ତ ଗୋଟିଏ ଜାଗାରେ ବସି ରହିବା ଦ୍ୱାରା ମଧ୍ୟ ନିଜ ଆସିବା ସ୍ୱାଭାବିକ। ତାହେଲେ ରିଫ୍ରେଶ ହେବା ପାଇଁ କଣ କରିବା ଉଚିତ। ଆଜିକାଲି ଅଫିସ କାର୍ଯ୍ୟ ମଧ୍ୟରେ ନିଜକୁ ସତେଜ କରିବାକୁ ଏନଏସଡିଆର ଶବ୍ଦ ଗୁଗଲରେ ବହୁତ ସର୍ଚ୍ଚ କରାଯାଉଛି। ଏହି ଏନଏସଡିଆର କ'ଣ ଜାଣନ୍ତୁ ? ଏନଏସଡିଆରକୁ ନନ ସ୍ଲିପ ଡିପ ରେଷ୍ଟ କୁହାଯାଉଛି। ନନ ସ୍ଲିପ ଡିପ ରେଷ୍ଟ ଆପଣଙ୍କ ବିଚାର ପ୍ରବାହ ଏବଂ ବ୍ରେନ ୱେଭ ଫ୍ରିକ୍ୱେନ୍ସିକୁ ଧିକା କରିବାରେ ସାହାଯ୍ୟ କରେ। ଏହା ମସ୍ତିଷ୍କ ଏବଂ ଶରୀରକୁ ଆରାମ ପ୍ରଦାନ କରିଥାଏ। ଏନଏସଡିଆର ଆଙ୍ଗଜାଇଟି କମ କରିବା ଏବଂ ଶିଖିବାରେ ମଧ୍ୟ ସାହାଯ୍ୟ କରେ। ଗୁଗଲ ସିଇଓ ସୁନ୍ଦର ପିଚାଇ ଥରେ ୱାଲ ଷ୍ଟ୍ରିଟ ଜର୍ଣ୍ଣାଲକୁ ଦେଇଥିବା ସାକ୍ଷାତକାରରେ କହିଥିଲେ, ସେ ନିଜକୁ ରିଫ୍ରେଶ ରଖିବା ପାଇଁ ନନ୍ ସ୍ଲିପ ଡିପ ରେଷ୍ଟ ବା ଏନଏସଡିଆର ଆଧାରିତ ପଡ଼କାଷ୍ଟ ଶୁଣିଥାନ୍ତି। ସେ ୟୁଟ୍ୟୁବରେ ଏନଏସଡିଆର ଭିଡ଼ିଓ ଖୋଜନ୍ତି। ଯାହାର ପ୍ରୟୋଗ ସେ ନିଜକୁ ସତେଜ ରଖିବା ପାଇଁ କରନ୍ତି। ଏନଏସଡିଆର ସ୍ନାୟୁବିଜ୍ଞାନୀ ତଥା ଅନୁସନ୍ଧାନକାରୀ ଆଣ୍ଡ୍ରିୟୁ ହ୍ୟୁବରମ୍ୟାନଙ୍କ ଦ୍ୱାରା ବିକଶିତ କରାଯାଇଥିଲା। ବାସ୍ତବରେ ଏହା ବହୁ ବର୍ଷ ପୁରୁଣା ଅଭ୍ୟାସ ଯୋଗ ନିଦ୍ରାର ଦ୍ୱିତୀୟ ନାମ। ଯାହାକୁ ଯୋଗ ନିଦ ମଧ୍ୟ କୁହାଯାଇଥାଏ। ଏନଏସଡିଆର ଏକ ପ୍ରକାର ଧ୍ୟାନର ଅଭ୍ୟାସ। ଏହି ସ୍ଥିତିରେ ସ୍ୱପ୍ନ ମଧ୍ୟ ଆସିଥାଏ। କିନ୍ତୁ ଆମେ ଶୋଇନଥାଉ। ଏହା ବ୍ୟକ୍ତିକୁ ଆରାମ ସ୍ଥିତିକୁ ନେଇଯାଇଥାଏ।

ଏହା ବାସ୍ତବରେ ଏକ ରୋଗ ନୁହେଁ। ଏହା ଅସଲରେ ହେଉଛି ଆମ କାର୍ଯ୍ୟ ବସ୍ତତା ଭିତରେ ବିରାମ ବା ବିରତିର ଯଥାର୍ଥ ଅଭାବ। ତେଣୁ ଆପଣ ନିଜ କାର୍ଯ୍ୟ ନିର୍ଘଣ୍ଟକୁ ଦେଖି ଖାଇବା ଓ ବିଶ୍ରାମ ପାଇଁ ସମୟ ରଖନ୍ତୁ। ଯୋଗାସନ, ପ୍ରାଣାୟମ, ପ୍ରାତଃ ଭ୍ରମଣ, ସାଇକେଲ ଚାଳନା, ସନ୍ତରଣ ଏସବୁ ଖୁବ ଭଲ ଅଭ୍ୟାସ। ସମସ୍ତ ପ୍ରକାର ନିଶାଦ୍ରବ୍ୟ ଓ ମାଦକ ସେବନ ଠାରୁ ଦୂରେଇ ରୁହନ୍ତୁ। ବଜାରର ତଥାକଥିତ ଫାଷ୍ଟଫୁଡ ଖାଇବା ଠାରୁ ସୁଷମ ଖାଦ୍ୟ ଖୁବ ଭଲ। ନିଜକୁ କାମ ଭିତରେ ସବୁବେଳେ ବୁଡ଼ାଇ ରଖନ୍ତୁ ନାହିଁ। ଅନ୍ତତଃ ନିଜ ପାଇଁ, ନିଜ ପରିବାର ପାଇଁ ସମୟ କାଢ଼ନ୍ତୁ। ସବୁବେଳେ ନିଜକୁ ପ୍ରଫୁଲ୍ଲିତ ଓ ଆନନ୍ଦମୟ ଚେତନା ଭିତରେ ରଖିବା ପାଇଁ ପ୍ରଚେଷ୍ଟା ରଖନ୍ତୁ। ପ୍ରତ୍ୟେକ ଲୋକର ଅସଲ ଶକ୍ତି ହେଉଛି ତା ପରିବାର। କାରଣ ତା ପରିବାର ହେଉଛି ସାମର୍ଥ୍ୟର ଶ୍ରେଷ୍ଠ ଉପଯୋଗୀ ଉପାଦାନର କ୍ଷେତ୍ର। ତେଣୁ ଏ କ୍ଷେତ୍ରରେ ଅନ୍ୟମାନଙ୍କର ବି ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ ନିଜକୁ ଆନନ୍ଦମୟ ମାନସିକତା ଭିତରେ ରଖିପାରିଲେ ଆପଣ ଏହି ଜଟିଳ ସ୍ୱାସ୍ଥ୍ୟ ସମସ୍ୟାରୁ ନିଜକୁ ଦୂରେଇ ପାରିବେ।

ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩୩

ଅଭିନୟ ଜଗତରେ ନିଷ୍ଠା, ସାଧନା ଓ ସମର୍ପଣର ପାଇଁ ବିଶିଷ୍ଟ ଅଭିନେତା ଶ୍ରୀ ଶ୍ରୀମନ୍ ନାରାୟଣ ମିଶ୍ର ଓଲିଉଡ୍ ନିଉଜ ଦ୍ୱାରା ସମ୍ବର୍ଦ୍ଧିତ



ପାରାଦୀପ , (ମହାଭାରତ): ଓଡ଼ିଆ ନାଟ୍ୟ ନିର୍ଦ୍ଦେଶନା ଓ ଅଭିନୟ ଜଗତରେ ନିଜର ସ୍ୱତନ୍ତ୍ର ଅଭିନୟ ଶୈଳୀ,ଚରିତ୍ର ପ୍ରତି ନିଷ୍ଠା ଏବଂ କଳା ପ୍ରତି ଅସୀମ ଭଲପାଇବା ମାଧ୍ୟମରେ ପରିଚୟ ସୃଷ୍ଟି କରିଥିବା ପାରାଦୀପ ବନ୍ଦରରେ ଅଦ୍ୟାବଧି ଆସିଷ୍ଟାଣ୍ଟ ଟ୍ରାଫିକ ମ୍ୟାନେଜର ଭାବେ କାର୍ଯ୍ୟରତ ଶ୍ରୀମନ୍ ନାରାୟଣ ମିଶ୍ର ଓଡ଼ିଆ କଳା ଜଗତ ପାଇଁ ଆଉ ଏକ ଗୌରବମୟ ସଫଳତା ହାସଲ କରିଛନ୍ତି । ତାଙ୍କୁ ଚଳିତ ବର୍ଷର ଓଲିଉଡ୍ ନ୍ୟୁଜ୍ ଆୱାର୍ଡ–୨୦୨୬ରେ ଶ୍ରେଷ୍ଠ ଅଭିନେତା ଭାବେ ସମ୍ମାନିତ କରାଯାଇଛି । ଓଲିଉଡ୍ ନ୍ୟୁଜ୍ ପକ୍ଷରୁ ଅକ୍ଟୋବର ମାସରେ ଭୁବନେଶ୍ୱରସ୍ଥିତ ରବୀନ୍ଦ୍ର ମଣ୍ଡପ ଠାରେ ଆୟୋଜିତ ପ୍ରଥମ ବାର୍ଷିକ ପୁରସ୍କାର ଉତ୍ସବରେ ଏହି ସମ୍ମାନ ପ୍ରଦାନ କରାଯାଇଥିଲା । ଏହି ଅବସରରେ ଓଲିଉଡ୍ ଜଗତର ଜଣାଶୁଣା କଳାକାର ଅଶ୍ରୁ ମୋହନ ମହାନ୍ତି, ଲାଲା ବିରେନ ରାୟ, ଓଡିଶା ଅଲମ୍ପିକ ଆସୋସିଏସନ ର ସଭାପତି ସମୀର ମହାନ୍ତି ଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ତେବେ ଓଡ଼ିଆ ମନୋରଞ୍ଜନ ଜଗତରେ ନୂତନ ପ୍ରତିଭାଙ୍କୁ ଉତ୍ସାହିତ କରିବା ଏବଂ କଳା, ସାହିତ୍ୟ, ନାଟକ, ଯାତ୍ରା ଓ ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ବ୍ୟକ୍ତିତ୍ୱମାନଙ୍କୁ ସ୍ୱୀକୃତି ଦେବା ଏହି ଉତ୍ସବର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଏହି ପୁରସ୍କାର ପାଇଁ ଏକ ଉଚ୍ଚସ୍ତରୀୟ ଜୁରି କମିଟି ଶ୍ରୀ ମିଶ୍ରଙ୍କ ନାମ ସୁପାରିଶ କରିଥିଲେ । ତାଙ୍କର ଅଭିନୟ ପ୍ରତିଭା, ନାଟକ ପ୍ରତି ଆଗ୍ରହ, ସୃଜନଶୀଳ ଚିନ୍ତାଧାରା ଓ କଳା କ୍ଷେତ୍ର ପ୍ରତି ସମର୍ପଣକୁ ଏହି ସମ୍ମାନର ଆଧାର ଭାବେ ବିବେଚନା କରାଯାଇଛି । ଏହି ସମ୍ମାନ ପାଇବା ପରେ ଶ୍ରୀମନ୍ ମିଶ୍ର ଓଲିଉଡ୍ ନ୍ୟୁଜ୍ ?ର ପ୍ରକାଶକ ପ୍ରସନ୍ନ ପୃଷ୍ଟି, ଜୁରି କମିଟିର ସମସ୍ତ ସଦସ୍ୟ, ସହକଳାକାର, ନିର୍ଦ୍ଦେଶକ, ଶୁଭେଚ୍ଛୁ ଓ ତାଙ୍କୁ ଭଲପାଉଥିବା ସମସ୍ତଙ୍କ ପ୍ରତି ହୃଦୟରୁ କୃତଜ୍ଞତା ଜଣାଇଛନ୍ତି । ଏହି ସମ୍ମାନ ତାଙ୍କୁ ଆଗାମୀ ଦିନରେ ଅଧିକ ଉତ୍ସାହ ଓ ଦାୟିତ୍ୱବୋଧ ସହିତ କଳାକ୍ଷେତ୍ରରେ କାର୍ଯ୍ୟ କରିବାକୁ ପ୍ରେରଣା ଯୋଗାଇବ ବୋଲି ସେ ଆଶା ପ୍ରକାଶ କରିଛନ୍ତି ।

ଏହି ସମ୍ମାନ ତାଙ୍କର ବ୍ୟକ୍ତିଗତ ଗୌରବ ସହିତ ଓଡ଼ିଆ ନାଟ୍ୟ ଓ ସାଂସ୍କୃତିକ ଜଗତ ପାଇଁ ମଧ୍ୟ ଏକ ଆନନ୍ଦଦାୟକ ଉପଲବ୍ଧି । ଶ୍ରୀ ମିଶ୍ର କ୍ୟାନମାସ ଏକ ସୁନାମଧନ୍ୟ ନାଟ୍ୟ ସଂସ୍ଥା ର ନିର୍ଦ୍ଦେଶକ ଭାବରେ ପାରାଦ୍ୱୀପ କୁ ଭାରତ ନାଟ୍ୟ ମାନଚିତ୍ରରେ ସ୍ଥାନିତ କରିପାରିଛନ୍ତି । ଏହି ସଫଳତାରେ କଳାପ୍ରେମୀ, ସହକର୍ମୀ ଓ ଶୁଭେଚ୍ଛୁମାନଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି । ଆଗାମୀ ଦିନରେ ସେ ଅଧିକ ଉତ୍କୃଷ୍ଟ ଅଭିନୟ ମାଧ୍ୟମରେ ଓଡ଼ିଆ କଳା ଜଗତକୁ ସମୃଦ୍ଧ କରିବେ ବୋଲି ସମସ୍ତଙ୍କ ଆଶା ଓ ଶୁଭକାମନା ।

‘ସୁରଭି’ କାର୍ଯ୍ୟକ୍ରମକୁ ନେଇ ଦୋଛକିରେ ପଡ଼ିଲା ଶିକ୍ଷାବିଭାଗ : ବିଜେପି ପରେ ବିଜେଡ଼ି ନେତା ମଞ୍ଚରେ

ଓଡ଼ଗାଁ, (ମହାଭାରତ):ଓଡ଼ଗାଁ ମଣ୍ଡଳସ୍ତରୀୟ ‘ସୁରଭି’ କାର୍ଯ୍ୟକ୍ରମକୁ ନେଇ ଶିକ୍ଷାବିଭାଗ ଅଡୁଆରେ ପଡ଼ିଛି । ଲଗାଣ ବର୍ଷାସତ୍ୱେ ବିଜେପି ଓ ବିଜେଡ଼ି ନେତାମାନେ ଆସି କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି ।ସାଂସ୍କୃତିକ କାର୍ଯ୍ୟକ୍ରମ ସମୟରେ ବାଚସ୍ପତି ସୁରମା ପାଢୀ,ବ୍ଲକ୍ ଅଧ୍ୟକ୍ଷ ଲୋକନାଥ ସାହୁ, ୨ନଂ ଜିଲ୍ଲାପରିଷଦ ସଭ୍ୟା ବିରଜାଲକ୍ଷ୍ମୀ ସାହୁ,ସ୍ଥାନୀୟ ସରପଂଚ ଓ ବିଇଓ ପିଣ୍ଟୁ ପ୍ରଧାନ ଯୋଗ ଦେଇଥିଲେ ।ଏହି ନେତାମାନେ ମଞ୍ଚରେ ବସିଥିଲେ ମଧ୍ୟ ବିଜେଡ଼ି ନେତାମାନେ ଆସି ସ୍କୁଲ ଭିତରେ ଅପେକ୍ଷା କରିଥିଲେ ।ସେମାନେ ମଞ୍ଚରୁ ଯିବାପରେ ବିଜେଡ଼ିର ଜିଲ୍ଲାପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ,୩ନଂ ଜିଲ୍ଲାପରିଷଦ ସଭ୍ୟା ଚିନ୍ମୟୀ ଦାଶ, ୪ନଂ ଜିଲ୍ଲାପରିଷଦ ସଭ୍ୟା ସଂଯୁକ୍ତା ପଢିଆରୀ ଓ ଅନ୍ୟ ଅତିଥିମାନେ ଆସି ମଞ୍ଚରେ ବସିଥିଲେ ।ଉଭୟ ଦଳର ନେତା ଗୋଟିଏ ମଂଚରେ ବସିବାକୁ ଅମଙ୍ଗ ହେଉଛନ୍ତି ନା ଦଳର ମର୍ଯ୍ୟାଦା ରଖିଛନ୍ତି ତାକୁନେଇ ଆଲୋଚନା ଚାଲିଛି ।ବଡ଼କଥା ହେଉଛି ବାଚସ୍ପତିଙ୍କ ପାଖଲୋକ ତଥା ସ୍ଥାନୀୟ ସରପଞ୍ଚ ଅନ୍ତର୍ଯ୍ୟାମୀ ସାହୁ ବିଜେଡ଼ି ନେତାଙ୍କ ପାଖରେ ନବସି ମଞ୍ଚର ଶେଷ ଭାଗରେ ବସିଥିଲେ ।ଏହାକୁ ନେଇ ବିଜେପି ଓ ବିଜେଡ଼ି କର୍ମୀମାନେ ନିଜଭିତରେ କୁହାକୁହି ହେଉଥିଲେ ।ବାହାରେ ଏହି ବିଜେପି– ବିଜେଡ଼ି ନେତାମାନଙ୍କ ଭିତରେ ଉତ୍ତମ ସୁସଂପର୍କ ଥିବା ବେଳେ ମଞ୍ଚରେ କିନ୍ତୁ ଅଲଗା ନୀତି ଆପଣା ଯାଇଛି ।ଯଦି ଗୋଟିଏ ମଂଚରେ ଦୁଇଦଳ ବସିବେ ତେବେ କିଏ କ’ଣ ଭାବିବ କି କହିବ ସେହି ଭୟ ଘାରିଛି ।ଲୋକ ଦେଖାଣିଆ ନାଟକବାଜୀ ଏବେ ଦାଣ୍ଡରେ ପଡ଼ି ହାଟରେ ଗଡୁଥିବା ଜଣାପଡ଼ିଛି ।

ସେଲ୍‌ର ଇସ୍ପାତ ଭବନଠାରେ ଆନ୍ତଃ-ଗଣମାଧ୍ୟମ ପ୍ରଚାର ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ



ରାଞ୍ଚି, ୦୩/୧୧ (ପିଆଇବି) : ରାଞ୍ଚିର ଆନ୍ତଃ-ଗଣମାଧ୍ୟମ ପ୍ରଚାର ସମନ୍ୱୟ କମିଟି (ଆଇ. ଏମ୍. ପି. ସି. ସି.) ର ବୈଠକ ଆଜି ସେଲର ଡୋରାଣ୍ଡାରେ ସ୍ଥିତ ଲୌହ ଏବଂ ଇସ୍ପାତ ଗବେଷଣା ଏବଂ ବିକାଶ କେନ୍ଦ୍ର, ଇସ୍ପାତ ଭବନରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ, ବିଭିନ୍ନ କେନ୍ଦ୍ରୀୟ ମନ୍ତ୍ରଣାଳୟ, ବିଭାଗ, ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଏବଂ ସ୍ୱୟଂଶାସିତ ଅନୁଷ୍ଠାନଗୁଡ଼ିକ ସେମାନଙ୍କ ସଫଳତା, ଜନ କଲ୍ୟାଣମୂଳକ ପଦକ୍ଷେପ ଏବଂ ଆଗାମୀ କାର୍ଯ୍ୟକ୍ରମଗୁଡ଼ିକ ବିଷୟରେ ସୂଚନା ପ୍ରଦାନ କରିଥିଲେ । ସରକାରୀ ଯୋଜନାର ପ୍ରଭାବୀ ପ୍ରଚାର ଏବଂ ପ୍ରସାର ପାଇଁ ଅନୁଷ୍ଠାନଗୁଡ଼ିକ ମଧ୍ୟରେ ସମନ୍ୱୟକୁ ସୁଦୃଢ଼ କରିବା ଏହାର ଉଦ୍ଦେଶ୍ୟ ଥିଲା । ଏହି ବୈଠକରେ ଅଧ୍ୟକ୍ଷତା କରି ପି. ଆଇ. ବି. ରାଞ୍ଚି/ ଭୁବନେଶ୍ୱରର ଅତିରିକ୍ତ ମହାନିର୍ଦ୍ଦେଶକ ଶ୍ରୀ ଅଖିଳ କୁମାର ମିଶ୍ର କହିଥିଲେ ଯେ କୌଣସି ସଂସ୍ଥାର ଶକ୍ତି ଏହାର ବାହ୍ୟ ସମ୍ପର୍କ ଏବଂ ପ୍ରଭାବଶାଳୀ ଯୋଗାଯୋଗ ଦ୍ୱାରା ନିର୍ଦ୍ଧାରିତ ହୋଇଥାଏ । ଭଗବଦ୍ ଗୀତାକୁ ଯୋଗାଯୋଗର ଏକ ଗୁରୁତ୍ୱପୂର୍ଣ୍ଣ ମାର୍ଗଦର୍ଶକ ଭାବେ ବର୍ଣ୍ଣନା କରି ସେ ମହାଭାରତର ଚାରୋଟି ଅଧ୍ୟାୟ ବିଷୟରେ ଉଲ୍ଲେଖ କରିଥିଲେ । ବାର୍ତ୍ତାଳାପ ମାଧ୍ୟମରେ ଭଗବାନ କୃଷ୍ଣ ଅର୍ଜୁନଙ୍କୁ ପ୍ରଦାନ କରିଥିବା ଭାବପ୍ରବଣ ସମର୍ଥନ ପ୍ରଶାସନ ଏବଂ କର୍ମଚାରୀଙ୍କ ମଧ୍ୟରେ ସମ୍ବେଦନଶୀଳ ଯୋଗାଯୋଗର ଏକ ଉଦାହରଣ । ଗଣେଶ ଏବଂ ବେଦ ବ୍ୟାସର ଅଧ୍ୟାୟ ଏକ ବାର୍ତ୍ତାର ଅର୍ଥକୁ ଆହୁରି ଜଣାଇବା ପୂର୍ବରୁ ବୁଝିବାର ଗୁରୁତ୍ୱ ଉପରେ ଆଲୋକପାତ କରେ । ମାୟାସଭାରେ ଏହି ଘଟଣା ବିଷୟରେ ଉଲ୍ଲେଖ କରି ସେ ବୃତ୍ତିଗତ ଯୋଗାଯୋଗରେ ବ୍ୟଙ୍ଗ ଏବଂ ଉପହାସର ପ୍ରତିକୂଳ ପରିଣାମ ବିରୁଦ୍ଧରେ ଚେତାବନୀ ଦେଇଥିଲେ । ଦ୍ରୌପଦୀଙ୍କ ବସ୍ତ୍ର ହରଣ ସମୟରେ ଭୀଷ୍ମଙ୍କ ନୀରବତା ବିଷୟରେ ଉଲ୍ଲେଖ କରି ସେ ବିନାଶକାରୀ ନୀରବତାର ଅନ୍ତ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ପି. ଆଇ. ବି. ରାଞ୍ଚିର ମୁଖ୍ୟ, ଶ୍ରୀ ଗୌରବ କୁମାର ପୁଷ୍କର ପ୍ରଚାର ଏବଂ ପ୍ରସାର ପ୍ରକ୍ରିୟା ବିଷୟରେ ବର୍ଣ୍ଣନା କରିଥିଲେ ଏବଂ ବିଭିନ୍ନ ଗଣମାଧ୍ୟମ ମାଧ୍ୟମରେ ସୂଚନା ସଂଗ୍ରହ ଏବଂ ପ୍ରସାର ଠାରୁ ଆରମ୍ଭ କରି ଜନସାଧାରଣଙ୍କ ମତାମତ ଗ୍ରହଣ କରିବା ପର୍ଯ୍ୟନ୍ତ ପ୍ରତ୍ୟେକ ପର୍ଯ୍ୟାୟରେ ଅନୁଷ୍ଠାନଗୁଡ଼ିକ ମଧ୍ୟରେ ସମନ୍ୱୟର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ବୈଠକରେ ଆକାଶବାଣୀର ଶ୍ରୀ ପ୍ରଭୁ ଶରଣ ସ୍ୱାସ୍ଥ୍ୟ, ପରିମଳ ଏବଂ ସାଇବର ସଚେତନତା କାର୍ଯ୍ୟକ୍ରମ ବିଷୟରେ ସୂଚନା ପ୍ରଦାନ କରିଥିଲେ । ଏମ୍. ଏସ୍. ଏମ୍. ଇ.-ଡି. ଏଫ୍. ଓ. ର ନିର୍ଦ୍ଦେଶକ ଶ୍ରୀ ଇନ୍ଦ୍ରଜିତ ଯାଦବ ଉଦ୍ୟୋମିତା, ନିଯୁକ୍ତି ଏବଂ ମହିଳା ଉଦ୍ୟୋଗୀଙ୍କ ସହ ଜଡ଼ିତ ପଦକ୍ଷେପ ବିଷୟରେ କହିଥିଲେ । ୟୁ. ଆଇ. ଡି. ଏ. ଆଇ. ର ଶ୍ରୀ ରାଜର୍ଷି ଦେ ଆଧାର ପରିପୂର୍ଣ୍ଣତା ଏବଂ ଡିଜିଟାଲ ଜୀବନ ପ୍ରମାଣପତ୍ର ଉପରେ ଆଲୋଚନା କରିଥିବାବେଳେ ଆଇ. ପି. ଆର. ଡି. ର ଯୁଗ୍ମ ନିର୍ଦ୍ଦେଶକ ଶ୍ରୀ ଆନନ୍ଦ ସୂଚନା ଆଦାନପ୍ରଦାନ ଉପରେ ଆଲୋକପାତ କରିଥିଲେ । ଦୂରଦର୍ଶନ ଆରଏନୟୁର ମୁଖ୍ୟ, ଶ୍ରୀ ଦିବାକର କୁମାର, ନକ୍ସଲ ପ୍ରଭାବିତ ଅଞ୍ଚଳରେ ପରିବର୍ତ୍ତନ ଏବଂ ଜନକଲ୍ୟାଣ ଯୋଜନାର କାହାଣୀ ଉପରେ ଧ୍ୟାନ କେନ୍ଦ୍ରିତ କରି କଭରେଜର ବିବରଣୀ ସେୟାର କରିଥିଲେ । ସି. ସି. ଏଲ୍. ର ଶ୍ରୀ ମନୀଷ ତିୱାରୀ ସି. ଏସ୍. ଆର୍. ଖର୍ଚ୍ଚ ୨୨୮ କୋଟି ଟଙ୍କା ଏବଂ ’ସି. ସି. ଏଲ୍. କେ ଲାଲ୍ ଏବଂ ଲାଡଲି’ ପଦକ୍ଷେପ ବିଷୟରେ କହିଥିଲେ । ସିଜିଏଚ୍‌ଏସର ଡକ୍ଟର ଅରୁଣ କୁମାର ଜାମସେଦପୁରରେ ନୂତନ କୋଠା ଏବଂ ସ୍ୱାସ୍ଥ୍ୟସେବା ସୁବିଧା ବିଷୟରେ ଆଲୋଚନା କରିଥିଲେ । ସେଲ୍ ର ଶ୍ରୀ ଉଜ୍ଜ୍ୱଳ ଭାସ୍କର ଇସ୍ପାତ ବ୍ୟବହାର ଏବଂ ଗବେଷଣା ଉପରେ ସୂଚନା ପ୍ରଦାନ କରିଥିବାବେଳେ ନାବାର୍ଡ ର ଶ୍ରୀ ଅମିତ କୁମାର କୃଷି, ଏଫପିଓ ଏବଂ ଗ୍ରାମୀଣ ବିକାଶ ବିଷୟରେ କହିଥିଲେ । ମାଇଁ ଭାରତର ସୁଶ୍ରୀ ଦିବ୍ୟା ସିଂହ ଯୁବ କାର୍ଯ୍ୟକ୍ରମର ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ଏନ୍. ଟି. ପି. ସି. ମାଇନିଂ ଲିମିଟେଡର ଶ୍ରୀ ପ୍ରଭାତ ରାମ, ଶ୍ରୀ ବିଳାସ ମହାନ୍ତି ଏବଂ ସୁଶ୍ରୀ ଅନମ ବୁଖାରୀ ଖଣି ଖନନ, ଦକ୍ଷତା ତାଲିମ ଏବଂ ସି. ଏସ୍. ଆର୍. ପଦକ୍ଷେପ ଉପରେ ସୂଚନା ପ୍ରଦାନ କରିଥିଲେ । ଆଇ. ସି. ଏ. ଆର୍.-ଏନ୍. ଆଇ. ଏସ୍. ଏ. ର ଡ. ଏମ୍. ଏଫ୍. ଆନସାରୀ ମହୁମାଛି ପାଳନ ଏବଂ ଜୈବ ବିଘଟନଶୀଳ ଉତ୍ପାଦ ବିଷୟରେ କହିଥିଲେ । ଆଇଏମଡିର ଶ୍ରୀ ଉପେନ୍ଦ୍ର ଶ୍ରୀବାସ୍ତବ ଝାଡ଼ଖଣ୍ଡରେ ପାଣିପାଗ ପୂର୍ବାନୁମାନ ଏବଂ ରାଡାର ସ୍ଥାପନ ବିଷୟରେ ଆଲୋଚନା କରିଥିବାବେଳେ ଏଏଆଇର ଶ୍ରୀ ବିନୋଦ କୁମାର ବିମାନବନ୍ଦର ସୁବିଧା ବିଷୟରେ ସୂଚନା ବାଣ୍ଟିଥିଲେ । ସି. ଆଇ. ଏସ୍. ଏଫ୍. ର ଶ୍ରୀ ଶୈଳେନ୍ଦ୍ର କୁମାର ସୁରକ୍ଷା ପ୍ରଶିକ୍ଷଣ ବିଷୟରେ କହିଥିଲେ । ସି. ବି. ଆଇ. ର ଶ୍ରୀ ସୁଧାଂଶୁ ଶେଖର ଦୁର୍ନୀତି ମାମଲା ଉପରେ ଆଲୋଚନା କରିଥିଲେ, ସି. ଜି. ଏସ୍. ଟି. ର ଶ୍ରୀ ପ୍ରଶାନ୍ତ କୁମାର ବକ୍ସି ଜି. ଏସ୍. ଟି. ସେବା କେନ୍ଦ୍ର ବିଷୟରେ ଆଲୋଚନା କରିଥିଲେ, ଜି. ଏସ୍. ଆଇ. ର ଶ୍ରୀ ଅଘୌରୀ ବିଶ୍ୱପ୍ରିୟ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥର ଅନ୍ୱେଷଣ ଉପରେ ସୂଚନା ପ୍ରଦାନ କରିଥିଲେ ଏବଂ ବି. ଆଇ. ଏସ୍. ଜାମସେଦପୁରର ଶ୍ରୀ ପ୍ରଭୁନାଥ ଯାଦବ ଉତ୍ପାଦ ମାନକକରଣ ଏବଂ ପ୍ରମାଣୀକରଣ ଉପରେ ଆଲୋଚନା କରିଥିଲେ । ଏହି ବୈଠକରେ ସମସ୍ତ ଅନୁଷ୍ଠାନର ପ୍ରତିନିଧି ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ । ଶ୍ରୀ ଦିବାକର କୁମାର ଧନ୍ୟବାଦ ଅର୍ପଣ କରିଥିଲେ । ୟୁ. ଆଇ. ଡି. ଏ. ଆଇ. ର ଶ୍ରୀ ଅବଦୁଲ କଲାମ ଆନସାରୀ, ଆକାଶବାଣୀର ଶ୍ରୀ ଜାଭିୟର୍ କାଣ୍ଡୁଲନା ଏବଂ ସି. ବି. ସି. ରାଞ୍ଚିର ରାଜା ଆଲାମଙ୍କ ସମେତ ପି. ଆଇ. ବି. ରାଞ୍ଚିର କର୍ମଚାରୀମାନେ ମଧ୍ୟ ଉପସ୍ଥିତ ଥିଲେ ।

ବହୁ ପ୍ରତୀକ୍ଷାର ଅନ୍ତ, ହିଞ୍ଜିଳି ଗସ୍ତରେ ଆସୁଛନ୍ତି ନବୀନ ପଟ୍ଟନାୟକ; ସୋସିଆଲ ମିଡ଼ିଆରେ ଘୁରି ବୁଲୁଛି ଫଟୋ, ଅଞ୍ଚଳରେ ଉତ୍ସାହର ମାହୋଲ

ହିଞ୍ଜିଳି କାଟୁ (ମହାଭରାତ) ବହୁ ଦିନର ପ୍ରତୀକ୍ଷାର ଅନ୍ତ ଘଟିବାକୁ ଯାଉଛି । ହିଞ୍ଜିଳି ବିଧାୟକ ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଆଗାମୀ ହିଞ୍ଜିଳି ଗସ୍ତକୁ ନେଇ ଏବେ ସାରା ହିଞ୍ଜିଳିକାଟୁ ଅଞ୍ଚଳରେ ଉତ୍ସାହ ଓ ଉଦ୍ଦୀପନାର ମାହୋଲ ସୃଷ୍ଟି ହୋଇଛି । ତାଙ୍କ ଗସ୍ତକୁ ନେଇ ବିଭିନ୍ନ ଚର୍ଚ୍ଚା ଓ ଆଲୋଚନା ମଧ୍ୟରେ ସୋସିଆଲ ମିଡ଼ିଆରେ ଏବେ ନବୀନ ପଟ୍ଟନାୟକଙ୍କ ଆଗମନ ସମ୍ପର୍କିତ ଫଟୋ ଘୁରି ବୁଲୁଥିବା ଦେଖିବାକୁ ମିଳୁଛି । ଏହି ଗସ୍ତକୁ ନେଇ ବିଜେଡି କର୍ମୀ, ନେତା ଓ ସମର୍ଥକଙ୍କ ମଧ୍ୟରେ ବିଶେଷ ଉତ୍ସାହ ପ୍ରକାଶ ପାଇଛି । ନିଜର ପ୍ରିୟ ନେତାଙ୍କୁ ନିଜ ଅଞ୍ଚଳରେ ଦେଖିବା ପାଇଁ ଅନେକ ଅପେକ୍ଷା କରି ରହିଛନ୍ତି । ଦୀର୍ଘଦିନ ପରେ ନବୀନ ପଟ୍ଟନାୟକଙ୍କ ହିଞ୍ଜିଳି ଗସ୍ତ ଖବର ଅଞ୍ଚଳବାସୀଙ୍କ ମଧ୍ୟରେ ନୂଆ ଉତ୍ସାହ ଭରିଦେଇଛି । ଅନ୍ୟପଟେ ହିଞ୍ଜିଳିକାଟୁ ସ୍ଥିତ ମିନି ଷ୍ଟାଡିୟମଠାରେ ତାଙ୍କର ଆଗମନ ଓ ସଭା କାର୍ଯ୍ୟକ୍ରମକୁ ନେଇ ପ୍ରସ୍ତୁତି ପର୍ବ ଜୋରଦାର ଚାଲିଛି । ଷ୍ଟାଡିୟମ ପରିସରରେ ମଞ୍ଚ ନିର୍ମାଣ, ସଭାସ୍ଥଳ ପ୍ରସ୍ତୁତି ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥାକୁ ନେଇ ତତ୍ପରତା ଦେଖାଦେଇଛି । କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଦଳୀୟ କର୍ମୀ ଓ ଆୟୋଜକମାନେ ପ୍ରସ୍ତୁତିରେ ଲାଗି ପଡ଼ିଛନ୍ତି । ନବୀନ ପଟ୍ଟନାୟକଙ୍କ ଏହି ଗସ୍ତ ହିଞ୍ଜିଳି ରାଜନୀତିରେ କେଉଁ ନୂଆ ବାର୍ତ୍ତା ଦେବ ଏବଂ ତାଙ୍କ ସଭାରେ କେଉଁ ପ୍ରସଙ୍ଗ ଉଠିବ, ତାହାକୁ ନେଇ ଏବେ ରାଜନୈତିକ ମହଲରେ ମଧ୍ୟ ଚର୍ଚ୍ଚା ଜୋର ଧରିଛି । ତେବେ ତାଙ୍କ ଗସ୍ତକୁ ନେଇ ହିଞ୍ଜିଳିକାଟୁ ଅଞ୍ଚଳରେ ଏବେଠାରୁ ଦେଖାଦେଇଥିବା ଉତ୍ସାହ ଆଗାମୀ କାର୍ଯ୍ୟକ୍ରମକୁ ନେଇ ଲୋକଙ୍କ ଆଗ୍ରହକୁ ସ୍ପଷ୍ଟ କରୁଛି ।



ବିଆରଇ ସମ୍ମିଳନୀ ଓ ପ୍ରଦର୍ଶନୀରେ ୧.୧୭ ଲକ୍ଷ କୋଟି ଟଙ୍କା ମୂଲ୍ୟର ୧୮ଟି ଏମଓୟୁ ସ୍ୱାକ୍ଷର କଲା ଓଡ଼ିଶା

ନୂଆଦିଲ୍ଲୀ/ଭୁବନେଶ୍ୱର, ୦୩/୧୧ : ନୂଆଦିଲ୍ଲୀର ଭାରତ ମଣ୍ଡପମଠାରେ ଭାରତ ଅକ୍ଷୟ ଶକ୍ତି ସମ୍ମିଳନୀ ଏବଂ ପ୍ରଦର୍ଶନୀ ୨୦୨୬ର ଦ୍ୱିତୀୟ ଦିନରେ ଆଜି ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓଙ୍କ ଉପସ୍ଥିତିରେ ଓଡ଼ିଶାରେ ୧୮ଟି ବୁଝାମଣାପତ୍ର ସ୍ୱାକ୍ଷର କରିଛି । ଏହାଦ୍ୱାରା ରାଜ୍ୟରେ ପ୍ରାୟ ୧.୧୭ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ପ୍ରସ୍ତାବ ଆସିଛି । ଆଜିର କାର୍ଯ୍ୟକ୍ରମରେ କେନ୍ଦ୍ର ନୂତନ ଓ ଅକ୍ଷୟ ଶକ୍ତି ମନ୍ତ୍ରୀ ପ୍ରହଲ୍ଲାଦ ଜୋଶୀ, କେନ୍ଦ୍ର ଶକ୍ତି ଓ ଗୃହ ନିର୍ମାଣ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରୀ ମନୋହର ଲାଲ ଖଟ୍ଟର, ନୂତନ ଏବଂ ନୂତନ ଓ ଅକ୍ଷୟ ରାଷ୍ଟ୍ରମନ୍ତ୍ରୀ ଶ୍ରୀପଦ ୟେସୋ ନାଏକ ଯୋଗ ଦେଇଥିଲେ । ଅନ୍ତର୍ଜାତୀୟ ସୌର ମେଣ୍ଟ, ସିଇଇଡବ୍ଲୁ ଏବଂ ଏନର୍ଜିଭା ଭେଞ୍ଚର୍ସ ଦ୍ୱାରା ଆହୂତ ଏକ ଉଚ୍ଚସ୍ତରୀୟ ଅଧିବେଶନ ‘ଦି ନେକ୍ସଟ୍ ଟେରାୱାଟ୍’ର ମନ୍ତ୍ରୀସ୍ତରୀୟ ଆଲୋଚନାରେ ମନ୍ତ୍ରୀମାନେ ଅଂଶଗ୍ରହଣ କରିଥିଲେ । ଆଗାମୀ ଦଶନ୍ଧି ପାଇଁ ଅନ୍ତର୍ଜାତୀୟ ସ୍ତରରେ ଅକ୍ଷୟ ଶକ୍ତି କାର୍ଯ୍ୟକାରିତା ଢାଞ୍ଚାର ରୂପରେଖ ପ୍ରସ୍ତୁତ କରିବା ଲକ୍ଷ୍ୟ ନେଇ ବରିଷ୍ଠ ସରକାରୀ ଏବଂ ଶିଳ୍ପ ପ୍ରତିନିଧିମାନେ ଏହି ଅଧିବେଶନରେ ବିଚାରବିମର୍ଶ କରିଥିଲେ । ଅଧିବେଶନରେ ବିଶ୍ୱ ଅକ୍ଷୟ ଶକ୍ତି ପ୍ରସାରଣର ପରବର୍ତ୍ତୀ ପର୍ଯ୍ୟାୟକୁ ଆଗେଇ ନେବା ଲାଗି ଗୁରୁତ୍ୱପୂର୍ଣ୍ଣ ହୋଇଥିବା ୪ଟି ପ୍ରମୁଖ ପ୍ରାଥମିକତା କ୍ଷେତ୍ର ଉପରେ ଆଲୋଚନା କରାଯାଇଥିଲା । ଏହି ୪ଟି କ୍ଷେତ୍ର ହେଲା ସମନ୍ୱିତ ଶକ୍ତି ଯୋଜନା, ଯୋଗାଣ ଓ ସଂରକ୍ଷଣ; ଶକ୍ତି ଭିତ୍ତିଭୂମି ପ୍ରସାର ଓ ସ୍ଥିରତା; ପ୍ରକଳ୍ପ ଓ ଇକୋସିଷ୍ଟମର ଟେରାୱାଟ୍-ସ୍କେଲ ପାଣ୍ଠି ଯୋଗାଣ; ଏବଂ ସୁରକ୍ଷିତ ଓ ସୁଲଭ ଶକ୍ତି ପାଇଁ ଡିଜିଟାଲାଇଜେସନ୍ ଓ ଏଆଇ । ୨୦୪୭ ସୁଦ୍ଧା ବିକଶିତ ଭାରତ ଦୃଷ୍ଟିକୋଣ ଅନୁରୂପ ୨୦୫୦ ପର୍ଯ୍ୟନ୍ତ ଏକ ରଣନୀତିକ ରୂପରେଖ ଆଲୋଚନା ସମୟରେ ଉପସ୍ଥାପନ କରାଯାଇଥିଲା । ବିଆରଇ ସମ୍ମିଳନୀ ଓ ପ୍ରଦର୍ଶନୀ ୨୦୨୬ରେ ୧୩୦ରୁ ଅଧିକ ଦେଶର ପ୍ରତିନିଧି ଅଂଶଗ୍ରହଣ କରିଛନ୍ତି । ଏମାନଙ୍କ ମଧ୍ୟରେ ୪୦ରୁ ଅଧିକ ମନ୍ତ୍ରୀ, ବରିଷ୍ଠ ନୀତି ନିର୍ଦ୍ଧାରକ, ନିବେଶକ, ଆର୍ଥିକ ପ୍ରତିଷ୍ଠାନ ଏବଂ ଶିଳ୍ପପତି ସାମିଲ ଅଛନ୍ତି । ଅଷ୍ଟ୍ରେଲିଆ, ଡେନମାର୍କ, ୟୁରୋପୀୟ ସଂଘ, ଫ୍ରାନ୍ସ, ଜର୍ମାନୀ, ନେଦରଲ୍ୟାଣ୍ଡସ, ନରୱେ, ସ୍ୱିଡେନ ଏବଂ ବ୍ରିଟେନ ଅଂଶୀଦାର ଦେଶ ଭାବରେ ଯୋଗ ଦେଇଛନ୍ତି । ଏହା ସ୍ୱଚ୍ଛ ଶକ୍ତି ମୂଲ୍ୟ ଶୃଙ୍ଖଳରେ ଦ୍ୱିପାକ୍ଷିକ ସହଯୋଗକୁ ସୁଦୃଢ଼ କରିବା ଏବଂ ନିବେଶ ଓ ପ୍ରଯୁକ୍ତିବିଦ୍ୟା ସହଭାଗୀତାକୁ ସହଜ କରିବା ପାଇଁ ସୁଯୋଗ ପ୍ରଦାନ କରୁଛି । ତେରଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ମଧ୍ୟ ସେମାନଙ୍କର ଅକ୍ଷୟ ଶକ୍ତି ସମ୍ଭାବନା, ପ୍ରକଳ୍ପ ଯୋଜନା, ଉତ୍ପାଦନ କ୍ଷମତା ଏବଂ ନୀତିଗତ ପଦକ୍ଷେପ ପ୍ରଦର୍ଶନ କରୁଛନ୍ତି, ଯାହା ସାରା ଭାରତରେ ନିବେଶ ସୁଯୋଗର ବ୍ୟାପକତା ଏବଂ ବିବିଧତାକୁ ଉଲ୍ଲେଖ କରୁଛି । ଆଜିର ଅଧିବେଶନରେ ବ୍ଲୁମବର୍ଗଏନଇଏଫ ସହ ସହଭାଗୀତାରେ ଶକ୍ତି ସୁରକ୍ଷା ଏବଂ ଏଜେଣ୍ଡା ୨୦୪୭ ନିବେଶକଙ୍କ ବିଚାର ଉପରେ ପ୍ରଥମ ପର୍ଯ୍ୟାୟ ଆଲୋଚନା ହୋଇଥିଲା । ଏଥିରେ ଉଦ୍ୟୋଗୀ ଏବଂ ଶିଳ୍ପପତିମାନେ ସାମିଲ ହୋଇ ନିଜର ନିଜର ପ୍ରସ୍ତାବ ଏବଂ ବିଚାର ରଖିଥିଲେ । ଭାରତର ଅକ୍ଷୟ ଶକ୍ତି ପ୍ରସାର ପାଇଁ ଉତ୍ପାଦନ କ୍ଷମତା, ଶକ୍ତି ସଂରକ୍ଷଣ, ପରିବହନ ନେଟୱାର୍କ, ଘରୋଇ ଉତ୍ପାଦନ ଏବଂ ସହାୟକ ଭିତ୍ତିଭୂମିରେ ନିରନ୍ତର ପୁଞ୍ଜିନିବେଶ ଆବଶ୍ୟକ । ଏହି ସମ୍ମିଳନୀ ସରକାରୀ ଓ ଘରୋଇ କ୍ଷେତ୍ରର ଅଂଶୀଦାରମାନଙ୍କୁ ଅଭିନବ ଆର୍ଥିକ ମଡେଲ ଅନୁସନ୍ଧାନ କରିବା, ନିବେଶ ସହଭାଗୀତାକୁ ସୁଦୃଢ଼ କରିବା ଏବଂ ପ୍ରକଳ୍ପ କାର୍ଯ୍ୟକାରିତାକୁ ତ୍ୱରାନ୍ୱିତ କରିବା ପାଇଁ ସମାଧାନ ଚିହ୍ନଟ କରିବା ସକାଶେ ଏକ ମଞ୍ଚ ପ୍ରଦାନ କରୁଛି ।

ପାରାଦୀପରେ ନୁଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ



ପାରାଦୀପ, (ମହାଭାରତ): ପାରାଦୀପର ଜୁହାର ପରିବାର ପକ୍ଷରୁ ୬ଠମ ନୁଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଗତ ରବିବାର ଦିନ ପିପିଏଲ ର ମଲ୍‌ଟି ପର୍ପୋଜ ହଲ ପରିସରରେ ଉତ୍ସାହ ଉଦ୍ଦୀପନା ସହ ପାଳିତ ହୋଇଯାଇଛି । ଏଥିରେ ଏଥିରେ କଂସ ମହାରାଜ ଭୂମିକାରେ ଅଭିନୟ କରୁଥିବା ହୃଷିକେଶ ଭୋଇ ସଭା ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମ ରେ ପିପିଏଲ ସାର କାରଖାନାର ମୁଖ୍ୟ ଏସ.ଗିରିଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଇଫକୋ ୟୁନିଟ ମୁଖ୍ୟ ଅନିରୁଦ୍ଧ ବିକ୍ରମ ସିଂହ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ଏତଦବ୍ୟତୀତ ଆଇଓସିଏଲ ପିପିଏଲ, ଇଫକୋ ସମେତ ପ୍ରାୟ ସମସ୍ତ ଶିଳ୍ପାଞ୍ଚଳର ଅଧିକାରୀ ମାନେ ଅତିଥି ଭାବେ ଉପସ୍ଥିତ ରହି ଜୁହାର ପରିବାର ପକ୍ଷରୁ ପଶ୍ଚିମ ଓଡିଶା କଳା ସଂସ୍କୃତି ଉପରେ ଆଧାରିତ ପୁସ୍ତକ ଉନ୍ମୋଚନ କରିଥିଲେ । ଏଥିରେ ଅତିଥି ମାନେ କଳାକାର ତଥା ନିର୍ଦ୍ଦେଶକ ଜଗନ୍ନାଥ ସେଠ ଙ୍କୁ ଜୁହାର ସମ୍ମାନ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ପାରାଦୀପ ଜୁହାର ପରିବାରର ସଭାପତି ଅଶୋକ କୁମାର ମେହେର, ଉପସଭାପତି ମେଘବର୍ଣ୍ଣ ସୋହଲା ଏବଂ ସାଧାରଣ ସମ୍ପାଦକ ଡ଼.ହେମନ୍ତ ମେହେର ସଫଳତାର ସହ ପରିଚାଳନା କରିଥିବା ବେଳେ ପରିବାରର ସମସ୍ତ ସଦସ୍ୟ ଓ ସଦସ୍ୟା ଏଥିରେ ସକ୍ରିୟ ସହଯୋଗ କରିଥିଲେ ।



ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା



ପୁରୁଣାଗଡ ଛକ ନିକଟରୁ କାର ସହ ୨ କେଜି ଗଞ୍ଜେଇ ଜବତ, ୩ ଗିରଫ



ରେଢ଼ାଖୋଲ (ମହାଭାରତ) ସମ୍ବଲପୁର ରେଢ଼ାଖୋଲ ପୁଲିସ ପୁରୁଣାଗଡ଼ ଛକ ନିକଟରୁ ୨ କେଜି ଗଞ୍ଜେଇ ଜବତ କରି ୩ ଜଣଙ୍କୁ ଗିରଫ କରିଛି। ଏସଆଇ ଗଜେନ୍ଦ୍ର ସେଠଙ୍କ ନେତୃତ୍ୱରେ ପୁଲିସ ରେଢ଼ାଖୋଲ-ବୌଦ୍ଧ ରାସ୍ତାର ରେଳ ଓଭରବ୍ରିଜ ନିକଟରେ ଏକ ଧଳା ରଙ୍ଗ ର ଟାଟା ଇଣ୍ଡିଗୋ କାର ଗାଡିକୁ ଅଟକାଇ ଯାଞ୍ଚ କରିଥିଲା। ଗାଡିରୁ ଏକ ନୀଳ ହ୍ୟାଣ୍ଡବ୍ୟାଗ ଭିତରୁ ୨ କେଜି ଗଞ୍ଜେଇ ଜବତ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ବୌଦ୍ଧ ଜିଲ୍ଲାର ସତ୍ୟନାରାୟଣ ପେରା (୨୬), ଟୁଲୁ ନାଏକ (୨୭) ଓ ସୁରୁବାବୁ ଭୋଇ (୩୧)। ସେମାନେ ବୌଦ୍ଧରୁ ଗଞ୍ଜେଇ ଆଣି ଦେବଗଡ଼ ଆଡକୁ ଚାଲାଣ କରୁଥିଲେ। ସେମାନଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି।

୭୨ କେଜି ଗଞ୍ଜେଇ ସହ ଗାଡ଼ି ଓ ମୋବାଇଲ ଫୋନ୍ ଜବତ; ଜଣେ ଗିରଫ

ଦଶପଲ୍ଲା, (ମହାଭାରତ): ନୟାଗଡ଼ ଜିଲ୍ଲା ବାଣିଗୋଛା ଥାନା ପୁଲିସକୁ ଗଞ୍ଜେଇ ଚୋରାଚାଲାଣ ବିରୋଧୀ ଅଭିଯାନରେ ସଫଳତା ମିଳିଛି।ଗୋଟିକ ପରେ ଗୋଟିଏ ସଫଳତା ମିଳୁଛି।ଏକ ଟାଟା ସୁମୋ ଗୋଲ୍ଡ କାରରେ ଚୋରାଚାଲାଣ ହେଉଥିବା ୭୨ କେଜି ଗଞ୍ଜେଇ ଜବତ କରିବା ସହ ଜଣେ ଯୁବକଙ୍କୁ ପୋଲିସ ଗିରଫ କରିଛି। ସୂଚନା ଅନୁଯାୟୀ, ମଙ୍ଗଳବାର ଭୋର୍ ପ୍ରାୟ ୫ଟା ୪୦ ମିନିଟ୍ ସମୟରେ ବାଣିଗୋଛା ଥାନା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଏସ୍ଆଇ ବିରେନ୍ଦ୍ର କୁମାର ଦେହୁରୀଙ୍କ ନେତୃତ୍ୱରେ ଏକ ପୁଲିସ ଟିମ୍ କାମିଟିପଙ୍ଗା ହନୁମାନ ମନ୍ଦିର ନିକଟରେ ଚଢ଼ାଉ କରାଯାଇଥିଲା। ଏହି ସମୟରେ ଏକ ମାରୁନ୍ ରଙ୍ଗର ଟାଟା ସୁମୋ ଗୋଲ୍ଡ ଗାଡ଼ିକୁ ଅଟକାଇ ଯାଞ୍ଚ କରିବାରୁ ଗାଡ଼ିର ଛାତ ଭିତରେ ଥିବା ଗୁପ୍ତ ଚାମ୍ବରରୁ ୭୨ କେଜି ଗଞ୍ଜେଇ ମିଳିଥିଲା।ଏହି ଘଟଣାରେ କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା ଅନ୍ତର୍ଗତ ସୌତିକିଆ ଗ୍ରାମର ସୁସାନ୍ତ ଦିଗାଲଙ୍କ ପୁଅ ମଣ୍ଟୁ ଦିଗାଲ (୨୧)ଙ୍କୁ ପୁଲିସ ଗିରଫ କରିଛି। ତାଙ୍କ ନିକଟରୁ ଗଞ୍ଜେଇ ସମେତ ଏକ ମାରୁନ୍ ରଙ୍ଗର ଟାଟା ସୁମୋ ଗୋଲ୍ଡ କାର୍ ଓ ଗୋଟିଏ ଭିଭୋ ମୋବାଇଲ ଫୋନ୍ ଜବତ କରାଯାଇଛି।

ବଡୁଆଙ୍କୁ ଡ଼ାକିବା ପାଇଁ ଆଉ କାଉଁରିଆ କାଠ ମିଳୁନାହିଁ

ଗଜପତି(ମହାଭାରତ): ଆଗକୁ ଆଲୋକର ପର୍ବ ଦିପାବଳୀ ।ଏହି ଦିନ ଓଡ଼ିଆଙ୍କ ଚିରାଚରିତ ପର୍ବ ଭାବେ ଗାଁ ଗଣ୍ଡାରୁ ପିଠା ପଣା କରି ବଡ଼ ବଡୁଆଙ୍କୁ ତୁଳସୀ ଚଉରା ନିକଟରେ କାଉଁରିଆ କାଠି ଜଳାଇ ବଡବଡୁଆଙ୍କୁ ପୂଜା କରିଥାନ୍ତି। ସପରିବାର ,ବନ୍ଧୁ ବାନ୍ଧବ,ସାହି ପଡିଶାଙ୍କୁ ଏକ ସଙ୍ଗରେ ମିଶି କାଉଁରିଆ କାଠିକୁ ଜଳାଇ ବଡ଼ ବଡୁଆ ହୋ ଗଙ୍ଗା ଗୟା କାଶୀ ମଥୁରା ଯାଇ ବାଇଶି ପାହାଚ ରେ ରହି ଆମକୁ ଅମୃତ ଦୃଷ୍ଟିରେ ଚାହିଁ ଥ ହେ, ଅନ୍ଧାରରେ ଆସି ଉଜ୍ଜ୍ୱଳରେ ଯାଅ ହେ କହିଥାନ୍ତି ।କିନ୍ତୁ ଦୀପାବଳି ପୂର୍ବରୁ ଗାଁ ହାଟରେ ବଡ଼ ବଡୁଆଙ୍କୁ ଡ଼ାକିବା ପାଇଁ ଆଉ କାଉଁରିଆ କାଠ ମିଳୁନାହିଁ । କାରଣ ଆଉ ନଳିତା ଚାଷ ପୂର୍ବ ଭଳି ଗାଁରେ ଚାଷୀ କରୁନାହାନ୍ତି । ସମସ୍ତେ ଧାନ ଓ ପରିବା ଚାଷ କରୁଛନ୍ତି ।ଯେଉଁଥି ପାଇଁ ଚଳିତ ଦୀପାବଳିରେ ଗାଁ ଗଣ୍ଡାରେ ବଡ଼ ବଡୁଆଙ୍କୁ ଡ଼ାକିବା ପାଇଁ କାଉଁରିଆ କାଠି ବା ନଳିତା କାଠି ମିଳୁନାହିଁ । ୪ ଟି କାଠି ବିଶିଷ୍ଟ ଗୋଟିଏ ବିଡ଼ାକୁ ୧୦ ରୁ ୧୫ ଟଙ୍କାରେ ବିକ୍ରି ହେଉଛି ।ନଳିତା ଚାଷର ପ୍ରସାର ପାଇଁ ବ୍ୟାପକ ଭିତ୍ତିଭୂମି ଥିଲେ ମଧ୍ଯ ସରକାରଙ୍କ ତୃଟିପୂର୍ଣ୍ଣ ବ୍ୟବସ୍ଥା ଯୋଗୁଁ ଏହି ଚାଷର ବିକାଶ ଆଶାନୁରୂପ ହୋଇପାରୁନାହିଁ ।ନଦୀ ଉପକୂଳବର୍ତ୍ତୀ ଉପରୋକ୍ତ ଅଞ୍ଚଳରେ ପୂର୍ବରୁ ଚାଷୀ ମାନେ ନଳିତା ଚାଷ କରି ଗୁଜୁରାଣ ମେଣ୍ଟାଉଥିବା ବେଳେ ବର୍ତ୍ତମାନ ଚାଷୀ ମାନେ ଧାନ ଓ ପନିପରିବା ଚାଷ କରିବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି । ଚାଷୀ ମାନଙ୍କ ସମସ୍ୟାକୁ ଦୁର କରିବା ପାଇଁ କୃଷି ବିଭାଗ ନାରାଜ । ନଳିତା ଚାଷ ସମୟରେ ଚାଷୀ ମାନଙ୍କୁ ଉପଯୁକ୍ତ ବିହନ, ବୈଷୟିକ କୌଶଳ ଓ ଆବଶ୍ୟକ ପ୍ରୋତ୍ସାହନ ଯୋଗାଇ ଦିଆଯାଉନଥିବା ନେଇ ଚାଷୀ ମାନଙ୍କ ପକ୍ଷରୁ ଶୁଣିବାକୁ ମିଳୁଛି । ନଳିତା ଚାଷୀ ମାନଙ୍କୁ ସରକାରଙ୍କ ପକ୍ଷରୁ ଆବଶ୍ୟକ ପ୍ରୋତ୍ସାହନ ରାଶି ଯୋଗାଇ ଦିଆଗଲେ ପୂର୍ବପରି ନଳିତା ଚାଷର ଆଦର ରହିବ ବୋଲି ବୁଦ୍ଧିଜିବି ମହଲରେ ମତ ପ୍ରକାଶ ପାଇଛି ।

କାନ୍ଥପଡି ମହିଳାଙ୍କ ମୃତ୍ୟୁ, ସହାୟତା ଯୋଗାଇଲା ଟ୍ରଷ୍ଟ

ଅସ୍ତରଙ୍ଗ(ମହାଭାରତ) : ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ସରିପୁର ପଞ୍ଚାୟତ ଜେନାପୁର ଗ୍ରାମ ରେ ଦିନ ମଜୁରିଆ ପ୍ରଶାନ୍ତ ମୁଦୁଲୀ ଙ୍କ ପତ୍ନୀ ଲୋଭାବତୀ ମୁଦୁଲୀ ବାତ୍ୟା ଅର୍ଣ୍ଣବ ସମୟ ରେ ଗୋଟେ ଦୁର୍ବଳ କାନ୍ଥ କଡରେ ରୋଷେଇ କରୁଥିବା ଅବସ୍ଥା ରେ ଉକ୍ତ କାନ୍ଥ ଟି ଅତ୍ୟଧିକ ବର୍ଷା ରେ ଭାଙ୍ଗିପଡିଥିଲା ଲୋଭାବତୀ ଙ୍କ ଉପରେ, ଗୁରୁତ୍ୱର ଅବସ୍ଥା ରେ ତାଙ୍କୁ ପ୍ରଥମେ ଚାରିଛକ ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଭୁବନେଶ୍ୱର କ୍ୟାପିଟାଲ ଚିକିତ୍ସାଳୟ କୁ ସ୍ଥାନାନ୍ତର କରାଯାଇଥିଲା, ସେଠି ଚିକିତ୍ସା ଅବସ୍ଥା ରେ ଲୋଭାବତୀ ମୃତ୍ୟୁବରଣ କରିଥିଲେ, ତାଙ୍କ ସ୍ୱାମୀ ପ୍ରଶାନ୍ତ ଜଣେ ଦିନ ମଜୁରିଆ ଓ ଅତ୍ୟନ୍ତ ଦୁଖୀ, ତାଙ୍କର ର ଦୁଇ ଗୋଟି ଝିଅ ଓ ଗୋଟେ ଶିଶୁପୁତ୍ର, ବଡ଼ଝିଅ ଆଦର୍ଶ ବିଦ୍ୟାଳୟ ରେ ମେଧାବୀ ଛାତ୍ରୀ, ଏହି ଦୁଃଖଦାୟକ ପରିସ୍ଥିତି ରେ ସ୍ଥାନୀୟ ଜନପ୍ରତିନିଧି, ସାଂସଦ ଙ୍କ ଅସ୍ତରଙ୍ଗ ବ୍ଲକ ପ୍ରତିନିଧି ଦିବାକର ଛାଟୋଇ ତାଙ୍କ ନିକଟରେ ପହଞ୍ଚି କିଛି ସହାୟତା ଦେବାପରେ ଅସ୍ତରଙ୍ଗ ବ୍ଲକ ପ୍ରଶାସନ, ତହସିଲଦାର ପହଞ୍ଚି ସରକାରୀ ସହାୟତା ପ୍ରଦାନ କରିଥିଲେ, ଏହାପରେ ଏହି ଶୋକସନ୍ତପ୍ତ ପରିବାର ଙ୍କ ନିକଟରେ ପୁରୀ ଜିଲ୍ଲା ବହୁମୁଖୀ ଯୁବ ସମୋନିତ ଚାରିଟେବୁଲ ଟ୍ରଷ୍ଟ ର କାର୍ଯ୍ୟକାରୀ ସଭାପତି ରମାକାନ୍ତ ସ୍ୱାଇଁ , ସମ୍ପାଦକ ବିଶ୍ୱଜିତ ବିଶ୍ୱାଳ ଓ କାର୍ଯ୍ୟକାରୀ ସହସମ୍ପାଦକ ହରିହର ରଥ ଓ ଅନ୍ୟାନ୍ୟ କର୍ମକର୍ତ୍ତା ପହଞ୍ଚି ପରିବାର କୁ ସାନ୍ତ୍ୱନା ଦେବା ସହ ଟ୍ରଷ୍ଟ ତରଫରୁ କିଛି ସହାୟତା ପ୍ରଦାନ କରିବା ସହ ଆଗାମୀ ଦିନରେ ପ୍ରଶାନ୍ତ ଙ୍କ ବଡ଼ ଝିଅ ମେଧାବୀ ଆଦର୍ଶ ବିଦ୍ୟାଳୟ ଛାତ୍ରୀ ର ପାଠପଢା ପାଇଁ ଜିଲ୍ଲା ପ୍ରଶାସନ ସହିତ ଆଲୋଚନା କରି କିଛି ବ୍ୟବସ୍ଥା କରିବାକୁ ମତରଖିଥିଲେ, ଚାରିଟେବୁଲ ଟ୍ରଷ୍ଟ ର ଏହି କାର୍ଯ୍ୟକ୍ରମ ପାଇଁ ଅସ୍ତରଙ୍ଗ ବ୍ଲକ ରେ ଅନେକ ବୁଦ୍ଧିଜୀବୀ ପ୍ରଶଂସା କରିଛନ୍ତି ।

‘ଅର୍ଣ୍ଣବ’ ଜନିତ କ୍ଷୟକ୍ଷତି ଆକଳନ ପାଇଁ ଆନ୍ତଃ-ମନ୍ତ୍ରଣାଳୟ କେନ୍ଦ୍ରୀୟ ଦଳର ଗଜପତି ଜିଲ୍ଲା ଗସ୍ତ

ଗଜପତି(ମହାଭାରତ): ବାତ୍ୟା ‘ଅର୍ଣ୍ଣବ’ ଏବଂ ଏହା ପରବର୍ତ୍ତୀ ବନ୍ୟା ଯୋଗୁଁ ଗଜପତି ଜିଲ୍ଲାରେ ହୋଇଥିବା କ୍ଷୟକ୍ଷତିର ଆକଳନ ପାଇଁ ୮ ଜଣିଆ ଆନ୍ତଃ-ମନ୍ତ୍ରଣାଳୟ କେନ୍ଦ୍ରୀୟ ଦଳ ଆଜି ଜିଲ୍ଲା ଗସ୍ତରେ ଆସି ସମୀକ୍ଷା କରିଛନ୍ତି। କେନ୍ଦ୍ର ଗୃହ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଶ୍ରୀ ରବି ଶଙ୍କରଙ୍କ ନେତୃତ୍ୱରେ ଏହି ଦଳ ଜିଲ୍ଲା ପରିଦର୍ଶନ କରିଥିଲେ। ଦଳରେ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ବିଭାଗର ଧାନ ବିକାଶ ପାଟଣା ନିର୍ଦ୍ଦେଶକ ଡ.ମାନସ ସିଂ, କେନ୍ଦ୍ରୀୟ ବ୍ୟୟ ବିଭାଗ, ଅର୍ଥ ମନ୍ତ୍ରଣାଳୟର ଉପନିର୍ଦ୍ଦେଶକ ଶ୍ରୀ ରାହୁଲ ଚୌରସିଆ, ଜଳଶକ୍ତି ମନ୍ତ୍ରଣାଳୟ ଉଡଉ ଭୁବନେଶ୍ୱର ନିର୍ଦ୍ଦେଶକ ଶ୍ରୀ ଦିଲୀପ କୁମାର ଜେନା, ଶକ୍ତି ବିଭାଗ, ସିଇଏ ଆର.କେ ପୁରମ ନୂଆଦିଲ୍ଲୀ ଉପନିର୍ଦ୍ଦେଶକ ଶ୍ରୀ କରଣ ସରେନ, ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟର ଅଧୀକ୍ଷଣ ଯନ୍ତ୍ରୀ ଭୁବନେଶ୍ୱର ଶ୍ରୀ ସୁନୀଲ କୁମାର, ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ସଚିବ ନୂଆଦିଲ୍ଲୀ ଶ୍ରୀ ଅଜୟ କୁମାର ସାହୁ ଏବଂ ଜାତୀୟ ସୁଦୂର ସମ୍ବେଦନ କେନ୍ଦ୍ରର ବୈଜ୍ଞାନିକ ଶ୍ରୀ ସି. ସାଇ କ୍ରିଷ୍ଣା ଉପସ୍ଥିତ ଥିଲେ। ଏହି ଅବସରରେ ଇଡ୍‌କୋର ମୁଖ୍ୟ ଜେନେରାଲ ମ୍ୟାନେଜର ଶ୍ରୀ ସରୋଜ କୁମାର ସାହୁ, ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ବ୍ରହ୍ମପୁର ବିଜୟ ଅମୃତ କୁଲାଙ୍ଗେ, ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଆରକ୍ଷୀ ଅଧୀକ୍ଷକ ପ୍ରହଲ୍ଲାଦ ସହାୟ ମୀନାଙ୍କ ସମେତ ଜିଲ୍ଲାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆୟୋଜିତ ସମୀକ୍ଷା ବୈଠକରେ ଜିଲ୍ଲା ଜରୁରୀକାଳୀନ ବିଭାଗ ପକ୍ଷରୁ ପ୍ରସ୍ତୁତ ବାତ୍ୟା ପରବର୍ତ୍ତୀ କ୍ଷୟକ୍ଷତି ରିପୋର୍ଟ ଉପସ୍ଥାପନ କରାଯାଇଥିଲା। ଜିଲ୍ଲାପାଳ



କେନ୍ଦ୍ରୀୟ ଦଳକୁ ବାତ୍ୟା ଜନିତ କ୍ଷୟକ୍ଷତି ଓ ପ୍ରଶାସନ ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଅବଗତ କରାଇଥିଲେ। ବାତ୍ୟା ଯୋଗୁଁ ଗଜପତି ଜିଲ୍ଲାର ୧୩୦ଟି ଗ୍ରାମପଞ୍ଚାୟତ ଅନ୍ତର୍ଗତ ୮୪୭ଟି ୱାର୍ଡର ଗ୍ରାମ ପ୍ରଭାବିତ ହୋଇଥିଲା। ଜିଲ୍ଲାର ବିଭିନ୍ନ ସ୍ଥାନରେ ୧୪୭ଟି ସାମ୍ଭାବ୍ୟ ଭୂସ୍ଖଳନ ଚିହ୍ନଟ କରାଯାଇଥିବା ବେଳେ ୧୩ଟି ବିଭିନ୍ନ ସ୍ଥାନରେ ଛୋଟବଡ଼ ଭୂସ୍ଖଳନ ହୋଇଥିବା ଅବଗତ କରାଯାଇଥିଲା । ସେହିପରି ୧୨୩୨ଟି ଘର ଭାଙ୍ଗିଥିବା ସୂଚନା ଦିଆଯାଇଥିଲା। ବାତ୍ୟା ସମୟରେ ଜିଲ୍ଲାର ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳୀରେ ୩୫,୦୧୪ ଜଣଙ୍କୁ ସୁରକ୍ଷିତ ଭାବେ ଆଶ୍ରୟ ଦିଆଯିବା ସହ ସେମାନଙ୍କୁ ଆବଶ୍ୟକୀୟ ସୁବିଧା ଯୋଗାଇ ଦିଆଯାଇଥିଲା। ଆଜିର ଗସ୍ତ ସମୟରେ କେନ୍ଦ୍ରୀୟ ଦଳ ଗୋସାଣୀ, ରାୟଗଡ଼, ଆର.ଉଦୟଗିରି ଓ ମୋହନା ବ୍ଲକ୍‌ର ବାତ୍ୟା ଏବଂ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି କ୍ଷୟକ୍ଷତିର ବାସ୍ତବ ସ୍ଥିତି ଅନୁଧ୍ୟାନ କରିଥିଲେ। ବିଶେଷକରି କୃଷି, ଫସଲ, ରାସ୍ତାଘାଟ, ବିଦ୍ୟୁତ୍ ଭିତ୍ତିଭୂମି, ଜଳସମ୍ପଦ ଓ ଅନ୍ୟାନ୍ୟ ଜରୁରୀ ସେବା କ୍ଷେତ୍ରରେ ହୋଇଥିବା କ୍ଷୟକ୍ଷତିର ଆକଳନ କରିଥିଲେ। କ୍ଷେତ୍ର ପରିଦର୍ଶନ ସମୟରେ କେନ୍ଦ୍ରୀୟ ଦଳ ବାତ୍ୟା ଓ ବନ୍ୟା ପରବର୍ତ୍ତୀ ଉଦ୍ଧାର, ରିଲିଫ୍ ଓ ଥଇଥାନ କାର୍ଯ୍ୟର ସମୀକ୍ଷା କରିଥିଲେ। ପ୍ରଭାବିତ ଲୋକଙ୍କୁ ଯୋଗାଇ ଦିଆଯାଉଥିବା ସହାୟତା ଏବଂ ଅତ୍ୟାବଶ୍ୟକ ସେବାର ପୁନଃସ୍ଥାପନ ସମ୍ପର୍କରେ ମଧ୍ୟ ତଥ୍ୟ ସଂଗ୍ରହ କରିଥିଲେ। ଏହି ସମୟରେ ଆବଶ୍ୟକୀୟ ପୁନରୁଦ୍ଧାର ଓ ରିଲିଫ୍ କାର୍ଯ୍ୟ ତ୍ୱରାନ୍ୱିତ କରିବା ନେଇ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ବାତ୍ୟା ସମୟରେ ଜିଲ୍ଲା ପ୍ରଶାସନର ସମସ୍ତ ବିଭାଗ ଏକ ଟିମ୍ ଭାବେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ସହ ଉଦ୍ଧାର, ରିଲିଫ୍ ଓ ଥଇଥାନ କାର୍ଯ୍ୟକୁ ସଫଳତାର ସହ ସମ୍ପାଦନ କରିଥିବାରୁ କେନ୍ଦ୍ରୀୟ ଦଳ ଜିଲ୍ଲା ପ୍ରଶାସନର କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଫାଲଗୁନୀ ମାଝୀ ଓ ଶ୍ରୀ ମୁନିନ୍ଦ୍ର ହୋନନାଗା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶ୍ରୀ ଦୟାମୟ ପାଢ଼ୀ, ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ସୁଶ୍ରୀ ଭାଗବତ ସାମଲ କଲ୍ୟାଣ ରାଓ ସମେତ ସମସ୍ତ ଲାଇନ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

ଅଲିଭ ରିଡଲେ କଇଁଚଙ୍କ ପ୍ରଜନନ, ଲାଗିଲା କଟକଣା



କାକଟପୁର(ମହାଭାରତ) :ପୁରୀ ଜିଲ୍ଲା ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳ ଅସ୍ତରଙ୍ଗ-କୋଣାର୍କ- ବ୍ରହ୍ମଗିରି-ପୁରୀ ସମୁଦ୍ରରୁ ମାଛ ମାରିବା ଉପରେ ଜିଲ୍ଲା ମତ୍ସ୍ୟ ବିଭାଗ ପକ୍ଷରୁ ନଭେମ୍ବର ୧ରୁ ଏପ୍ରିଲ ଶେଷ ତାରିଖ ପର୍ଯ୍ୟନ୍ତ କଟକଣା ଲାଗୁ କରାଯାଇଛି। ନୁଆଗଡ ଜେଟି ଠାରୁ ଦେବୀ ନଦୀ-କେଲୁଣୀ ମୁହାଣ ପର୍ଯ୍ୟନ୍ତ ସମୁଦ୍ର ଭିତରକୁ ୨୦କିଲୋମିଟର ପର୍ଯ୍ୟନ୍ତ ମତ୍ସ୍ୟ ବିଭାଗ ପକ୍ଷରୁ ମତ୍ସ୍ୟଜୀବୀ ମାନଙ୍କୁ କଇଁଛ ମାନଙ୍କ ପ୍ରଜନନ ଋତୁରେ ସମୁଦ୍ରକୁ କୌଣସି ପ୍ରକାର ର ଯନ୍ତ୍ର ଚାଳିତ ଡ଼ଙ୍ଗା ପ୍ରବେଶ ନକରିବା ପାଇଁ ବାରଣ କରାଯାଇଅଛି । ବନ ବିଭାଗ ବିଭାଗର ଏହି ନିର୍ଦ୍ଦେଶ ପରେ ଶହ ଶହ ମତ୍ସ୍ୟଜୀବୀ ଘରେ ହାତ ବାନ୍ଧି ଘରେ ବସିରହିଲେ । ଦେବୀ ନଦୀ ମୁହାଣ, କେଲୁଣୀ ମୁହାଣ, ଗଙ୍ଗା ଦେବୀ ଏବଂ ନୁଆଗଡ ଜେଟି ଆଦି ଅଚଂଳରେ ମତ୍ସ୍ୟଜୀବୀ ମାନଙ୍କୁ ଟ୍ରଲର, ଯନ୍ତ୍ରଚାଳିତ ଡଙ୍ଗା ସମୁଦ୍ର ଭିତରୁ ପ୍ରବେଶ ନକରିବା ପାଇଁ ବାରଣ ହୋଇଛି । ସେହିପରି କଇଁଛ ମାନଙ୍କ ସୁରକ୍ଷାକୁ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ନଭେମ୍ବର ୧ ରୁ ଏପ୍ରିଲ ଶେଷ ପର୍ଯ୍ୟନ୍ତ ମଧ୍ୟ ମତ୍ସ୍ୟଜୀବୀ ମାନଙ୍କ ଉପରେ କଟକଣା ଲାଗିଲା ବୋଲି ଅସ୍ତରଙ୍ଗ ବନାଞ୍ଚଳ ଅଧିକାରୀ ମୋନାଲିସା ମହାପାତ୍ର ସୂଚନା ଦେଇଛନ୍ତି । ରାଜ୍ୟ ସରକାର ଅଲିଭ୍ ରିଡ଼ଲେ ଓ ମାଛ ମାନଙ୍କ ବଂଶ ବୃଦ୍ଧିକୁ ଦୃଷ୍ଟି ରେ ରଖି କଟକଣା ଜାରୀ କରୁଥିବା ବେଳେ ଯେଉଁ ମାନେ ନିଜ ପରିବାର ଚଳାଇବା ପାଇଁ ସମୁଦ୍ର ଉପରେ ନିର୍ଭର କରିଥାନ୍ତି, ସେମାନେ କଟକଣା ପାଇଁ ଘରେ ହାତବାନ୍ଧି ବସିଥିବା ବେଳେ କେମିତି ପରିବାର ଚଳେଇବେ ସେଥିପାଇଁ ବ୍ୟକ୍ତ କରିଛନ୍ତି ।

ମଣ୍ଡଳ ସ୍ତରୀୟ ଶିଶୁ ମହୋତ୍ସବ ‘ସୁରଭି’-୨୦୨୬



ନୂଆଗାଁ (ମହାଭାରତ) : ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୋମବାର ମଣ୍ଡଳ ସ୍ତରୀୟ ଶିଶୁ ମହୋତ୍ସବ ‘ସୁରଭି’ - ୨୦୨୬ ନୂଆଗାଁ ବ୍ଲକ୍ ସଦରମହକୁମାରେ ଥିବା ନୂଆଗାଁ ପ୍ରାଥମିକ ବିଦ୍ୟାଳୟ ପଡ଼ିଆରେ ଅନୁଷ୍ଠିତ ହୋଇଥିଲା।୧୩ କ୍ଲଷ୍ଟର ବିଭିନ୍ନ ବିଦ୍ୟାଳୟରୁ ୩୦୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ୨୯ ଟି ବିଭାଗରେ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।ବରିଷ୍ଠ ଓ କନିଷ୍ଠ ମଧ୍ୟରେ ସଙ୍ଗୀତ, ଚିତ୍ରାଙ୍କନ, କୁଇଜ, ଇଲୋକେସନ,ହସ୍ତାକ୍ଷର,ଦଳଗତ ନୃତ୍ୟ ଆଦି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।ନୂଆଗାଁ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗିରିଜା ଶଙ୍କର ମହାପାତ୍ରଙ୍କ ସଭାପତିତ୍ୱରେ ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ସମ୍ମାନିତ ଅତିଥି ନୂଆଗାଁ ବ୍ଲକ୍ ଅଧକ୍ଷା ଲକ୍ଷ୍ମୀପ୍ରିୟା ବେହେରା, ୧୭ ନଂ ଜୋନ ଜିଲ୍ଲାପରିଷଦ ସଭ୍ୟା ପ୍ରତିମା ଦଳବେହେରା, ଅତିରିକ୍ତ ତହସିଲଦାର ଭବାନୀ ଶଙ୍କର ନାୟକ, ସ୍ଥାନୀୟ ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭୀମସେନ ଦାସ,ନୂଆଗାଁ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ଦାଶ,କମିଟିର ସଭାପତି ପ୍ରବୀର ପ୍ରଧାନ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ।ଏଥିସହିତ ଶିଶୁର ସୃଜନଶିଳତାର ବିକାଶ ଓ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ।ଉଦଘାଟନୀ କାର୍ଯ୍ୟକ୍ରମକୁ ସିଆରସିସି ଶ୍ରୀଧର ବେହେରା ଓ ବିଜ୍ଞାନ ଶିକ୍ଷକ ବିନାୟକ ପରିଡ଼ା ପରିଚାଳନା କରିଥିଲେ।ସିଆରସିସି ଶ୍ରୀଧର ବେହେରା ଙ୍କ ଦ୍ୱାରା ରଚିତ ‘ସୁରଭି ଶୀର୍ଷକ ସଙ୍ଗୀତ ମାଟିର ସୁରଭି ଆମ ସଂସ୍କୃତି” ସଙ୍ଗୀତ କୁ ଉନ୍ମୋଚନ କରିଥିଲେ ଦଶପଲ୍ଲା ବିଧାୟକ।ଉଦଯାପନୀ କାର୍ଯ୍ୟକ୍ରମରେ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ, ନୟାଗଡ଼ ତ୍ରିନାଥ ମଳିକ,ସମ୍ମାନିତ ଅତିଥି ନୂଆଗାଁ ବ୍ଲକ ଉପାଧକ୍ଷ ପର୍ଶୁରାମ ସ୍ୱାଇଁ,ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ଼ ଅମୃତ କୁମାର ରାଉଳ ପ୍ରମୁଖ ଯୋଗଦେଇଥିଲେ।

ଜିଲ୍ଲାସ୍ତରରେ ବିଶ୍ୱ ମିତବ୍ୟୟିତା ଦିବସ ପାଳନ ଓ ଆଲୋଚନାଚକ୍ର

ଗଜପତି(ମହାଭାରତ):ବିଶ୍ୱ ମିତବ୍ୟୟିତା ଦିବସ ପାଳନ ଅବସରରେ ସଞ୍ଚୟ ଓ ଆର୍ଥିକ ସେବା ବିଭାଗ ଏବଂ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ସ୍ୱତନ୍ତ୍ର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସ୍ୱଳ୍ପସଂଚୟ ଅଧିକରୀ ଶ୍ରୀମତି ତ୍ରିବେଣୀ ଦେବୀ, ପୋଷ୍ଟାଲ ଆସିଷ୍ଟାଣ୍ଟ ଶ୍ରୀ ଦୁର୍ଗା ପ୍ରସାଦ ରାଉତ, ଲିଡ୍ ବ୍ୟାଙ୍କ ଅଧକାରୀ ଶ୍ରୀ ଅଭିଷେକ ମିଶ୍ର ଓ ସାଇବର ଥାନା ଅଧିକାରୀ ଶ୍ରୀ ଟୁନା ସାହୁ, ପୋଷ୍ଟ ପେମେଣ୍ଟ ବ୍ୟାଙ୍କ ମ୍ୟାନେଜର ପି. କ୍ରିଷ୍ଣା ମଞ୍ଚାସୀନ ଥିଲେ । ସମସ୍ତ ଅତିଥିମାନେ ନିଜ ବକ୍ତବ୍ୟରେ ସଞ୍ଚୟକୁ ଜୀବନର ଏକ ନିୟମିତ ଅଭ୍ୟାସରେ ପରିଣତ କରିବା ସହ ମିତବ୍ୟୟୀ ହେବାର



ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ଅଳ୍ପ ଅଳ୍ପ ସଞ୍ଚୟ ମଧ୍ୟ ବ୍ୟକ୍ତିର ଆର୍ଥିକ ସୁରକ୍ଷାକୁ ସୁଦୃଢ଼ କରିବା ସହ ଜରୁରୀ ସମୟରେ ସହାୟକ ହୋଇଥାଏ। ତେଣୁ ପ୍ରତ୍ୟେକ ବ୍ୟକ୍ତି ଅନାବଶ୍ୟକ ଖର୍ଚ୍ଚରୁ ନିବୃତ୍ତ ରହି ନିଜ ଆୟ ଅନୁଯାୟୀ ସଞ୍ଚୟ କରିବା ଉଚିତ। ଏହାଦ୍ୱାରା ବ୍ୟକ୍ତିଗତ ଆର୍ଥିକ ସ୍ଥିତି ସୁଦୃଢ଼ ହେବା ସହ ଦେଶର ଅର୍ଥନୈତିକ ବିକାଶରେ ମଧ୍ୟ ସହାୟତା ମିଳିବ। ଏଥିସହ ନିଜର କଷ୍ଟ ଉପାର୍ଜିତ ଧନ ଜମା କରିବା ପୂର୍ବରୁ ସମ୍ପୃକ୍ତ ଆର୍ଥିକ ସଂସ୍ଥାର ବିଶ୍ୱସନୀୟତା ଓ ଯୋଜନା ସମ୍ପର୍କରେ ଠିକ୍ ତଥ୍ୟ ଜାଣିବା ଆବଶ୍ୟକ ବୋଲି ଅତିଥିମାନେ ପରାମର୍ଶ ଦେଇଥିଲେ। ଅଧିକ ଲାଭର ପ୍ରଲୋଭନରେ ପଡ଼ି ଅଜଣା ସଂସ୍ଥାରେ ଅର୍ଥ ଜମା ନକରିବା ସହ ଠକାମିରୁ ରକ୍ଷା ପାଇବା ପାଇଁ ସଚେତନ ରହିବାକୁ କୁହାଯାଇଥିଲା। ଡିଜିଟାଲ ଆର୍ଥିକ କାରବାର ସମୟରେ ମଧ୍ୟ ସତର୍କତା ଅବଲମ୍ବନ କରିବା ଏବଂ ନିଜେ ସଚେତନ ହେବା ସହ ଅନ୍ୟମାନଙ୍କୁ ସଚେତନ କରିବାକୁ ଆହ୍ୱାନ ଦିଆଯାଇଥିଲା। ଏହି ଆଲୋଚନାଚକ୍ରରେ ଡାକଘର ସଞ୍ଚୟ ଖାତା, ପୌନଃପୁନିକ ଜମା, ମିଆଦି ଜମା, ପବ୍ଲିକ୍ ପ୍ରୋଭିଡେଣ୍ଟ ଫଣ୍ଡ (ଟଟର), ମାସିକ ଆୟ ଯୋଜନା, ଜାତୀୟ ସଞ୍ଚୟ ପତ୍ର (ଘଝଉ), ବରିଷ୍ଠ ନାଗରିକ ସଞ୍ଚୟ ଯୋଜନା, କିଷାନ ବିକାଶ ପତ୍ର ଏବଂ ସୁକନ୍ୟା ସମୃଦ୍ଧି ଯୋଜନା ଆଦି ବିଭିନ୍ନ ସ୍ୱଳ୍ପ ସଞ୍ଚୟ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଜିଲ୍ଲା ପୋଲିସ ପକ୍ଷରୁ ସାଇବର ସୁରକ୍ଷା ଜାଗ୍ରତତା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା ।କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ଗଣ ମାଧ୍ୟମ କୁ ସୂଚନା ନାହିଁ

ଅବସର ପ୍ରାପ୍ତ ସଂସ୍କୃତ ଶିକ୍ଷକଙ୍କ ବିୟୋଗରେ ଶୋକ


ଓଡ଼ଗାଁ,(ମହାଭାରତ):ଓଡ଼ଗାଁ ବ୍ଲକ୍ ଅନ୍ତର୍ଗତ କୁରାଳ ପାଇକରାୟସାହିର ବାସିନ୍ଦା ତଥା ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ହରିହର ତ୍ରିପାଠୀଙ୍କ ସେମବାର ସକାଳେ ବିୟୋଗ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୮୦ ବର୍ଷ ବୟସ ହୋଇଥିଲା।ଅବସର ପରେ ସେ ଭୁବନେଶ୍ୱରରେ ବଡପୁଅ ପାଖରେ ରହି ଆସୁଥିଲେ।ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତା ଯୋଗୁଁ ଆଜକୁ ୮ ଦିନ ହେବ ସେଠାରେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ।ତେବେ ଚିକିତ୍ସାଧିନ ଅବସ୍ଥାରେ ଆଜି ତାଙ୍କର ଦେହାନ୍ତ ଘଟିଥିବା ଜଣାପଡ଼ିଛି।ପୁରୀ ସ୍ୱର୍ଗଦ୍ୱାର ଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ଜ୍ୟେଷ୍ଠପୁତ୍ର ଶ୍ରୀକାନ୍ତ ତ୍ରିପାଠୀ ମୁଖାଗ୍ନି ଦେଇଥିଲେ। ଏବଂ ଅନ୍ୟ ଦୁଇପୁଅ ଶୁଶାନ୍ତ କୁମାର ତ୍ରିପାଠୀ ଓ ପ୍ରଶାନ୍ତ କୁମାର ତ୍ରିପାଠୀ ଉପସ୍ଥିତ ରହି ସହଯୋଗ କରିଥିବାବେଳେ ତାଙ୍କ ବିୟୋଗରେ କୁରାଳ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

ଶିକ୍ଷକ ପରମାନନ୍ଦ ପାଇଲେ ଆଧ୍ୟାତ୍ମିକ ସାରସ୍ୱତ ସମ୍ମାନ

ଓଡ଼ଗାଁ(ମହାଭାରତ)ସୃଷ୍ଟି ଓ ସ୍ରଷ୍ଟା ସାହିତ୍ୟ କଳା,ସଂସ୍କୃତି ବିକାଶ ଟ୍ରଷ୍ଟ ପକ୍ଷରୁ ରାଜ୍ୟସ୍ତରୀୟ ପାର୍ବଣ ସାହିତ୍ୟ ମହୋତ୍ସବ ରବିବାର ବୁଦ୍ଧମନ୍ଦିର ପ୍ରେକ୍ଷାଳୟ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି।ଏଥିରେ ଓଡ଼ଗାଁ ବ୍ଲକ ମଗରବନ୍ଧ ପଞ୍ଚାୟତ ଅନ୍ତର୍ଗତ ଫଓଶିପଲ୍ଲୀ ଗ୍ରାମର କବି ଡ଼.ପରମାନନ୍ଦ ସ୍ୱାଇଁଙ୍କୁ ଆଧ୍ୟାତ୍ମିକ ସାରସ୍ୱତ ସମ୍ମାନରେ ସମ୍ମାନିତ କରାଯାଇଛି।ଶିକ୍ଷକ ପରମାନନ୍ଦ ଏକ ଧାରରେ ଜଣେ ସାହିତ୍ୟିକ,ପରିବେଶବିତ୍,ସମାଜସେବୀ ଓ ମହିମା ଅଲେଖ ଧର୍ମରେ ଆଶ୍ରିତଅଟନ୍ତି।ସମାଜ ସଂସ୍କାରକ ଭାବେ ଅନ୍ଧବିଶ୍ୱାସ,କୁସଂସ୍କାର ତଥା ବଳୀପ୍ରଥା,ଗୁଣିଗାରେଡ଼ି,ଦୁର୍ନୀତି ଓ ନିଶାକୁ ସବୁବେଳେ ବିରୋଧ କରିଥାନ୍ତି।ଜଣେ କବି ହିସାବରେ ଚେତନା ଧର୍ମୀ କବିତା ରଚନାକରି ପ୍ରଶଂସା ଅର୍ଜନ କରିଛନ୍ତି।ମାନବ ଧର୍ମର ମୂଲ୍ୟବୋଧର ବାର୍ତ୍ତାଦେଇ ରାଜ୍ୟର ଅନେକ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ ହୋଇପାରିଛନ୍ତି।

ବନ୍ୟାରେ ଧୋଇଗଲା ବର୍ଷ ବର୍ଷର ଝାଳବୁହା ଅର୍ଜିତ ସମ୍ପତ୍ତି

ଧାନ, ଚାଉଳ, ସିମେଣ୍ଟ, ରଡ୍ ଓ ଦୋକାନ ଘର ଛାରଖାର



ହିଞ୍ଜିଳିକାଟୁ,: (ମହାଭାରତ)ପ୍ରକୃତିର କରାଳ ରୂପ ଆଗରେ ହାର ମାନିଛି ବର୍ଷ ବର୍ଷର ପରିଶ୍ରମ। ଅର୍ଣ୍ଣବ ବାତ୍ୟା ପରେ ଆସିଥିବା ବନ୍ୟା ଜଳ ଧୋଇ ନେଇଛି ଜଣେ ବ୍ୟବସାୟୀଙ୍କ ଜୀବନର ସାରା ସଞ୍ଚିତ ପୁଞ୍ଜି ଓ ଝାଳବୁହା ଅର୍ଜିତ ସମ୍ପତ୍ତି। ବନ୍ୟା ପାଣିରେ ଧାନ, ଚାଉଳ, ସିମେଣ୍ଟ, ରଡ୍ ସହ ଦୋକାନ ଘର ଓ ମିଲ୍‌ର ବିଭିନ୍ନ ସାମଗ୍ରୀ ନଷ୍ଟ ହୋଇଯାଇଥିବାରୁ ଏବେ ଚିନ୍ତାରେ ପଡ଼ିଛନ୍ତି ପରିବାର। ଏଭଳି ଏକ ଦୁଃଖଦ ଘଟଣା ଗଞ୍ଜାମ ଜିଲ୍ଲା ହିଞ୍ଜିଳି ବ୍ଲକ ଅନ୍ତର୍ଗତ ନୂଆ ବୁରୁପଡ଼ା ଗ୍ରାମରେ ଦେଖିବାକୁ ମିଳିଛି।ସୂଚନା ଅନୁଯାୟୀ, ନୂଆ ବୁରୁପଡ଼ା ଗ୍ରାମରେ ଥିବା ମା’ ସମଲାଇ ରାଇସ୍ ମିଲ୍ ସହ ଏହା ସଂଲଗ୍ନ ଜଗନ୍ନାଥ ଟ୍ରେଡ଼ସ ସିମେଣ୍ଟ ଓ ରଡ୍ ଦୋକାନରେ ବନ୍ୟା ଜଳ ପଶି ବ୍ୟାପକ କ୍ଷୟକ୍ଷତି ଘଟାଇଛି। ବନ୍ୟା ପାଣିର ପ୍ରବଳ ସ୍ରୋତରେ ଦୋକାନ ଘରର କିଛି ଅଂଶ ଭାଙ୍ଗିଯିବା ସହ ଘର ନିର୍ମାଣ ପାଇଁ ଗଚ୍ଛିତ ରଖାଯାଇଥିବା ବହୁ ସାମଗ୍ରୀ ନଷ୍ଟ ହୋଇଛି। ପ୍ରାୟ ୩୦୦ ବସ୍ତାରୁ ଉର୍ଦ୍ଧ୍ୱ ସିମେଣ୍ଟ ଓ ପ୍ରାୟ ୧୮୦୦ କିଲୋଗ୍ରାମ ରଡ୍ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। କେବଳ ସିମେଣ୍ଟ ଓ ରଡ୍ ଦୋକାନ ନୁହେଁ, ରାଇସ୍ ମିଲ୍‌ରେ ଗଚ୍ଛିତ ଥିବା ଧାନ ଓ ଚାଉଳ ମଧ୍ୟ ବନ୍ୟା ପାଣିରେ ଭିଜି ନଷ୍ଟ ହୋଇଛି। ମିଲ୍‌ର କୋଠା ଓ ଅନ୍ୟାନ୍ୟ ଭିତ୍ତିଭୂମି ମଧ୍ୟ କ୍ଷତିଗ୍ରସ୍ତ ହୋଇଥିବାରୁ ବ୍ୟବସାୟ ପୁଣି ଆରମ୍ଭ କରିବା ଏବେ ବଡ଼ ଚ୍ୟାଲେଞ୍ଜ ହୋଇପଡ଼ିଛି।ଏହି ମିଲ୍‌ର ମାଲିକଙ୍କ ସ୍ୱାମୀ ରମେଶ ଚନ୍ଦ୍ର ପାତ୍ରଙ୍କ କହିବା ଅନୁଯାୟୀ, ବନ୍ୟା ଯୋଗୁଁ ମିଲ୍‌ରେ ଥିବା ଧାନ, ଚାଉଳ, କୋଠାବାଡ଼ି, ସିମେଣ୍ଟ ଓ ରଡ୍ ଦୋକାନ ସମେତ ସମସ୍ତ ସମ୍ପତ୍ତିରେ ପ୍ରାୟ ଏକ କୋଟି ଟଙ୍କାରୁ ଉର୍ଦ୍ଧ୍ୱ କ୍ଷତି ହୋଇଛି। ବର୍ଷ ବର୍ଷ ଧରି ଦିନରାତି ପରିଶ୍ରମ କରି ଯାହା ସଞ୍ଚୟ କରିଥିଲେ, ତାହା ଗୋଟିଏ ବନ୍ୟାରେ ନଷ୍ଟ ହୋଇଯାଇଛି ବୋଲି ସେ ଦୁଃଖର ସହ ପ୍ରକାଶ କରିଛନ୍ତି।ବ୍ୟବସାୟ ଉପରେ ନିର୍ଭର କରି ଚଳୁଥିବା ପରିବାର ପାଇଁ ଏହି କ୍ଷତି କେବଳ ଆର୍ଥିକ ନୁହେଁ, ବରଂ ଜୀବନ ଜୀବିକା ଉପରେ ଏକ ବଡ଼ ଆଘାତ। ଏତେ ବଡ଼ କ୍ଷତି ପରେ ପୁଣି ଥରେ ବ୍ୟବସାୟକୁ ଠିଆ କରିବା କିପରି ସମ୍ଭବ ହେବ, ସେନେଇ ଚିନ୍ତାରେ ରହିଛନ୍ତି ରମେଶ ଚନ୍ଦ୍ର ପାତ୍ର।ଏପରି ସ୍ଥିତିରେ ପ୍ରଶାସନ ପକ୍ଷରୁ ତୁରନ୍ତ କ୍ଷୟକ୍ଷତିର ଆକଳନ କରାଯାଇ ଉପଯୁକ୍ତ ସହାୟତା ଯୋଗାଇ ଦେବାକୁ ଦାବି ଉଠିଛି। ସରକାରୀ ସ୍ତରରେ କ୍ଷତିର ସଠିକ୍ ଆକଳନ କରାଯାଇ କ୍ଷତିଗ୍ରସ୍ତ ପରିବାରକୁ ଆର୍ଥିକ ସହାୟତା ମିଳିଲେ ହିଁ ସେମାନେ ପୁଣି ଥରେ ନିଜ ଗୋଡ଼ରେ ଠିଆ ହୋଇପାରିବେ। ବର୍ଷ ବର୍ଷର ପରିଶ୍ରମରେ ଗଢ଼ିଥିବା ସ୍ୱପ୍ନ ଭାଙ୍ଗିଯାଇଥିବା ବେଳେ ଏବେ ପ୍ରଶାସନର ସହାୟତାକୁ ଅପେକ୍ଷା କରିଛନ୍ତି ପାତ୍ର ପରିବାର।

ଜନ୍ତରମନ୍ତର ଘଟଣାରେ ସୁପ୍ରିମକୋର୍ଟଙ୍କ କଡା ନିର୍ଦ୍ଦେଶ

ପ୍ରଦର୍ଶନ ନାଁରେ ସାର୍ବଜନୀନ ସ୍ଥାନ କେହି ଦଖଲ କରିପାରିବେନି





ନୂଆଦିଲ୍ଲୀ,୩।୧୧: ସାର୍ବଜନୀନ ସ୍ଥାନରେ ଦୀର୍ଘ ସମୟ ଧରି ଧାରଣା ଓ ପ୍ରଦର୍ଶନ କରିବାର ଅଧିକାରକୁ ନେଇ ସୁପ୍ରିମକୋର୍ଟ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି। କୌଣସି ପ୍ରଦର୍ଶନକାରୀ ଗୋଷ୍ଠୀକୁ ସାର୍ବଜନୀନ ସ୍ଥାନ ଉପରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କବ୍ଜା କରି ରହିବାକୁ ଅନୁମତି ଦିଆଯାଇପାରିବ ନାହିଁ ବୋଲି କହିଛନ୍ତି କୋର୍ଟ । ଏପରି ପ୍ରଦର୍ଶନ ଯୋଗୁଁ ସାଧାରଣ ଲୋକ ଏବଂ ଦିନ ମଜୁରିଆଙ୍କ ଜୀବିକା ଉପରେ କି ପ୍ରଭାବ ପଡୁଛି, ତାହା ମଧ୍ୟ ବିଚାର କରିବାକୁ ହେବ ବୋଲି ଖଣ୍ଡପୀଠ ମତ ଦେଇଛନ୍ତି। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଅକ୍ଟୋବରରେ ଦିଲ୍ଲୀରେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ବିରୋଧରେ ହୋଇଥିବା ପ୍ରଦର୍ଶନ ସମ୍ପର୍କିତ ଆବେଦନର ଶୁଣାଣି ବେଳେ ଏହା କହିଥିଲେ। ଶୁଣାଣି ସମୟରେ ଆବେଦନକାରୀଙ୍କ ପକ୍ଷର ଓକିଲ ଜନ୍ତରମନ୍ତରକୁ ପ୍ରଦର୍ଶନ ସ୍ଥଳ ତାଲିକାରୁ ହଟାଇବାକୁ ବିରୋଧ କରିଥିଲେ। ଅନ୍ୟପଟେ, ଏକ ବ୍ୟବସାୟୀ ସଂଗଠନ ପକ୍ଷରୁ ଲଗାତାର ଆନ୍ଦୋଳନ ଯୋଗୁଁ ବ୍ୟବସାୟ କ୍ଷତିଗ୍ରସ୍ତ ହେଉଥିବା ଯୁକ୍ତି ରଖାଯାଇଥିଲା। ଏହାର ଶୁଣାଣି ସମୟରେ ପ୍ରଧାନ ବିଚାରପତି କହିଥିଲେ ଯେ, ପ୍ରଦର୍ଶନ ପାଇଁ ଗୋଟିଏ କିମ୍ବା ଦୁଇଟି ସ୍ଥାନ ନିର୍ଦ୍ଧାରଣ କରାଯାଇପାରେ। କିନ୍ତୁ ସେଠାରେ ସମସ୍ତଙ୍କୁ ପାଳିକରି ପ୍ରଦର୍ଶନ କରିବାର ସୁଯୋଗ ମିଳିବା ଉଚିତ। କୌଣସି ଗୋଟିଏ ଗୋଷ୍ଠୀ ସେହି ସ୍ଥାନକୁ ନିଜ ଅଧୀନରେ ରଖି ଅନ୍ୟମାନଙ୍କୁ ପ୍ରଦର୍ଶନ କରିବାରୁ ରୋକିପାରିବ ନାହିଁ। କୃଷକ, ଶ୍ରମିକ, ଟ୍ରେଡ୍ ୟୁନିଅନ୍ ଏବଂ ବାସହୀନ ଲୋକମାନେ ମଧ୍ୟ ନିଜ ଦାବି ନେଇ ଆନ୍ଦୋଳନ କରିବାକୁ ଚାହିଁଲେ ସେମାନେ କେଉଁଠି ଯିବେ ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ। ଶୁଣାଣି ସମୟରେ ସଲିସିଟର ଜେନେରାଲ ତୁଷାର ମେହେଟା ଜୁଲାଇରେ ହୋଇଥିବା ଏକ ପ୍ରଦର୍ଶନର ଉଦାହରଣ ଦେଇଥିଲେ। ତାଙ୍କ କହିବା ଅନୁସାରେ, ପ୍ରଦର୍ଶନକୁ ମାତ୍ର ଗୋଟିଏ ଦିନ ପାଇଁ ଅନୁମତି ମିଳିଥିଲା, କିନ୍ତୁ ପ୍ରଦର୍ଶନକାରୀମାନେ ୧୭ ଦିନ ପର୍ଯ୍ୟନ୍ତ ସେଠାରେ ବସି ରହିଥିଲେ। ପରେ ବିନା ଅନୁମତିରେ ସଂସଦ ଆଡ଼କୁ ମାର୍ଚ୍ଚ କରିବାକୁ ଉଦ୍ୟମ କରିଥିଲେ। ପ୍ରଦର୍ଶନକାରୀଙ୍କ ଦାୟିତ୍ୱ ନିର୍ଦ୍ଧାରଣ ହେବା ଉଚିତ ବୋଲି ସେ କହିଥିଲେ। ବ୍ୟବସାୟୀଙ୍କ ପକ୍ଷରୁ ଉପସ୍ଥିତ ବରିଷ୍ଠ ଓକିଲ ମୁକୁଲ ରୋହତଗୀ ଦାବି କରିଥିଲେ ଯେ, ଏହି ପ୍ରଦର୍ଶନ ଯୋଗୁଁ ବ୍ୟବସାୟରେ ପ୍ରାୟ ୨,୦୦୦ କୋଟି ଟଙ୍କାର କ୍ଷତି ହୋଇଛି। ପର୍ବପର୍ବାଣୀ ସମୟରେ ବଜାର ବନ୍ଦ ରହିବାରୁ ବ୍ୟବସାୟୀଙ୍କ ସହ ଟେମ୍ପୋ ଚାଳକ, ଶ୍ରମିକ ଓ ସାମଗ୍ରୀ ପରିବହନ କରୁଥିବା କର୍ମଚାରୀଙ୍କ ରୋଜଗାର ମଧ୍ୟ ପ୍ରଭାବିତ ହୋଇଥାଏ। ତେବେ ଖଣ୍ଡପୀଠର ଅନ୍ୟତମ ବିଚାରପତି ଜଷ୍ଟିସ୍ ଜୟମାଲ୍ୟ ବାଗଚୀ ପ୍ରଶ୍ନ କରିଥିଲେ ଯେ, ବ୍ୟବସାୟରେ ହ୍ରାସ ପାଇଁ କେବଳ ପ୍ରଦର୍ଶନକାରୀଙ୍କୁ କିପରି ଦାୟୀ କରାଯାଇପାରିବ ? ପ୍ରଶାସନ ପକ୍ଷରୁ ଲଗାଯାଉଥିବା ବ୍ୟାରିକେଡ୍ ଏବଂ ଦୋକାନ ବନ୍ଦ କରାଇବା ଭଳି ପଦକ୍ଷେପ ମଧ୍ୟ ଏହାର କାରଣ ହୋଇପାରେ ବୋଲି ସେ ପ୍ରଶ୍ନ ଉଠାଇଥିଲେ। ନଭେମ୍ବର ୩ ତାରିଖର ଶୁଣାଣିରେ ମହିଳା ସାମ୍ବାଦିକଙ୍କ ସୁରକ୍ଷା, ପ୍ରଦର୍ଶନକାରୀଙ୍କ ପରିଚୟ ଚିହ୍ନଟ ପାଇଁ ଫେସିଆଲ୍ ରେକଗ୍ନିସନ୍ ଟେକ୍ନୋଲୋଜିର ବ୍ୟବହାର ଏବଂ ପ୍ରଦର୍ଶନ ସମୟରେ ସରକାରଙ୍କ ପକ୍ଷରୁ ମେଟ୍ରୋ, ରାସ୍ତା ଓ ଇଣ୍ଟରନେଟ୍ ବନ୍ଦ କରିବା ଭଳି ପ୍ରସଙ୍ଗ ଉଠିଥିଲା। ଖଣ୍ଡପୀଠ କହିଥିଲେ ଯେ, ମାମଲାର ନୋଡାଲ୍ ଓକିଲମାନେ ଆବେଦନ ଗୁଡିକୁ ୯ଟି ବର୍ଗରେ ବିଭକ୍ତ କରିଛନ୍ତି। ଯାହାଦ୍ୱାରା ପ୍ରତ୍ୟେକ ବର୍ଗର ଯାଚିକା ଉପରେ ଅଲଗା ଅଲଗା ଶୁଣାଣି ହୋଇପାରିବ। ଏଥିସହ ଓକିଲମାନଙ୍କ ଯୁକ୍ତି ରଖିବାର କ୍ରମ ମଧ୍ୟ ସ୍ଥିର କରାଯିବ।

ଭୋଟ୍ ଚୋରି ଅଭିଯୋଗକୁ ବିଜେପିର କାଉଣ୍ଟର

ଆରମ୍ଭ ହେବ 'ଲୋକତନ୍ତ୍ର ବଞ୍ଚାଅ, ଅରାଜକତା ହଟାଅ'

ୟୁପିରେ ରାଜରାସ୍ତାକୁ ଓହ୍ଲାଇବେ ୧.୫ ଲକ୍ଷ କର୍ମୀ



ଲକ୍ଷ୍ନୌ,୩।୧୧: ଉତ୍ତରପ୍ରଦେଶରେ ବିଜେପି ପକ୍ଷରୁ 'ଲୋକତନ୍ତ୍ର ବଞ୍ଚାଅ, ଅରାଜକତା ହଟାଅ' ନାମକ ଏକ ତିନିଦିନିଆ ଅଭିଯୋଗ ଆରମ୍ଭ ହେବାକୁ ଯାଉଛି । ବିରୋଧୀଙ୍କ 'ଭୋଟ୍ ଚୋରି' ଏବଂ ଅନ୍ୟାନ୍ୟ ଅଭିଯୋଗର କଡ଼ା ଜବାବ ଦେବା ପାଇଁ ବିଜେପିର ଦେଢ଼ ଲକ୍ଷରୁ ଅଧିକ କର୍ମୀ ରାଜରାସ୍ତାକୁ ଓହ୍ଲାଇବେ । ଏହି ଅଭିଯୋଗ ଅଧୀନରେ ରାଜ୍ୟର ସମସ୍ତ ୬ଟି ସାଙ୍ଗଠନିକ କ୍ଷେତ୍ରରେ ପଦଯାତ୍ରା କରାଯିବ, ଯେଉଁଥିରେ କେନ୍ଦ୍ରୀୟ ନେତୃବୃନ୍ଦ ମଧ୍ୟ ସାମିଲ ହେବେ । ଲକ୍ଷ୍ନୌରେ କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନ ଅଧକ୍ଷ କ୍ଷେତ୍ରର ପଦଯାତ୍ରାର ନେତୃତ୍ୱ ନେବେ । ବରେଲୀରେ କେନ୍ଦ୍ର ମନ୍ତ୍ରୀ ଜେ.ପି. ନଡ୍ଡା ବ୍ରଜ କ୍ଷେତ୍ରର ପଦଯାତ୍ରାରେ ଅଂଶଗ୍ରହଣ କରିବେ । ଗୋରଖପୁରରେ ବିଜେପି ଅଧ୍ୟକ୍ଷ ନୀତିନ ନବୀନ ଏବଂ ପ୍ରଦେଶ ବିଜେପି ଅଧ୍ୟକ୍ଷ ପଙ୍କଜ ଚୌଧୁରୀ ଗୋରଖପୁର କ୍ଷେତ୍ରର ପଦଯାତ୍ରାରେ ସାମିଲ ହେବେ । ପ୍ରୟାଗରାଜରେ ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ କାଶୀ କ୍ଷେତ୍ର ଏବଂ ଉପମୁଖ୍ୟମନ୍ତ୍ରୀ ବ୍ରଜେଶ ପାଠକ କାନପୁର କ୍ଷେତ୍ରର ପଦଯାତ୍ରାରେ ଭାଗ ନେବେ । ଏହି ତିନିଦିନିଆ କାର୍ଯ୍ୟକ୍ରମ ଆସନ୍ତା ନଭେମ୍ବର ୫ ତାରିଖରେ ଗାଜିଆବାଦରେ ପଶ୍ଚିମ କ୍ଷେତ୍ରର ପଦଯାତ୍ରା ସହିତ ସମାପ୍ତ ହେବ, ଯେଉଁଥିରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସାମିଲ ହେବେ । ପ୍ରତିଟି ପଦଯାତ୍ରାରେ ୨୫,୦୦୦ କର୍ମୀଙ୍କୁ ଏକାଠି କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଏହିପରି ଭାବରେ ସମସ୍ତ ୬ଟି କ୍ଷେତ୍ରରେ ୧.୫ ଲକ୍ଷ ବା ତା'ଠାରୁ ଅଧିକ ପାର୍ଟି କର୍ମୀଙ୍କ ସାମୂହିକ ଅଂଶଗ୍ରହଣ ସୁନିଶ୍ଚିତ କରାଯିବ। ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ଦଳ ମୈଦାନକୁ ଓହ୍ଲାଇବା ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛି । ଏହି ପଦଯାତ୍ରା ମାଧ୍ୟମରେ କେନ୍ଦ୍ରୀୟ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ସମେତ ଅନେକ ବରିଷ୍ଠ ନେତା ଏକାଠି ହୋଇ କଂଗ୍ରେସ ଏବଂ ସମାଜବାଦୀ ପାର୍ଟି ବିରୋଧରେ ରଣନୀତି ପ୍ରସ୍ତୁତ କରିବେ । ନିଟ୍, ପେପର ଲିକ୍ ଏବଂ ଏସଆଇଆର୍ କୁ ନେଇ ବିରୋଧୀଙ୍କ ପ୍ରଦର୍ଶନର ଜବାବ ଦେବା ପାଇଁ ବିଜେପି ଏହି ସମଗ୍ର ଅଭିଯାନ ଉପରେ ବିଶେଷ ଫୋକସ୍ କରିଛି । ଏହି ଅଭିଯାନ କର୍ମୀମାନଙ୍କୁ ଏକାଠି କରିବା ସହିତ ସଂଗଠନ ଓ ନେତୃତ୍ୱ ମଧ୍ୟରେ ସମନ୍ୱୟ ରକ୍ଷା କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଦଳୀୟ ସୂତ୍ରରୁ ଦାବି କରାଯାଇଛି । ସେଥିପାଇଁ ସ୍ଥାନୀୟ ଓ ପ୍ରଦେଶ ନେତୃତ୍ୱ ସହିତ କେନ୍ଦ୍ରୀୟ ନେତୃବୃନ୍ଦଙ୍କୁ ମଧ୍ୟ ଉତ୍ତରପ୍ରଦେଶ ମଇଦାନକୁ ଓହ୍ଲାଯାଇଛି ।

ଓମାନ ଉପକୂଳରେ ଭାରତୀୟ ଜାହାଜ ଦୁର୍ଘଟଣାଗ୍ରସ୍ତ

ଜଣେ ମୃତ, ୧୩ ନାବିକଙ୍କୁ ଉଦ୍ଧାର

ନୂଆଦିଲ୍ଲୀ,୩।୧୧: ସମୁଦ୍ରରେ ଯାତ୍ରା କରୁଥିବା ସମୟରେ ଏକ ଭାରତୀୟ ଜାହାଜ ଦୁର୍ଘଟଣାଗ୍ରସ୍ତ ହୋଇଛି । ଯେଉଁଥିରେ ଗୁଜରାଟର ଜଣେ ନାବିକଙ୍କର ମୃତ୍ୟୁ ହୋଇଥିବାବେଳେ ଓମାନ କୋଷ୍ଟ ଗାର୍ଡର ସହାୟତାରେ ଅନ୍ୟ ୧୩ ଜଣ ନାବିକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି । କେନ୍ଦ୍ରମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ଏହି ଦୁଃଖଦ ଘଟଣା ସମ୍ପର୍କରେ ସବିଶେଷ ସୂଚନା ପ୍ରଦାନ କରିଛନ୍ତି । କେନ୍ଦ୍ରମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲଙ୍କ ସୂଚନାନୁସାରେ, ଗତ ନଭେମ୍ବର ୨ ତାରିଖରେ ଭାରତୀୟ ଜାହାଜ 'ଅଲ ଜୁସୁଫି' ଓମାନ ଉପକୂଳ ଦେଇ ଅତିକ୍ରମ କରୁଥିଲା । ଏହି ସମୟରେ ଜାହାଜଟି ଏକ ଅଜ୍ଞାତ ବସ୍ତୁ ସହିତ ଧକ୍କା ହୋଇ ଭୟଙ୍କର ଦୁର୍ଘଟଣାର ଶିକାର ହୋଇଥିଲା । ଦୁର୍ଘଟଣାଗ୍ରସ୍ତ ଜାହାଜରେ ମୋଟ ୧୪ ଜଣ ଭାରତୀୟ ନାବିକ ଥିଲେ । ଜାହାଜ ଦୁର୍ଘଟଣାଗ୍ରସ୍ତ ହେବା ପରେ ଓମାନ କୋଷ୍ଟ ଗାର୍ଡ ତତ୍ପରତା ପ୍ରକାଶ କରି ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା । ଫଳରେ ଜାହାଜରେ ଥିବା ୧୩ ଜଣ ନାବିକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇପାରିଛି । ମାତ୍ର, ଏହି ଦୁର୍ଘଟଣାରେ ଗୁଜରାଟର ବାସିନ୍ଦା ତଥା ଜାହାଜର ଜଣେ ନାବିକ ଗନ୍ଧାର ନାହିମ ଅଜିଜ ଗୁରୁତର ଆହତ ହୋଇଥିଲେ ଏବଂ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି । କେନ୍ଦ୍ରମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ସୋନୋୱାଲ ମୃତ ନାବିକଙ୍କ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜ୍ଞାପନ କରିଛନ୍ତି । ସେ କହିଛନ୍ତି 'ଏହି ଗଭୀର ଦୁଃଖର ସମୟରେ, ମୁଁ ଦିବଙ୍ଗତ ନାବିକଙ୍କ ପରିବାର ଏବଂ ପ୍ରିୟଜନଙ୍କ ପ୍ରତି ମୋର ଗଭୀର ସମବେଦନା ଜଣାଉଛି' ।

ବାଂଲାଦେଶରେ ବୟନଶିଳ୍ପ ଶ୍ରମିକଙ୍କ ବିରୋଧ ପ୍ରଦର୍ଶନ ଉପରେ ବୈଦେଶିକ ମନ୍ତ୍ରଣାଳୟର ବିବୃତ୍ତି

'ଆମେ ଘଟଣାକ୍ରମ ଉପରେ ନଜର ରଖୁଛୁ'



ନୂଆଦିଲ୍ଲୀ,୩।୧୧: ବାଂଲାଦେଶରେ ବୟନଶିଳ୍ପ ଶ୍ରମିକଙ୍କ ବିରୋଧ ପ୍ରଦର୍ଶନ ଉପରେ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସୱାଲ ଏକ ବିବୃତ୍ତି ଜାରି କରିଛନ୍ତି। ସେ କହିଛନ୍ତି, 'ଆମେ ଘଟଣାକ୍ରମ ଉପରେ ନଜର ରଖୁଛୁ ।' ବାଂଲାଦେଶରେ ବୟନଶିଳ୍ପ ଶ୍ରମିକ ମାନେ ମଜୁରୀ ବୃଦ୍ଧି ଦାବି କରି ବାରମ୍ବାର ହିଂସାତ୍ମକ ପ୍ରତିବାଦ କରୁଛନ୍ତି। ଯାନବାହାନ ଭଙ୍ଗାରୁଜା କରାଯାଇଛି ଏବଂ ପ୍ରମୁଖ ରାସ୍ତା ଅବରୋଧ କରାଯାଇଛି । ପରବର୍ତ୍ତୀ ସମୟରେ କର୍ତ୍ତୃପକ୍ଷ ଅତିରିକ୍ତ ଅର୍ଦ୍ଧସାମରିକ ବାହିନୀ ମୁତୟନ କରିଛନ୍ତି । ପିଟିଆଇର ଏକ ରିପୋର୍ଟ ଅନୁଯାୟୀ, ରାଜଧାନୀ ଢାକାର ମୀରପୁର, ଆଶୁଲିଆ, ଗାଜିପୁର ଏବଂ ନାରାୟଣଗଞ୍ଜ ଅଞ୍ଚଳରେ ଆନ୍ଦୋଳନକାରୀ ମାନେ ଆଇନ ପ୍ରବର୍ତ୍ତନ କର୍ମଚାରୀଙ୍କ ସହ ସଂଘର୍ଷ କରିଛନ୍ତି । ରିପୋର୍ଟ ଗୁଡ଼ିକ ସୂଚିତ କରୁଛି ଯେ ପ୍ରତିବାଦକାରୀ ମାନେ ଏକ ପୋଲିସ ଭ୍ୟାନକୁ ନିଆଁ ଲଗାଇ ଦେଇଛନ୍ତି, ଯେତେବେଳେ କି ପୋଲିସ ସେମାନଙ୍କୁ ଘଉଡ଼ାଇବା ପାଇଁ ଲୁହବୁହା ଗ୍ୟାସ, ପାଣି ତୋପ ଏବଂ ବାଡ଼ି ବ୍ୟବହାର କରିଛନ୍ତି। ବାଂଲାଦେଶ ପୋଷାକ ନିର୍ମାତା ଏବଂ ରପ୍ତାନିକାରୀ ସଂଘ (ଇଏଗର) ଅନୁଯାୟୀ, ଢାକା, ଗାଜିପୁର ଏବଂ କେନ୍ଦ୍ରୀୟ ମୈମନସିଂରେ ପଞ୍ଜିକୃତ ପ୍ରାୟ ୪ ହଜାର ପୋଷାକ କାରଖାନା ମଧ୍ୟରୁ ୬୭୦ଟିକୁ ପ୍ରତିବାଦ ଯୋଗୁଁ ବନ୍ଦ କରିବାକୁ ବାଧ୍ୟ କରାଯାଇଛି । ଶ୍ରମିକ ମାନେ ଦାବି କରୁଛନ୍ତି ଯେ ସର୍ବନିମ୍ନ ମାସିକ ମଜୁରୀ ବର୍ତ୍ତମାନର ୧୨୫୦୦ ଟଙ୍କାରୁ ୩୦୦୦୦ ଟଙ୍କାକୁ ବୃଦ୍ଧି କରାଯାଉ । ଇଏଗର ଅନୁଯାୟୀ, ବାଂଲାଦେଶର ପୋଷାକ ଶିଳ୍ପ ୪୦ ଲକ୍ଷରୁ ଅଧିକ ଶ୍ରମିକଙ୍କୁ ନିଯୁକ୍ତି ଦିଏ। ଏହା ଦେଶର ରପ୍ତାନି ଆୟର ଏକ ପ୍ରମୁଖ ଉତ୍ସ । ଚୀନ୍ ପରେ ବାଂଲାଦେଶ ବିଶ୍ୱର ଦ୍ୱିତୀୟ ବୃହତ ପୋଷାକ ରପ୍ତାନିକାରୀ ।

ସମୁଦ୍ରରେ ବୁଡ଼ି ୩ ଆଇଟି ଇଞ୍ଜିନିୟରଙ୍କ ମୃତ୍ୟୁ

ନୂଆଦିଲ୍ଲୀ,୩।୧୧: ସମୁଦ୍ର କୂଳରେ ବୁଲାବୁଲି କରିବାକୁ ଯାଇଥିଲେ, ହେଲେ ଫେରିଲେନି ଜୀବନ୍ତ। ପ୍ରବଳ ଜୁଆର ଓ ଉଚ୍ଚ ଲହଡ଼ି ଛଡ଼ାଇନେଲା ୩ ଜଣଙ୍କ ଜୀବନ। କର୍ଣ୍ଣାଟକର ଗୋକର୍ଣ୍ଣ ନିକଟସ୍ଥ ଦୁବ୍ୱନଶଶି ବିଚ୍‌ରେ ଘଟିଛି ଏଭଳି ଦୁଃଖଦ ଘଟଣା। ବେଙ୍ଗାଲୁରୁର ଏକ କମ୍ପାନୀରେ କାର୍ଯ୍ୟରତ ୩ ଜଣ ଇଞ୍ଜିନିୟର୍ ସମୁଦ୍ରରେ ବୁଡ଼ି ପ୍ରାଣ ହରାଇଛନ୍ତି। ଉଦ୍ଧାରକାରୀ ଦଳ ତିନିଜଣଙ୍କ ମୃତଦେହ ଉଦ୍ଧାର କରିଛନ୍ତି। ମୃତକମାନେ ହେଲେ ଝାଡ଼ଖଣ୍ଡର ୨୨ ବର୍ଷୀୟା ଶୋଭା ଦାସ ଦେବେନ୍ଦ୍ରନାଥ, ମହମ୍ମଦ ଆକ୍ରମ ଇସମାଇଲ ଅହମ୍ମଦ ଏବଂ ୨୪ ବର୍ଷୀୟ ବିଶ୍ୱ ଏକେ। ଏହି ତିନିଜଣ ବେଙ୍ଗାଲୁରୁର ବେଲାନ୍ଦୁର ଅଞ୍ଚଳରେ କାର୍ଯ୍ୟାଳୟ ଥିବା ଏକ ଆଇଟି କମ୍ପାନୀର କର୍ମଚାରୀ ଥିଲେ। ସୂଚନା ଅନୁସାରେ, କମ୍ପାନୀର ୧୬ ଜଣିଆ ଟିମ୍ ଶନିବାର ସନ୍ଧ୍ୟାରେ ଗୋକର୍ଣ୍ଣରେ ପହଞ୍ଚିଥିଲେ। ସେମାନେ ସେଠାରେ ଏକ ଘରୋଇ ରିସର୍ଟରେ ରହୁଥିଲେ। ରବିବାର ଦିନ ଟିମ୍‌ର ୫ ଜଣ ସଦସ୍ୟ ଦୁବ୍ୱନଶଶି ବିଚ୍‌ରେ ସମୁଦ୍ର ପାଣିକୁ ଯାଇ ଖେଳୁଥିଲେ। ହଠାତ୍ ଏକ ବଡ଼ ଲହଡ଼ି ଆସି ସେମାନଙ୍କୁ କୂଳଠାରୁ ଦୂରକୁ ଟାଣି ନେଇଥିଲା। ପାଣିରେ ଫସିଯାଇଥିବା କର୍ମଚାରୀମାନେ ଜୀବନ ବଞ୍ଚାଇବାକୁ ସଂଘର୍ଷ କରିଥିଲେ। ଖବର ପାଇ ଲାଇଫ୍ ଗାର୍ଡ ଏବଂ ସ୍ଥାନୀୟ ମତ୍ସ୍ୟଜୀବୀ ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ହେଲେ ସମସ୍ତଙ୍କୁ ବଞ୍ଚାଇବା ସମ୍ଭବ ହୋଇନଥିଲା।

ସମୁଦ୍ରରେ ଭାରତୀୟ ନୌସେନାର ସାହସିକତା

ଜଳଦସ୍ୟୁଙ୍କ କବଳରୁ ୨୦ ଇରାନୀଙ୍କୁ ଉଦ୍ଧାର

ନୂଆଦିଲ୍ଲୀ,୩।୧୧: ସୋମାଲିଆ ଉପକୂଳରୁ ଜଳଦସ୍ୟୁମାନଙ୍କ ଦ୍ୱାରା କବଜା କରାଯାଇଥିବା ଇରାନୀ ମାଛ ଧରା ଜାହାଜ 'ଆଜିନି'କୁ ଭାରତୀୟ ନୌସେନା ମୁକ୍ତ କରିଛି। ଏଥିରେ ଥିବା ସମସ୍ତ ୨୦ ଜଣ ଇରାନୀ କ୍ରୁ ସଦସ୍ୟଙ୍କୁ ସୁରକ୍ଷିତ ଭାବରେ ଉଦ୍ଧାର କରାଯାଇଛି। ଭାରତୀୟ ବାୟୁସେନା ମଧ୍ୟ ଏହି ଅଭିଯାନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ୪୮ ଘଣ୍ଟାର ଏହି ଅଭିଯାନରେ କୌଣସି ମୃତାହତ ଘଟଣା ଘଟିନଥିଲା। ଭାରତର କାର୍ଯ୍ୟାନୁଷ୍ଠାନ ପରେ ଇରାନ କୃତଜ୍ଞତା ପ୍ରକାଶ କରିଛି ଏବଂ ଭାରତୀୟ ନୌସେନା ଏବଂ ବାୟୁସେନାର ସାହସ, ବୃତ୍ତିଗତ ଏବଂ ସମନ୍ୱୟକୁ ପ୍ରଶଂସା କରିଛି। ନୂଆଦିଲ୍ଲୀ ସ୍ଥିତ ଇରାନର ଦୂତାବାସ ଭାରତ ସରକାର, ଭାରତୀୟ ନୌସେନା ଏବଂ ଭାରତୀୟ ବାୟୁସେନାକୁ ସେମାନଙ୍କର ସଫଳ ଅଭିଯାନ ଦ୍ୱାରା ମାଛ ଧରା ଜାହାଜର କ୍ରୁ ସଦସ୍ୟଙ୍କୁ ଜଳଦସ୍ୟୁଙ୍କଠାରୁ ଉଦ୍ଧାର କରିଥିବାରୁ ଆନ୍ତରିକ କୃତଜ୍ଞତା ଜଣାଇଛି। ଦୂତାବାସ କହିଛି ଭାରତୀୟ ସଶସ୍ତ୍ର ବାହିନୀ ଦ୍ୱାରା ପ୍ରଦର୍ଶିତ ବୃତ୍ତିଗତ, ସାହସ ଏବଂ ପ୍ରଭାବଶାଳୀ ସମନ୍ୱୟକୁ ଆମେ ଉଚ୍ଚ ପ୍ରଶଂସା କରୁଛୁ। ଏହା ମାନବିକ ସହାୟତା ଏବଂ ବିପର୍ଯ୍ୟୟ ସହାୟତା ପ୍ରତି ଭାରତର ଦୃଢ଼ ପ୍ରତିବଦ୍ଧତା ଏବଂ ସୀମା ବାହାରେ ଜୀବନ ରକ୍ଷା କରିବାରେ ଭାରତର ଭୂମିକାକୁ ପ୍ରତିଫଳିତ କରିଛି। ଏହି ମାନବିକ କାର୍ଯ୍ୟ ଇରାନ ଏବଂ ଭାରତ ମଧ୍ୟରେ ବନ୍ଧୁତା, ସଂହତି ଏବଂ ସହଯୋଗର ପ୍ରମାଣ । ଇରାନୀ କ୍ରୁଙ୍କ ସୁରକ୍ଷିତ ଉଦ୍ଧାର ସୁନିଶ୍ଚିତ କରିବାରେ ଜଡିତ ସମସ୍ତଙ୍କୁ ଆମେ ଆନ୍ତରିକ କୃତଜ୍ଞତା ଜଣାଉଛୁ।

ୟୁକ୍ରେନ ଉପରେ ରୁଷିଆର ଆକ୍ରମଣ; ୨୬ ମୃତ, ୨୭ ନିଖୋଜ

କ୍ୱିଭ,୩।୧୧: ରୁଷିଆ ଏବଂ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ମଧ୍ୟରେ ଆଉ ଏକ ବଡ଼ ଧରଣର ଆକ୍ରମଣ ହୋଇଛି। ରୁଷୀୟ ସେନା ୟୁକ୍ରେନର ଜାପୋରିଝିଆ ଅଞ୍ଚଳରେ ଥିବା ଏକ ସହାୟତା କେନ୍ଦ୍ରକୁ ଟାର୍ଗେଟ କରିଥିଲା, ଯେଉଁଥିରେ ଅତିକମରେ ୨୬ ଜଣ ଲୋକ ପ୍ରାଣ ହରାଇଛନ୍ତି। ଆକ୍ରମଣ ସମୟରେ, ସ୍ଥାନୀୟ ବାସିନ୍ଦାମାନେ ସେଠାରେ ରିଲିଫ ସାମଗ୍ରୀ ସଂଗ୍ରହ କରିବା ପାଇଁ ଏକତ୍ରିତ ହୋଇଥିଲେ। ମୃତକଙ୍କ ମଧ୍ୟରେ ଉଦ୍ଧାରକାରୀ ଦଳର ଦୁଇ ଜଣ ସଦସ୍ୟ ଏବଂ ଚାରି ଜଣ ପୋଲିସ ଅଧିକାରୀ ଅଛନ୍ତି, ଏବଂ ୨୭ ଜଣ ଲୋକ ନିଖୋଜ ଥିବା ଖବର ମିଳିଛି। ଅନ୍ୟପକ୍ଷରେ, ଯୁଦ୍ଧ ଶେଷ କରିବା ପାଇଁ ଚାଲିଥିବା ପ୍ରୟାସର ଅଂଶ ସ୍ୱରୂପ, ଆମେରିକା ଘୋଷଣା କରିଛି ଯେ ନଭେମ୍ବର ୧୦ ଏବଂ ୧୧ ରେ ଆବୁ ଧାବିରେ ରୁଷିଆ ଏବଂ ୟୁକ୍ରେନ ମଧ୍ୟରେ ନୂତନ ଶାନ୍ତି ଆଲୋଚନା ଅନୁଷ୍ଠିତ ହେବ। ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି କହିଛନ୍ତି ଯେ ଜାପୋରିଝିଆ ଅଞ୍ଚଳର କୋମିଶୁଭାଖା ଗ୍ରାମରେ ଥିବା ଏକ ବିଦ୍ୟାଳୟରେ ଏହି ସହାୟତା କେନ୍ଦ୍ର ସ୍ଥାପନ କରାଯାଇଥିଲା। ଏହି ଗ୍ରାମଟି ଯୁଦ୍ଧକ୍ଷେତ୍ର (ଫ୍ରଣ୍ଟ ଲାଇନ) ର ଅତି ନିକଟରେ ଅବସ୍ଥିତ ଥିବାରୁ, ସେଠାରେ ବିଦ୍ୟାଳୟ ପାଠପଢ଼ା ବନ୍ଦ ରହିଥିଲା; ତେଣୁ ସେହି ସ୍ଥାନକୁ ଲୋକଙ୍କୁ ଆଶ୍ରୟ ଦେବା ଏବଂ ରିଲିଫ ସାମଗ୍ରୀ ବଣ୍ଟନ କରିବା ପାଇଁ ବ୍ୟବହାର କରାଯାଉଥିଲା। ପ୍ରତ୍ୟେକ ସୋମବାର, ଗ୍ରାମବାସୀମାନେ ସହାୟତା ସାମଗ୍ରୀ ଗ୍ରହଣ କରିବା ପାଇଁ ଏହି ସ୍ଥାନରେ ଏକତ୍ରିତ ହେଉଥିଲେ। ଜେଲେନସ୍କିଙ୍କ ଅନୁଯାୟୀ, ଲୋକମାନେ ପହଞ୍ଚୁଥିବା ସମୟରେ ରୁଷୀୟ ସେନା ପ୍ରଥମେ ଏକ ବାୟୁ ଆକ୍ରମଣ (ଏୟାର ଷ୍ଟ୍ରାଇକ) କରିଥିଲା ଏବଂ ତା'ପରେ ଆଶ୍ରୟସ୍ଥଳୀ ଉପରେ ଦ୍ୱିତୀୟ ଆକ୍ରମଣ କରିଥିଲା। ଏହି ଆକ୍ରମଣକୁ ଅତ୍ୟନ୍ତ ଗମ୍ଭୀର ବୋଲି ବର୍ଣ୍ଣନା କରି ସେ କହିଛନ୍ତି ଯେ, ଏହା ଏକ ପ୍ରମାଣ ଯେ ରୁଷିଆ ଯୁଦ୍ଧକୁ ହ୍ରାସ କରିବାକୁ କିମ୍ବା ପ୍ରକୃତ ଶାନ୍ତି ଦିଗରେ ପଦକ୍ଷେପ ନେବାକୁ ପ୍ରସ୍ତୁତ ନୁହେଁ।

ଏଭରେଷ୍ଟ ବେସ୍ କ୍ୟାମ୍ପରେ ୨ ହେଲିକପ୍ଟର ଧକ୍କା, ଜଣେ ଭାରତୀୟ ମୃତ

କାଠମାଣ୍ଡୁ,୩।୧୧: ନେପାଳର ଏଭରେଷ୍ଟ ବେସ୍ କ୍ୟାମ୍ପରେ ଭୟଙ୍କର ଦୁର୍ଘଟଣା । ଦୁଇ ହେଲିକପ୍ଟର ପରସ୍ପର ସହ ଧକ୍କା । ଏହି ଦୁର୍ଘଟଣାରେ ଜଣେ ଭାରତୀୟଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି । ଫିସଟେଲ୍ ଏୟାର ଏବଂ ଏୟାର ଡାଇନେଷ୍ଟି କମ୍ପାନୀର ଦୁଇଟି ହେଲିକପ୍ଟର ଧକ୍କା ହୋଇଥିବା ନେପାଳ ପୁଲିସ ଅଧିକାରୀ ମୌସମ୍ ତମାଙ୍ଗ ସୂଚନା ଦେଇଛନ୍ତି । ପ୍ରାଥମିକ ସୂଚନା ଅଣୁଯାୟୀ, ନେପାଳର ଏଭରେଷ୍ଟ ବେସ୍ କ୍ୟାମ୍ପରେ ମଙ୍ଗଳବାର ସକାଳ ପ୍ରାୟ ୮ଟା ୧୧ରେ ଲ୍ୟାଣ୍ଡିଂ କରିବା ସମୟରେ ଦୁଇଟି ହେଲିକପ୍ଟର ପରସ୍ପର ସହ ଧକ୍କା ହୋଇଛନ୍ତି । ସୋଲୁଖୁମ୍ବୁ ଜିଲ୍ଲାର ଖୁମ୍ବୁ ପାସାଙ୍ଗ ଲାମୁ ପୌରପାଳିକାର ୪ ନମ୍ବର ୱାର୍ଡ ସ୍ଥିତ ଫେରେଚେରେ ଏହି ଦୁର୍ଘଟଣା ଘଟିଛି । ଏହି ଦୁର୍ଘଟଣାରେ ମୃତକ ଜଣଙ୍କ ହେଲେ ବଳରାମରାମାତ୍ତୁର ବସନ୍ତ କୁମାର । ସେ ଫିସଟେଲ୍ ଏୟାର ହେଲିକପ୍ଟରରେ ସବାର ଥିଲେ । ସେହିପରି ଗୁରୁତର ଆହତ ଜଣଙ୍କ ହେଲେ ୪୯ ବର୍ଷୀୟ ଶୈଳେଶ କୃଷ୍ଣ ପଟେଲ । ତାଙ୍କୁ ଏୟାରଲିଫ୍ଟ କରାଯାଇ କାଠମାଣ୍ଡୁର ମେଡିସିଟି ହସ୍ପିଟାଲରେ ଭର୍ତ୍ତି କରାଯାଇଛି ।

ଭାଙ୍ଗିଲା ଶାନ୍ତିଚୁକ୍ତି
ପୁଣି ଅଶାନ୍ତ ମଧ୍ୟପ୍ରାଚ୍ୟ

ଇରାନ୍ ଉପରେ ଆମେରିକାର ପ୍ରଚଣ୍ଡ ହମ୍‌ଲା



ନୂଆଦିଲ୍ଲୀ,୩।୧୧: ଭାଙ୍ଗିଲା ଶାନ୍ତିଚୁକ୍ତି। ପୁଣି ଅଶାନ୍ତ ମଧ୍ୟପ୍ରାଚ୍ୟ । ଇରାନ୍ ଉପରେ ପ୍ରଚଣ୍ଡ ଆକ୍ରମଣ କରିଛି ଆମେରିକା । ମିଡିଲ୍ ଇଷ୍ଟ ନିର୍ବାଚନ ଭିତରେ ପୁଣି ସିଜଫାୟାର ଚୁକ୍ତି ତୁଟିଛି । ପୁଣି ଆମେରିକା ଏବଂ ଇରାନ୍ ମଧ୍ୟରେ ଭୟଙ୍କର ଯୁଦ୍ଧ ହୋଇଛି । ମିଳିଥିବା ସୂଚନା ମୁତାବକ, ମଙ୍ଗଳବାର ସକାଳେ ଆମେରିକା ପୁଣି ଥରେ ଇରାନ ଉପରେ ବଡ଼ ଧରଣର ଆକ୍ରମଣ ଆରମ୍ଭ କରିଛି । ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲ୍ ଆମେରିକାର ଅଧିକାରୀଙ୍କ ଉଦ୍ଧୃତି ଦେଇ କହିଛି ଯେ, ଇରାନର କେଶମ ଦ୍ୱୀପରେ ଆକ୍ରମଣ ହୋଇଛି । ବଡ଼ କଥା ହେଉଛି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିକଟରେ ସୂଚାଇ ଥିଲେ ଯେ ଇରାନ ସହ ୮ଟି ଚୁକ୍ତିନାମା ହୋଇପାରେ । ଏଭଳି ପରିସ୍ଥିତିରେ ଏହାକୁ ଟ୍ରମ୍ପଙ୍କ ବ୍ଲଫ୍ ଗେମ୍ କୁହାଯାଇପାରେ । କେଶମ ଦ୍ୱୀପ ଉପରେ ମିସାଇଲ୍ ବର୍ଷା କରିଛି ଆମେରିକା। ଚୁକ୍ତି ହେବା ପୂର୍ବରୁ ଏଭଳି ଅନେକ ସଙ୍କେତ ସାମ୍ନାକୁ ଆସିଥିଲା, ଯେଉଁଥିପାଇଁ ଏହି ଆକ୍ରମଣ ନିଶ୍ଚିତ ବୋଲି ବିବେଚନା କରାଯାଉଛି । କେଶମ ଦ୍ୱୀପରେ ଆକ୍ରମଣ ହୋଇଥିବା ସୂଚନା ମିଳିଛି । କେଶମ ଦ୍ୱୀପ ଉପରେ ଆକ୍ରମଣ ପରେ ଟ୍ରମ୍ପ ଦାବି କରିଛନ୍ତି ଯେ ସେ ଯୁଦ୍ଧ ଜିତିଛନ୍ତି । ଖାଲି ସେତିକି ନୁହେଁ ଟ୍ରମ୍ପ ଏହା ବି କହିଛନ୍ତି କି, ଇରାନ ତାଙ୍କୁ ଯୁଦ୍ଧ ରୋକିବାକୁ ଅପିଲ୍ କରୁଛି। ଦୀର୍ଘ ଦିନରେ ଲଢେଇ ପରେ ଦୁଇ ଦେଶ ମଧ୍ୟରେ ଶାନ୍ତିଚୁକ୍ତି ହୋଇଥିଲା ମାତ୍ର ଏହେ ଏବେ ଭାଙ୍ଗିଯାଇଛି । ଇରାନର କେଶନ ଦ୍ୱୀପ ଉପରେ ଆମେରିକାର ଆକ୍ରମଣ ପୁଣି ମଧ୍ୟପ୍ରାଚ୍ୟକୁ ଅଶାନ୍ତ କରିଛି । ଗତ କିଛି ସପ୍ତାହ ଧରି ଆମେରିକା ଗୁପ୍ତରେ ଇରାନ ଉପରେ ଛୋଟ ଆକ୍ରମଣ କରିଆସୁଛି । ଏବେ ଆମେରିକା ଇରାନର କେଶମ ଦ୍ୱୀପ ଉପରେ ଏକ ବଡ଼ ଧରଣର ଆକ୍ରମଣ କରିଛି । ଆମେରିକାରେ ମଧ୍ୟପ୍ରାଚ୍ୟ ନିର୍ବାଚନ ସରିବା ପରେ ଇରାନ ବିରୋଧରେ ଆଉ ଏକ ବଡ଼ ଆକ୍ରମଣ ଆରମ୍ଭ କରିବାକୁ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଟ୍ରମ୍ପଙ୍କ ଉପରେ ଚାପ ପକାଉଥିଲେ । ବାସ୍ତବରେ ମଧ୍ୟପ୍ରାଚ୍ୟ ନିର୍ବାଚନ ମଧ୍ୟରେ ଟ୍ରମ୍ପ ସୂଚନା ଦେଇଥିଲେ ଯେ ସେ ଇରାନ୍ ଉପରେ ପୁନର୍ବାର ଆକ୍ରମଣ କରିବାର ବିକଳ୍ପ ଖୋଲା ରଖିଛନ୍ତି । ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲ୍ ରିପୋର୍ଟ ଅନୁଯାୟୀ, ଆମେରିକାର ଅଧିକାରୀମାନେ କହିଛନ୍ତି ଯେ ଆମେରିକା ଏହି ଆକ୍ରମଣକୁ ଛୋଟ ଆକାରରେ ଏବଂ ଜାଣିଶୁଣି ଗୁପ୍ତ ରଖିଛି, ଯାହା ଦ୍ୱାରା ଆମେରିକା ସାମରିକ ଅଭିଯାନ ଆରମ୍ଭ କରିବାର କୌଣସି ସୂଚନା ନାହିଁ। ଇରାନର ସରକାରୀ ସମ୍ବାଦ ଏଜେନ୍ସି ଆଇଆରଏନଏ ଅନୁଯାୟୀ, ହର୍ମୁଜ୍ ଷ୍ଟ୍ରେଟ୍ ରେ ଅବସ୍ଥିତ କାସେମ୍ ଦ୍ୱୀପରେ ଅନେକ ବିସ୍ଫୋରଣ ଘଟିଛି ।

'ଆମେ ଯୁଦ୍ଧ ଜିତି ସାରିଛୁ' : ଟ୍ରମ୍ପ

ଆମେରିକା ଏବଂ ଇରାନ ମଧ୍ୟରେ ପୁଣିଥରେ ଯୁଦ୍ଧ ଆରମ୍ଭ ହୋଇଯାଇଛି। ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ଚାଲିଥିବା ବେଳେ, ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କେଶମ ଦ୍ୱୀପ ଉପରେ ଆକ୍ରମଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଆକ୍ରମଣ ପରେ, ସେ ଦାବି କରିଛନ୍ତି ଯେ ଆମେରିକା ଯୁଦ୍ଧ ଜିତିଯାଇଛି। ଏହା ବ୍ୟତୀତ, ଟ୍ରମ୍ପ କହିଛନ୍ତି ଯେ ଇରାନ ତାଙ୍କ ନିକଟରେ ଏହି ସଂଘର୍ଷର ଅନ୍ତ ଘଟାଇବା ପାଇଁ ଅନୁରୋଧ କରୁଛି। ପୂର୍ବରୁ ଉଭୟ ଦେଶ ମଧ୍ୟରେ ଏକ ଯୁଦ୍ଧବିରତି ଚୁକ୍ତି ମହୋଇଥିଲା, କିନ୍ତୁ ବର୍ତ୍ତମାନ ତାହା ଭାଙ୍ଗିଯାଇଛି। 'ଦ ୱାଶିଂଟନ ପୋଷ୍ଟ'ର ଏକ ରିପୋର୍ଟ ଅନୁଯାୟୀ, ଟ୍ରମ୍ପ ଦୃଢ଼ତାର ସହ କହିଛନ୍ତି ଯେ ଆମେରିକା ଇରାନ ବିରୋଧରେ ଯୁଦ୍ଧ ଜିତିସାରିଛି ଏବଂ ତେହରାନ ଶାନ୍ତି ପାଇଁ ତାଙ୍କ ନିକଟରେ 'ଭିକ ମାଗୁଛି'। କୁହାଯାଉଛି ଯେ କେଶମ ଦ୍ୱୀପ ଉପରେ ଆମେରିକାର ଆକ୍ରମଣ ଫଳରେ ଇରାନକୁ ଭାରୀ କ୍ଷତି ସହିବାକୁ ପଡ଼ିଛି। ଟ୍ରମ୍ପ ଏହା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ ଇରାନ ତାଙ୍କୁ ସେମାନଙ୍କ ନେତାମାନଙ୍କୁ ହତ୍ୟା କରିବା ବନ୍ଦ କରିବାକୁ କହିଛି। 'ଅଲ ଜଜିରା' ସ୍ଥାନୀୟ ବାସିନ୍ଦାଙ୍କୁ ଉଦ୍ଧୃତ କରି ରିପୋର୍ଟ ଦେଇଛି ଯେ, ଇରାନର କେଶମ (ଛରସ୍ୱକ୍ଷଙ୍କ) ଦ୍ୱୀପରେ ପାଞ୍ଚଟି ବିସ୍ଫୋରଣର ଶବ୍ଦ ଶୁଣାଯାଇଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ସେମାନେ ଏହି ଅଞ୍ଚଳରେ ଦୁଇଟି ବିମାନ ଉଡୁଥିବାର ଦେଖିଥିଲେ। ହର୍ମୁଜ ପ୍ରଣାଳୀ ନିକଟସ୍ଥ ବନ୍ଦର ଲେଙ୍ଗେହ ଅଞ୍ଚଳରେ ମଧ୍ୟ ଆହୁରି ବିସ୍ଫୋରଣ ହୋଇଥିବା ଖବର ମିଳିଛି।

ଚୀନ୍‌ର ଅରବପତିଙ୍କୁ ପଛରେ ପକାଇ

ଏସିଆର ନମ୍ବର-୧ ଧନୀ ମୁକେଶ ଅମ୍ବାନୀ

ନୂଆଦିଲ୍ଲୀ,୩।୧୧: ସେୟାର ମାର୍କେଟରେ ପ୍ରାୟତଃ ଅସ୍ଥିରତା ଦେଖିବାକୁ ମିଳିଥାଏ। କିନ୍ତୁ ଏହାର ପ୍ରଭାବ କେବଳ ନିବେଶକଙ୍କ ଉପରେ ନୁହେଁ, ବଂର ବଡ ବଡ କମ୍ପାନୀର ମାଲିକଙ୍କ ସମ୍ପତ୍ତି ଉପରେ ପଡିଥାଏ। ଏଭଳି ହିଁ କିଛି ରିଲାଏନ୍ସ ଇଣ୍ଡଷ୍ଟ୍ରିର ଅଧ୍ୟକ୍ଷ ମୁକେଶ ଅମ୍ବାନୀଙ୍କ ସହିତ ଘଟିଛି। କେବଳ ମାତ୍ର ଗୋଟିଏ ଦିନରେ ବଦଳିଗଲା ଧନୀଙ୍କ ତାଲିକାର ଚିତ୍ର। ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଅଧ୍ୟକ୍ଷ ମୁକେଶ ଅମ୍ବାନୀ ପୁଣିଥରେ ଏସିଆର ସବୁଠାରୁ ଧନୀ ବ୍ୟକ୍ତି ପାଲଟିଛନ୍ତି 'ଫୋର୍ବସ'ର ରିଏଲ ଟାଇମ୍ ବିଲେନିୟର୍ସ ଲିଷ୍ଟ ଅନୁସାରେ, ମୁକେଶ ଅମ୍ବାନୀଙ୍କ ସମ୍ପତ୍ତି ୧୦.୫%ରୁ ବୃଦ୍ଧି ପାଇ ୮୮.୮ ବିଲିୟନ ଡଲାର ଅର୍ଥାତ୍ ପ୍ରାୟ ୭.୪ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଏଭଳି ସ୍ଥିତିରେ ଏହା ଜାଣିବା ଜରୁରୀ ଯେ, ସମ୍ପତ୍ତିରେ ଆସିଥିବା ବୃଦ୍ଧି ପଛର କ'ଣ ରହିଛି କାରଣ ? ମୁକେଶ ଅମ୍ବାନୀଙ୍କ ସମ୍ପତ୍ତିରେ ବୃଦ୍ଧି ପଛରେ ରହିଛି ରିଲାୟନ୍ସ ଇଣ୍ଡଷ୍ଟ୍ରୀଜ୍‌ର ସେୟାର। କମ୍ପାନୀର ସେୟାରରେ ବୃଦ୍ଧିକୁ ବଡ଼ କାରଣ ବୋଲି ମନେକରାଯାଏ। କମ୍ପାନୀର ସେୟାରରେ ଆସିଥିବା ବୃଦ୍ଧିର ପ୍ରଭାବ ଅମ୍ବାନୀଙ୍କ ମୋଟ ସମ୍ପତ୍ତି ଉପରେ ପଡିଛି। ସୋମବାର କମ୍ପାନୀର ସେୟାର ପ୍ରାୟ ୧୨% ବୃଦ୍ଧି ପାଇଥି। ଏହାଦ୍ୱାରା ରିଲାୟନ୍ସର ମାର୍କେଟ ଭାଲ୍ୟୁ ୧୯ ବିଲିୟନ ଡଲାରୁ ଅଧିକ ବୃଦ୍ଧି ହୋଇଛି।

ଆଜି ଅକଲାଣ୍ଡରେ ପ୍ରଥମ ଦିନିକିଆ

ଅକ୍‌ଲାଣ୍ଡ,୩।୧୧: ନ୍ୟୁଜିଲାଣ୍ଡ ଗସ୍ତରେ ଥିବା ଭାରତୀୟ ଦଳ ଟ୍ୱେଣ୍ଟି-୨୦ ଶୃଙ୍ଖଳାକୁ ୩-୨ରେ ଜିତିବା ପରେ ଆସନ୍ତାକାଲିଠାରୁ ଦିନିକିଆ ସିରିଜ୍ ଆରମ୍ଭ ହେବ। ୫ ମ୍ୟାଚ୍ ବିଶିଷ୍ଟ ଦିନିକିଆ ଶୃଙ୍ଖଳା ଅକ୍‌ଲାଣ୍ଡରେ ଆରମ୍ଭ ହେବ। ଏହି ଶୃଙ୍ଖଳାରେ ଭାରତର ଦୁଇ ତାରକା ଖେଳାଳି ରୋହିତ ଶର୍ମା, ବିରାଟ କୋହଲିଙ୍କ ସହ ଅଧିନାୟକ ଶୁବମନ ଗିଲ୍‌ଙ୍କ ବ୍ୟାଟିଂ ଉପରେ ସମସ୍ତଙ୍କ ନଜର ରହିବ।

ଦିନିକିଆରୁ ଅବସର ନେବା ଚର୍ଚ୍ଚାରେ ଥିବା ରୋହିତ ଗତ ଦୁଇ ଶୃଙ୍ଖଳାରେ ଚମତ୍କାର ଖେଳି ନିନ୍ଦୁକଙ୍କୁ କଡ଼ା ଜବାବ ଦେଇଛନ୍ତି। ଲର୍ଡସରେ ଇଂଲଣ୍ଡ ବିପକ୍ଷରେ ୧୩୮ ରନ୍‌ର ମ୍ୟାଚ୍ ବିଜୟୀ ପାଳି ଖେଳିବା ପରେ ସେ ୱେଷ୍ଟଇଣ୍ଡିଜ୍ ବିପକ୍ଷ ଘରୋଇ ଶୃଙ୍ଖଳାରେ ୩୨, ୧୦୧, ୯୨ ରନ୍ କରିଥିଲେ। ଏହି ୩ ମ୍ୟାଚ୍‌ରେ ୭୫ ହାରାହାରି ଓ ୧୧୫.୩୮ ଷ୍ଟ୍ରାଇକ୍‌ରେଟ୍‌ରେ ୨୨୫ ରନ୍ କରି ନିଜ ଫର୍ମର ପ୍ରମାଣ ଦେଇଥିଲେ। କୋହଲି ବି ଦିନିକିଆରେ ଭଲ ଫର୍ମରେ ଅଛନ୍ତି। ସେ ଗତ ୫ ପାଳିରେ ଗୋଟିଏ ଶତକ ଓ ୨ଟି ଅର୍ଦ୍ଧଶତକ ଅର୍ଜନ କରିଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷରେ ମଧ୍ୟ ତାଙ୍କ ପ୍ରଦର୍ଶନ ଭଲ ରହିଛି। ସେ ଏହି ଦଳ ବିପକ୍ଷରେ ୩୬ ମ୍ୟାଚ୍ ଖେଳି ୭ ଶତକ ଓ ୧୦ ଅର୍ଦ୍ଧଶତକ ସହ ୫୭.୪୮ ହାରରେ ୧୮୯୭ ରନ୍ କରିଛନ୍ତି। ନ୍ୟୁଜିଲାଣ୍ଡ ମାଟିରେ କୋହଲି ଗୋଟିଏ ଶତକ ଓ ୪ ଅର୍ଦ୍ଧାତକ ସହାୟତାରେ ୧୩ ମ୍ୟାଚ୍‌ରୁ ୪୯.୬୬ ହାରରେ ୫୯୬ ରନ୍ କରିଛନ୍ତି। ଫଳରେ ଛୋଟ ବାଉଣ୍ଡରି ଓ ଅନୁକୂଳ ପିଚ୍‌ରେ 'ରୋକୋ' ଭାବେ ପରିଚିତ ଏହି ଦୁଇ ତାରକା ଖେଳାଳିଙ୍କୁ ଅଟକାଇବା ଘରୋଇ ବୋଲରଙ୍କ ପାଇଁ ବଡ଼ ଆହ୍ୱାନ ହେବ। ସେହିଭଳି ଅଧିନାୟକ ଗିଲ୍ ଗତ ୱେଷ୍ଟଇଣ୍ଡିଜ୍ ବିପକ୍ଷ ଶୃଙ୍ଖଳାର ପ୍ରଥମ ଦୁଇ ମ୍ୟାଚ୍‌ରେ ୧୧୦ ଓ ୨୧୩ଅ ରନ୍ କରି ନିଜ ଦକ୍ଷତାର ପ୍ରମାଣ ଦେଇଛନ୍ତି। ଏମାନଙ୍କ ସହ କେଏଲ୍ ରାହୁଲ ଓ ଶ୍ରେୟସ ଆୟର ଫର୍ମରେ ଥିବାରୁ ଦଳର ବ୍ୟାଟିଂ ଶକ୍ତି ବୃଦ୍ଧି ପାଇଛି।

ତେବେ ଭାରତ ପାଇଁ ଦ୍ରୁତ ବୋଲିଂ ବଡ଼ ଚିନ୍ତାର କାରଣ ହୋଇଛି। ଯଶପ୍ରୀତ ବୁମ୍‌ରାଙ୍କୁ ବିଶ୍ରାମ ଦିଆଯାଇଥିବା ବେଳେ ଆହତ ଯୋଗୁଁ ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଦଳରେ ନାହାନ୍ତି। ଫଳରେ ଅର୍ଶଦୀପ ସିଂହ ଓ ମହମ୍ମଦ ସିରାଜଙ୍କ ଉପରେ ବଡ଼ ଦାୟିତ୍ୱ ରହିବ। ପେସ୍ ଅଲ୍‌ରାଉଣ୍ଡର ନୀତୀଶ କୁମାର ରେଡ୍ଡୀଙ୍କ ସହ ଦଳରେ ଥିବା ଅନଭିଜ୍ଞ ବୋଲର ଗୁରନୂର ବ୍ରାର, ଆକ୍ୱିବ ନବି, ଅଂଶୁଲ କମ୍ବୋଜ ସୁଯୋଗ ପାଇଲେ ନିଜ ଚମତ୍କାରିତା ଦେଖାଇବାକୁ ଚେଷ୍ଟା କରିବେ। ସ୍ପିନ୍‌ରେ କୁଳଦୀପ ଯାଦବଙ୍କ ଉପରେ ଦଳ ଭରସା କରିବ। ସ୍ପିନ୍ ଅଲ୍‌ରାଉଣ୍ଡର ଅକ୍ଷର ପଟେଲ ଓ ନମନ ଧୀର ଥିଲେ ମଧ୍ୟ ଚୂଡ଼ାନ୍ତ



ଏକାଦଶରେ ଏମାନଙ୍କ ମଧ୍ୟରୁ ଜଣଙ୍କୁ ସୁଯୋଗ ମିଳିପାରେ।

ଅନ୍ୟପକ୍ଷରେ ପ୍ରଥମ ୩ ଟ୍ୱେଣ୍ଟି-୨୦ ହାରି ଶୃଙ୍ଖଳା ହାତଛଡ଼ା କରିଥିବା ନ୍ୟୁଜିଲାଣ୍ଡ ଶେଷ ଦୁଇ ମ୍ୟାଚ୍‌ରେ ଗ୍ଲେନ୍ ଫିଲିପ୍ସ, ଡାରିଲ ମିଚେଲ ଓ ମାଇକେଲ ବ୍ରେସୱେଲଙ୍କ ଚମତ୍କାର ବ୍ୟାଟିଂ ଯୋଗୁଁ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ଏହି ଦୁଇ ମ୍ୟାଚ୍ ଜିତି ଟ୍ୱେଣ୍ଟି-୨୦ ଶୃଙ୍ଖଳା ସମ୍ମାନର ସହ ଶେଷ କରିବା ସହ ଦିନିକିଆ ପୂର୍ବରୁ ନିଜ ମନୋବଳ ଦୃଢ଼ କରିଥିଲା।

ହେଲେ ଦଳ ପାଇଁ ଆହତ ସମସ୍ୟା ବଡ଼ ଚିନ୍ତାର କାରଣ ହୋଇଛି। ଆଘାତ ଜନିତ ସମସ୍ୟାରୁ ଠିକ୍ ସମୟରେ ମୁକୁଳି ପାରି ନଥିବାରୁ ଦୁଇ ଗୁରୁତ୍ୱପୂର୍ଣ୍ଣ ବ୍ୟାଟର୍ ମାର୍କ ଚାପମାନ୍ ଓ ରାଚିନ୍ ରବୀନ୍ଦ୍ର ବାଦ୍ ପଡ଼ିଛନ୍ତି। ଏବେ ଏଥିରେ ଡେଭନ୍ କନୱେ ଯୋଡ଼ି ହୋଇଛନ୍ତି। ମଙ୍ଗଳବାର କ୍ଷେତ୍ରରକ୍ଷଣ ଅଧିବେଶନ ବେଳେ ମ୍ୟାଟ୍ ହେନରିଙ୍କ ସହ ସେ ଧକ୍କା ହେବାରୁ ତାଙ୍କ ମସ୍ତିଷ୍କରେ ଆଘାତ ଲାଗିଛି। ଫଳରେ ପ୍ରଥମ ଦିନିକିଆରେ କନୱେ ଖେଳି ପାରିବେନି ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି। ତାଙ୍କ ସ୍ଥାନରେ ଟିମ୍ ସେଫର୍ଟଙ୍କୁ ସାମିଲ କରାଯାଇଛି।


ଭାରତ (ସମ୍ଭାବ୍ୟ ୧୧): ଶୁବମନ ଗିଲ (ଅଧିନାୟକ), ରୋହିତ ଶର୍ମା, ବିରାଟ କୋହଲି, ଶ୍ରେୟସ ଆୟର, କେଏଲ୍ ରାହୁଲ (ୱିକେଟ୍‌ରକ୍ଷକ), ନୀତୀଶ କୁମାର ରେଡ୍ଡୀ, ଅକ୍ଷର ପଟେଲ, କୁଳଦୀପ ଯାଦବ, ଗୁରନୂର ବ୍ରାର, ମହମ୍ମଦ ସିରାଜ, ଅର୍ଶଦୀପ ସିଂହ।

ନ୍ୟୁଜିଲାଣ୍ଡ (ସମ୍ଭାବ୍ୟ ୧୧): ହେନରି ନିକୋଲାସ, ଟିମ୍ ସେଫର୍ଟ, ୱିଲ ୟଙ୍ଗ, ଡାରିଲ ମିଚେଲ, ଟମ ଲାଥମ (ୱିକେଟ୍‌କିପର), ମାଇକେଲ ବ୍ରେସୱେଲ, ମିଚେଲ ସାଣ୍ଟନର (ଅଧିନାୟକ), ନାଥନ ସ୍ମିଥ, କାଇଲ ଜାମିସନ, ମ୍ୟାଟ୍ ହେନରି, ଜାକବ ଡଫି।

ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଦିନିକିଆ ମ୍ୟାଚ୍ ପୂର୍ବ ସାମ୍ବାଦିକ ସମ୍ମିଳନୀରେ ଭାରତୀୟ ଅଧିନାୟକ ଶୁବମନ ଗିଲ୍ ନିଶ୍ଚିତ କରିଛନ୍ତି ଯେ ପ୍ରଥମ ୪ ବ୍ୟାଟିଂ ଅର୍ଡରରେ କୌଣସି ପରିବର୍ତ୍ତନ ହେବନି। ପୂର୍ବ ପରି ୪ ଡାହାଣହାତୀ ବ୍ୟାଟର୍ ଗିଲ୍, ରୋହିତ ଶର୍ମା, ବିରାଟ କୋହଲି ଓ ଶ୍ରେୟସ ଆୟର ପ୍ରଥମ ୪ରେ ଖେଳିବେ। ଏହାପରେ ସ୍ଥିତି ଦେଖି ୫ ଓ ୬ ନମ୍ବରରେ ଡାହାଣହାତୀ କେଏଲ୍ ରାହୁଲ ଓ ବାମହାତୀ ବ୍ୟାଟରଙ୍କୁ ଛଡ଼ାଯିବ।

ମ୍ୟାକ୍ସୱେଲଙ୍କ ଅବସର ଘୋଷଣା

ନୂଆଦିଲ୍ଲୀ,୩।୧୧(ଏଜେନ୍ସି): ଅଷ୍ଟ୍ରେଲିଆର କିମ୍ବଦନ୍ତୀ ଅଲରାଉଣ୍ଡର ଗ୍ଲେନନ୍ ମ୍ୟାକ୍ସୱେଲ୍ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ସେ ୧୪ ବର୍ଷର କ୍ୟାରିଅରକୁ ବିଦାୟ ଦେଇଛନ୍ତି। ମ୍ୟାକ୍ସୱେଲ୍ ସୋମବାର ତାଙ୍କର ଅବସର ଘୋଷଣା କରିଛନ୍ତି। ସେ ତାଙ୍କ କ୍ୟାରିଅର ମଧ୍ୟରେ ଅନେକ ସ୍ମରଣୀୟ ଇନିଂସ ଖେଳିଥିଲେ। ଏଥିରେ ୨୦୨୩ ବିଶ୍ୱକପରେ ଆଫଗାନିସ୍ତାନ ବିପକ୍ଷରେ ଖେଳିଥିବା ଇନିଂସ ମଧ୍ୟ ସାମିଲ ଅଛି, ଯାହାକୁ ପ୍ରଶଂସକମାନେ କେବେ ଭୁଲିପାରିବେ ନାହିଁ।



ମ୍ୟାକ୍ସୱେଲ ୨୦୧୨ରେ ତାଙ୍କର ଅନ୍ତର୍ଜାତୀୟ ଡେବ୍ୟୁ କରିଥିଲେ। ସେ ଚଳିତ ବର୍ଷ ଟି-୨୦ ବିଶ୍ୱକପରେ ଅଷ୍ଟ୍ରେଲିଆ ପାଇଁ ଖେଳିଥିଲେ। ସେବେଠାରୁ ସେ ଅଷ୍ଟ୍ରେଲିଆ ଦଳ ପାଇଁ ଖେଳି ନାହାଁନ୍ତି। ବର୍ତ୍ତମାନ ସେ ତାଙ୍କର ଅବସର ଘୋଷଣା କରିଛନ୍ତି। ଏହି ଅଲରାଉଣ୍ଡର ଅଷ୍ଟ୍ରେଲିଆ ଦଳ ପାଇଁ କ୍ରିକେଟର ତିନୋଟି ଫର୍ମାଟରେ ଖେଳିଛନ୍ତି। ସେ ମୋଟ ୨୮୬ଟି ମ୍ୟାଚ୍ ଖେଳିଛନ୍ତି।

ମ୍ୟାକ୍ସୱେଲ୍ ତାଙ୍କର ଅବସର ଘୋଷଣା କରିଛନ୍ତି। ସେ ଆଉ ଅନ୍ତର୍ଜାତୀୟ କ୍ରିକେଟ ଖେଳିବେ ନାହିଁ। ଅଷ୍ଟ୍ରେଲିଆର ଏହି ଅଲରାଉଣ୍ଡର ତାଙ୍କ କ୍ୟାରିଅରରେ ବିଶେଷକରି ଟି ୨୦ ଫର୍ମାଟରେ ଅନେକ ସ୍ମରଣୀୟ ଇନିଂସ ଖେଳିଥିଲେ। ମ୍ୟାକ୍ସୱେଲ୍ ତାଙ୍କର ନିର୍ଭୀକ ବ୍ୟାଟିଂ ଦ୍ୱାରା ପ୍ରତିପକ୍ଷ ଦଳର ବୋଲରଙ୍କ ମଧ୍ୟରେ ଭୟ ସୃଷ୍ଟି କରିଥିଲେ।

ଭାରତ ଦ୍ୱାରା ଆୟୋଜିତ ୨୦୨୩ ବିଶ୍ୱକପ୍‌ରେ, ମ୍ୟାକ୍ସୱେଲ୍ ଆଫଗାନିସ୍ତାନ ବିପକ୍ଷରେ ଏକ ଉଲ୍ଲେଖନୀୟ ଇନିଂସ୍ ଖେଳିଥିଲେ। ସେ ଏକ ଇନିଂସ୍ ଖେଳିଥିଲେ, ଯାହା କ୍ରିକେଟ୍ ଇତିହାସର ସର୍ବୋତ୍ତମ ଇନିଂସ ମଧ୍ୟରେ ସ୍ଥାନ ପାଇଛି। ଅଷ୍ଟ୍ରେଲିଆ ଦଳ ୯୧ ରନ୍‌ରେ ସାତ ୱିକେଟ୍ ହରାଇଥିଲା। ମ୍ୟାକ୍ସୱେଲ୍ ତା'ପରେ ୧୨୮ ବଲ୍‌ରେ ଅପରାଜିତ ୨୦୧ ରନ୍ କରି ତାଙ୍କ ଦଳକୁ ବିଜୟୀ କରାଇଥିଲେ।

ମ୍ୟାକ୍ସୱେଲ୍ ତାଙ୍କ କ୍ୟାରିଅର୍‌ରେ ମୋଟ ୨୮୬ଟି ମ୍ୟାଚ୍ ଖେଳି ୭,୨୨୬ ରନ୍ କରିଥିଲେ। ଏହି ସମୟ ମଧ୍ୟରେ ସେ ବଲ୍ ସହିତ ୧୩୬ ୱିକେଟ୍ ନେଇଥିଲେ। ସେ ସାତଟି ଟେଷ୍ଟ ମ୍ୟାଚ୍‌ରେ ୩୩୯ ରନ୍ କରିଥିଲେ ଏବଂ ଆଠ ୱିକେଟ୍ ନେଇଥିଲେ, ଯେଉଁଥିରେ ଗୋଟିଏ ଶତକ ଥିଲା। ତାଙ୍କର ୧୪୯ ଦିନିକିଆରେ ୩,୩୯୦ ରନ୍ ମଧ୍ୟ ଅଛି, ଯେଉଁଥିରେ ଚାରିଟି ଶତକ ଏବଂ ୨୩ଟି ଅର୍ଦ୍ଧଶତକ ସାମିଲ ରହିଛି। ୧୪୧ଟି ଟି-୨୦ ମ୍ୟାଚ୍‌ରେ, ମ୍ୟାକ୍ସୱେଲ୍ ୨,୮୧୯ ରନ୍ କରିଛନ୍ତି, ଯେଉଁଥିରେ ପାଞ୍ଚଟି ଶତକ ଏବଂ ୧୨ଟି ଅର୍ଦ୍ଧଶତକ ରହିଛି।

ରାଜ୍ୟ ଦୃଷ୍ଟିବାଧିତ ଓ ପାରା ଜୁଡୋ ଚମ୍ପିୟନସିପ୍ ଉଦଯାପିତ



ପାରାଦୀପ - ପାରାଦୀପ ଇଣ୍ଡୋର ଷ୍ଟାଡିୟମ ଠାରେ ତିନିଦିନ ଧରି ଚାଲିଥିବା ତୃତୀୟ ରାଜ୍ୟ ଦୃଷ୍ଟିବାଧିତ ଓ ପାରା ଜୁଡୋ ଚମ୍ପିୟନସିପ୍ ସୋମବାର ସନ୍ଧ୍ୟାରେ ସଫଳତାର ସହ ଉଦଯାପିତ ହୋଇଯାଇଛି । ଏହି କ୍ରୀଡ଼ା ପ୍ରତିଯୋଗିତା କୁ ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଗତ ୩୧ ତାରିଖରେ ଉଦଘାଟନ କରିଥିଲେ । ରାଜ୍ୟ ଦୃଷ୍ଟିବାଧିତ ଓ ପାରା ଜୁଡୋ ଆସୋସିଏସନ ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତାରେ ୨୧ ଟି ଜିଲ୍ଲାର ୨୫୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଏଥିରେ ଦଳଗତ ଭାବେ ସବ୍-ଜୁନିଅର ବର୍ଗରେ ବାଲେଶ୍ୱର ଦଳ ଚମ୍ପିୟନ, ଯୁବ ବର୍ଗରେ ସମ୍ବଲପୁର ଏବଂ ବରିଷ୍ଠ ବର୍ଗରେ ଜଗତସିଂହପୁର ଦଳ ଚମ୍ପିୟନ ହୋଇଥିଲେୟ । ଉଦଯାପନୀ ସମାରୋହରେ ଇଫକୋ ପାରାଦୀପ ୟୁନିଟ ମୁଖ୍ୟ ଅନିରୁଦ୍ଧ ବିକ୍ରମ ସିଂହ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ।

ଏହି ଅବସରରେ ଇଫକୋ ଡିଜିଏମ ବିଜୟ କୁମାର ପରିଡା, ଏଏମଏନଏସ ଓଡିଶା ପରିଚାଳନା ମୁଖ୍ୟ ୟୁ.ଏସ.ଆର ରାଜୁ,ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା,ମନ୍ତ୍ରୀଙ୍କ ପାରାଦୀପ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂହ ଏବଂ ପାରିଷଦ ସୁବ୍ରତ ପ୍ରଧାନ ପ୍ରମୁଖ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ତେବେ ଏହି ପ୍ରତିଯୋଗିତାର ସଫଳତା ପାଇଁ ଆସୋସିଏସନ ର ସେକ୍ରେଟାରୀ ଜେନେରାଲ ଲୋପାମୁଦ୍ରା ପତି ସମସ୍ତ ଜିଲ୍ଲା ପ୍ରଶାସନ, ସହଯୋଗୀ ମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

ଆଇପିଏଲ୍‌କୁ ନେଇ ଲଳିତ ମୋଦିଙ୍କ ପ୍ରସ୍ତାବ

୯୪ ମ୍ୟାଚ୍ ସହ ଅକ୍ଟୋବରରୁ ଏପ୍ରିଲ୍ ଯାଏଁ ହେଉ ଟୁର୍ଣ୍ଣାମେଣ୍ଟ

ନୂଆଦିଲ୍ଲୀ,୩।୧୧:ବିଶ୍ୱର ସବୁଠାରୁ ଲୋକପ୍ରିୟ ଟି-୨୦ କ୍ରିକେଟ୍ ଲିଗ୍ ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ର ଆଗାମୀ ଦିନର ଆୟୋଜନକୁ ନେଇ ଏକ ବଡ଼ ପ୍ରସ୍ତାବ ଦେଇଛନ୍ତି ଏହାର ପ୍ରତିଷ୍ଠାତା ଲଳିତ ମୋଦି। ବର୍ତ୍ତମାନ ମାର୍ଚ୍ଚରୁ ମେ' ମାସ ମଧ୍ୟରେ ଆୟୋଜିତ ହେଉଥିବା ଆଇପିଏଲ ଅକ୍ଟୋବରରୁ ଏପ୍ରିଲ୍ ମଧ୍ୟରେ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଏଥିସହ ଲିଗ୍‌ର ମ୍ୟାଚ୍ ସଂଖ୍ୟାକୁ ୯୪କୁ ବୃଦ୍ଧି କରିବା ସପକ୍ଷରେ ମତ ରଖିଛନ୍ତି।




ଏହି ନୂଆ ଯୋଜନାକୁ କାର୍ଯ୍ୟକାରୀ କରିବା ଦିଗରେ ଆଇସିସି ଅଧ୍ୟକ୍ଷ ଜୟ ଶାହଙ୍କ ସହଯୋଗ ମଧ୍ୟ ଲୋଡ଼ିଛନ୍ତି ଲଳିତ ମୋଦି। ତାଙ୍କ ମତରେ, ଓଟଖର ବର୍ତ୍ତମାନର ଲୋକପ୍ରିୟତା ଓ ବ୍ୟବସାୟିକ ସଫଳତାକୁ ଦୃଷ୍ଟିରେ ରଖି ଏହାର ଆୟୋଜନ ସମୟ ଓ ମ୍ୟାଚ୍ ସଂଖ୍ୟାର ପୁନର୍ବିଚାର କରିବାର ଆବଶ୍ୟକତା ରହିଛି।

କ୍ରିକ୍‌ବଜ୍‌କୁ ଦେଇଥିବା ସାକ୍ଷାତକାରରେ ଲଳିତ ମୋଦି କହିଛନ୍ତି, ୨୦୦୮ରେ ଆଇପିଏଲ୍ ଆରମ୍ଭ ହେବା ସମୟରେ ଏପ୍ରିଲ୍ ଓ ମେ' ମାସ ହିଁ ଉପଯୁକ୍ତ ସମୟ ଭାବେ ଉପଲବ୍ଧ ଥିଲା। ସେତେବେଳେ ଅନେକ ବିରୋଧ ସତ୍ତ୍ୱେ ଏହି ଲିଗ୍‌କୁ ଆରମ୍ଭ କରାଯାଇଥିଲା। କିନ୍ତୁ ଏବେ ଓଟଖର ସ୍ୱରୂପ ବଦଳିଯାଇଛି। ଏହା ଆଉ କେବଳ ଏକ ଟୁର୍ଣ୍ଣାମେଣ୍ଟ ନୁହେଁ, ବରଂ ବିଶ୍ୱ କ୍ରିକେଟ୍‌ର ଏକ ବଡ଼ ମଞ୍ଚରେ ପରିଣତ ହୋଇଛି।

ପ୍ରାରମ୍ଭରେ ୮ଟି ଦଳକୁ ନେଇ ୫୯ଟି ମ୍ୟାଚ୍ ସହ ଏହି ଲିଗ୍ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ଦଳ ସଂଖ୍ୟା ୧୦କୁ ବୃଦ୍ଧି ପାଇଥିଲା। ଏବେ ହୋମ୍ ଆଣ୍ଡ ଆୱେ ଫର୍ମାଟ୍‌ରେ ୧୦ଟି ଦଳ ମଧ୍ୟରେ ୯୦ଟି ଲିଗ୍ ମ୍ୟାଚ୍ ଖେଳାଯାଉଛି। ଏହା ସହିତ ୪ଟି ପ୍ଲେ-ଅଫ୍ ମ୍ୟାଚ୍ ମିଶାଇ ମୋଟ ମ୍ୟାଚ୍ ସଂଖ୍ୟା ୯୪ ହେଉଛି। ଲଳିତ ମୋଦିଙ୍କ ମତରେ, ଲିଗ୍‌ର ଏହି ବିସ୍ତାର ଏହାର ଲୋକପ୍ରିୟତାକୁ ଦର୍ଶାଉଛି। ତେଣୁ ଆଗାମୀ ଦିନରେ ଏହାର ଆୟୋଜନ ପାଇଁ ଅଧିକ ଉପଯୁକ୍ତ ସମୟ ନିର୍ଦ୍ଧାରଣ କରିବା ଉଚିତ। ଆଇପିଏଲ୍‌ର ନୂଆ କ୍ୟାଲେଣ୍ଡର ପ୍ରସ୍ତୁତ କରିବା ପାଇଁ ଲଳିତ ମୋଦି ଆଇସିସି ଅଧ୍ୟକ୍ଷ ଜୟ ଶାହଙ୍କୁ ଆଗକୁ ଆସିବାକୁ ଅନୁରୋଧ କରିଛନ୍ତି। ତାଙ୍କ ମତରେ, ଅକ୍ଟୋବରରୁ ଏପ୍ରିଲ୍ ମଧ୍ୟରେ ଓଟଖ ଆୟୋଜନ କରାଗଲେ ଏହାର ସମୟସୀମାକୁ ଅଧିକ ଭଲ ଭାବେ ନିୟନ୍ତ୍ରଣ କରାଯାଇପାରିବ। ଅନ୍ୟପଟେ, ଆଇପିଏଲ୍ ଅଧ୍ୟକ୍ଷ ଅରୁଣ ଧୁମଲ ମଧ୍ୟ ପୂର୍ବରୁ ମ୍ୟାଚ୍ ସଂଖ୍ୟା ବୃଦ୍ଧି ପାଇଁ ଟୁର୍ଣ୍ଣାମେଣ୍ଟକୁ ଦୁଇଟି ପର୍ଯ୍ୟାୟରେ ଆୟୋଜନ କରିବାର ପ୍ରସ୍ତାବ ଦେଇଥିଲେ।

ହକି ଏସିଆନ ଚାମ୍ପିୟନ୍ସ ଟ୍ରଫି

ସେମିରେ ପ୍ରବେଶ କଲା ଟିମ୍ ଇଣ୍ଡିଆ




ନୂଆଦିଲ୍ଲୀ,୩।୧୧: ଭାରତୀୟ ହକି ଦଳ ୨୦୨୬ ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ଦମଦାର ପ୍ରଦର୍ଶନ ଜାରି ରଖିଛି। ଜଳନ୍ଧରର ଅଲିମ୍ପିଆନ୍ ସୁରଜିତ ସିଂହ ହକି ଷ୍ଟାଡିୟମରେ ଖେଳାଯାଇଥିବା ଏକ ରୋମାଞ୍ଚକର ମୁକାବିଲାରେ ଭାରତ ମାଲେସିଆକୁ ୪-୨ ଗୋଲ୍‌ରେ ପରାସ୍ତ କରିଛି। ଏହି ବିଜୟ ସହିତ ଟିମ୍ ଇଣ୍ଡିଆ କ୍ରମାଗତ ଚତୁର୍ଥ ସଫଳତା ହାସଲ କରି ସେମିଫାଇନାଲ୍‌ରେ ନିଜର ସ୍ଥାନ ପକ୍କା କରିଛି।

ମ୍ୟାଚ୍‌ର ଆରମ୍ଭରୁ ହିଁ ଭାରତୀୟ ଦଳ ଆଧିପତ୍ୟ ଜାହିର କରିଥିଲା। ଦଳର ଅଧିନାୟକ ତଥା ଷ୍ଟାର୍ ପ୍ଲେୟାର୍ ହରମନପ୍ରୀତ ସିଂହ ମ୍ୟାଚ୍‌ରେ ଜବରଦସ୍ତ ହ୍ୟାଟ୍ରିକ୍ ସଫଳତା ହାସଲ କରିଛନ୍ତି। ସେ ୩ୟ, ୩୩ତମ ଏବଂ ୫୮ତମ ମିନିଟ୍‌ରେ ଗୋଲ୍ ସ୍କୋର କରିଥିଲେ। ହରମନପ୍ରୀତଙ୍କ ବ୍ୟତୀତ ଭାରତ ପକ୍ଷରୁ ସୁଖଜିତ ସିଂହ ୪୩ତମ ମିନିଟ୍‌ରେ ଆଉ ଏକ ଗୋଲ୍ ଦେଇ ଦଳର ସ୍ଥିତିକୁ ଆହୁରି ମଜବୁତ କରିଥିଲେ। ଅନ୍ୟପକ୍ଷରେ ମାଲେସିଆ ପକ୍ଷରୁ ଅଖିମୁଲ୍ଲା ଅନୁଆର ଏବଂ ଶେଲୋ ସିଲଭେରିୟସ୍ ଗୋଲ୍ ସ୍କର କରିଥିଲେ ମଧ୍ୟ ବିଜୟୀ ହୋଇପାରି ନଥିଲେ।

ରାଉଣ୍ଡ ରବିନ୍ ପଦ୍ଧତିରେ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ବ୍ୟତୀତ ମାଲେସିଆ, ଜାପାନ ଏବଂ ଦକ୍ଷିଣ କୋରିଆ ମଧ୍ୟ ସେମିଫାଇନାଲ୍‌କୁ ଉନ୍ନୀତ ହୋଇଛନ୍ତି। ପଏଣ୍ଟ ଟେବୁଲ୍‌ର ଶୀର୍ଷରେ ଥିବା ଭାରତୀୟ ଦଳ ସୋମବାର ଦକ୍ଷିଣ କୋରିଆକୁ ଭେଟିବାକୁ ଥିବାବେଳେ, ଅନ୍ୟ ଏକ ସେମିଫାଇନାଲ୍ ମୁକାବିଲାରେ ଜାପାନ ଓ ମାଲେସିଆ ପରସ୍ପରକୁ ଭେଟିବେ।

ନିଧୀ ଯୁବ ଅଲିମ୍ପିକ୍ସ ଫାଇନାଲ୍‌ରେ

ନୂଆଦିଲ୍ଲୀ,୩।୧୧: ସେନେଗାଲ୍‌ର ଡାକାରରେ ଚାଲିଥିବା ଯୁବ ଅଲିମ୍ପିକ୍ସରେ ଇତିହାସ ରଚିଛନ୍ତି ଭାରତୀୟ ଯୁବ ତାରକା ଧିନିଧୀ ଡେସିଙ୍ଗୁ। ପ୍ରଥମ ଭାରତୀୟ ସନ୍ତରିକା ଭାବେ ଧିନିଧୀ ୧୦୦ ମିଟର୍ ମହିଳା ଫ୍ରିଷ୍ଟାଇଲ୍ ଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ୧୬ ବର୍ଷୀୟା ଏହି ବେଙ୍ଗାଲୁରୁ ଝିଅ ୫୬.୮୦ ସେକେଣ୍ଡ୍ ସମୟ ନେଇ ତୃତୀୟ ଦ୍ରୁତତମ ଭାବେ ଫାଇନାଲ୍‌ସରେ ପହଞ୍ଚିଛନ୍ତି।



ପୂର୍ବରୁ ଯୁବ ଅଲିମ୍ପିକ୍ସର ସନ୍ତରଣରେ ଦୁଇ ଜଣ ଭାରତୀୟ ଶ୍ରୀହରି ନଟରାଜ ଏବଂ ତୀର୍ଥାଙ୍କ ପେଗୁ ଫାଇନାଲ୍‌ରେ ପ୍ରବେଶ କରିବାର ଗୌରବ ରଖିଥିଲେ। ୨୦୨୪ ପ୍ୟାରିସ୍ ଅଲିମ୍ପିକ୍ସରେ ଭାରତୀୟ ଦଳର ସର୍ବକନିଷ୍ଠା ଭାବେ ଧିନିଧୀ ଅଂଶଗ୍ରହଣ କରିଥିଲେ। ଅନ୍ୟପକ୍ଷରେ ଜୁଡ଼ୋରେ ୧୫ ବର୍ଷୀୟା ଭାରତୀୟ ଖୁସବୁ ରଜକଭାଇ ଦର୍ଜାଦା ୬୩ କିଲୋଗ୍ରାମ ବର୍ଗରେ ଗୁନିଆର ମାମାଇସାତା କାମାରାଙ୍କୁ ୧-୦ରେ ପରାସ୍ତ କରି କ୍ୱାର୍ଟରଫାଇନାଲ୍‌ରେ ପ୍ରବେଶ କରିଛନ୍ତି।

ଟ୍ୱେଣ୍ଟି-୨୦ରେ ପ୍ରେମାଙ୍କ ନୂଆ ବିଶ୍ୱ ରେକର୍ଡ

ପୁଣେ:୩।୧୧: ଭାରତୀୟ ସ୍ପିନର ପ୍ରେମା ରାୱତ ମହିଳା ଟ୍ୱେଣ୍ଟି-୨୦କ୍ରିକେଟ୍‌ରେ ନୂଆ ବିଶ୍ୱ ରେକର୍ଡ କରି ପାକିସ୍ତାନ ବ୍ୟାଟରଙ୍କୁ ପଛରେ ପକାଇ ଦେଇଛନ୍ତି। ସଂପ୍ରତି ଚାଲିଥିବା ଭାରତର ଘରୋଇ ପ୍ରତିଯୋଗିତା ବରିଷ୍ଠ ମହିଳା ଟ୍ୱେଣ୍ଟି-୨୦ ଟ୍ରଫି ଏଲିଟ୍ ମ୍ୟାଚ୍‌ରେ ହାଇଦ୍ରାବାଦ ବିପକ୍ଷରେ ଉତ୍ତରାଖଣ୍ଡରୁ ଖେଳୁଥିବା ୨୪ ବର୍ଷୀୟ ପ୍ରେମା ୧୪ ବଲ୍‌ରୁ ଅର୍ଦ୍ଧଶତକ ଅର୍ଜନ କରିଛନ୍ତି। ଏଥିସହ ସେ ପାକିସ୍ତାନ ଅଧିନାୟକ ଫତିମା ସାନା (୧୫ ବଲ୍)ଙ୍କ ନାଁରେ ଥିବା ଦ୍ରୁତତମ ଟ୍ୱେଣ୍ଟି-୨୦ ଅର୍ଦ୍ଧଶତକ ରେକର୍ଡକୁ ଭାଙ୍ଗିଛନ୍ତି। ଅନ୍ତର୍ଜାତୀୟ ଟ୍ୱେଣ୍ଟି-୨୦ରେ ଏହି ରେକର୍ଡ ଫତିମା ନାଁରେ କିନ୍ତୁ ଅତୁଟ ରହିଛି। ଫତିମା ଚଳିତ ବର୍ଷ ମେ ମାସରେ କରାଚିରେ ଜିମ୍ବାୱେ ବିପକ୍ଷରେ ଏହି ରେକର୍ଡ କରିଥିଲେ। ପୂର୍ବରୁ ଅନ୍ତର୍ଜାତୀୟରେ ୧୮ ବଲ୍‌ରେ ଅର୍ଦ୍ଧଶତକ ରେକର୍ଡ ଯୁଗ୍ମଭାବେ ନ୍ୟୁଜିଲାଣ୍ଡର ସୋଫି ଡିଭାଇନ୍, ଅଷ୍ଟ୍ରେଲିଆର ଫୋଏବେ ଲିଚ୍‌ଫିଲ୍ଡ ଓ ଭାରତର ରିଚା ଘୋଷଙ୍କ ନାଁରେ ଥିଲା। ପ୍ରେମାଙ୍କ ଏହି ୧୪ ବଲ୍‌ରୁ ଅପରାଜିତ ୫୦ ରନ୍‌ରେ ୬ ଚୌକା ଓ ୪ ଛକା ସାମିଲ ଥିଲା। ୩୫୭.୧୪ ଷ୍ଟ୍ରାଇକ୍‌ରେଟ୍‌ରେ ରନ୍ ସଂଗ୍ରହ କରିବା ସହ ୧୨ ରନ୍‌ରେ ୨ ୱିକେଟ୍ ନେଇଥିବା ପ୍ରେମାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ମିଳିଥିଲା।


ଏନ୍‌ଆଇଟି ରାଉରକେଲା କ୍ରୀଡ଼ା ଉଦ୍‌ଯାପିତ

ରାଉରକେଲା,୩।୧୧: ରାଉରକେଲାସ୍ଥ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି)ରେ ଚାଲିଥିବା ଏନ୍‌ଆଇଟି କ୍ରୀଡ଼ା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ମହିଳା ହ୍ୟାଣ୍ଡବଲରେ ଭିଏନ୍‌ଆଇଟି (ନାଗପୁର) ଚାମ୍ପିଅନ ହୋଇଥିବା ବେଳେ ଏନ୍‌ଆଇଟି ୱାରଙ୍ଗଲ ଉପବିଜେତା ଓ ଏନ୍‌ଆଇଟି କାଲିକଟ ତୃତୀୟ ସ୍ଥାନରେ ରହିଛି। ବିଜେତା ଦଳର ଭାଗ୍ୟ ସନ୍ତୋଷୀ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ପୁରୁଷ ହ୍ୟାଣ୍ଡବଲରେ ଏନ୍‌ଆଇଟି କାଲିକଟ ଚାମ୍ପିଅନ ହୋଇଥିବା ବେଳେ ଏନ୍‌ଆଇଟି ୱାରଙ୍ଗଲ ଉପବିଜେତା ଓ ଏସଭିଏନ୍‌ଆଇଟି ସୁରଟ ତୃତୀୟ ସ୍ଥାନ ଅଧିକାର କରିଛି। ବିଜେତା ଦଳର ପବନ କଲ୍ୟାଣ ଶ୍ରେଷ୍ଠ ଖେଳାଳି ପୁରସ୍କୃତ ହୋଇଛନ୍ତି। ସେହିଭଳି ମହିଳା ଭଲିବଲରେ ଏନ୍‌ଆଇଟି କୁରୁକ୍ଷେତ୍ର ବିଜେତା ହୋଇଥିବା ବେଳେ ଏନ୍‌ଆଇଟି କାଲିକଟ ଦ୍ୱିତୀୟ ଓ ଏନ୍‌ଆଇଟି ଜାମସେଦପୁର ତୃତୀୟ ସ୍ଥାନରେ ରହିଛନ୍ତି। କୁରୁକ୍ଷେତ୍ରର ପଲକ ଚୌଧୁରୀ ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଛନ୍ତି। ପୁରୁଷ ଭଲିବଲରେ ଏନ୍‌ଆଇଟି ଜାମସେଦପୁର ବିଜୟୀ ହୋଇଥିବା ବେଳେ ଏନ୍‌ଆଇଟି ତିରୁଚିରାପଲ୍ଲୀ ଦ୍ୱିତୀୟ ଓ ଏସଭିଏନ୍‌ଆଇଟି ସୁରଟ ତୃତୀୟ ସ୍ଥାନରେ ରହିଛି। ଏଥିରେ ହିମାଂଶୁ ତେଓଟିଆ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି।

ପୁରୁଷ ହକିରେ ଏନ୍‌ଆଇଟି କାଲିକଟ ଚାମ୍ପିଅନ ହୋଇଥିବା ବେଳେ ଆୟୋଜକ ଏନ୍‌ଆଇଟି ରାଉରକେଲା ଉପବିଜେତା ହୋଇଛି। ଏନ୍‌ଆଇଟି ତିରୁଚିରାପଲ୍ଲୀ ତୃତୀୟ ସ୍ଥାନରେ ରହିଛି। ରାଉରକେଲାର ଅମନ ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଛନ୍ତି। ଉଲ୍ଲେଖଯୋଗ୍ୟ, ତିନି ଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତାରେ ଦେଶର ୩୦ଟି ଏନ୍‌ଆଇଟି ଓ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିଅରିଂ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି (ଆଇଆଇଇଏସ୍‌ଟି) ଶିବପୁରର ୧,୧୯୮ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଏଠାରେ ପୁରୁଷ ଓ ମହିଳା ଭଲିବଲ୍, ପୁରୁଷ ଓ ମହିଳା ହ୍ୟାଣ୍ଡବଲ୍ ଏବଂ ପୁରୁଷ ହକି ଭଳି ୫ଟି ବର୍ଗରେ ମ୍ୟାଚ୍ ଖେଳାଯାଇଥିଲା। ସମସ୍ତ ମ୍ୟାଚ୍ ଅନୁଷ୍ଠାନର ପି.ଟି.ଉଷା ଷ୍ଟାଡିୟମ, ଇଣ୍ଡୋର ଷ୍ଟାଡିୟମ ଓ ବିର୍ସା ମୁଣ୍ଡା ଆନ୍ତର୍ଜାତୀୟ ହକି ଷ୍ଟାଡିୟମରେ ଆୟୋଜିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଏନ୍‌ଆଇଟିର ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓ, ଡିନ୍ ପ୍ରଫେସର ରାଜୀବ ପଣ୍ଡା, ସାକ୍ ସଭାପତି ପ୍ରଫେସର ଦିଲୀପ ପ୍ରଧାନ, ଉପସଭାପତି ପ୍ରଫେସର ମହମ୍ମଦ ଖାଲିଦ ଗୁଲ୍, ପ୍ରଫେସର ଆଦିତ୍ୟ ଦାସଙ୍କ ସମେତ ଏନ୍‌ଆଇଟିକେ ସୁରଥକଲର ଟୁର୍ଣ୍ଣାମେଣ୍ଟ ପର୍ଯ୍ୟବେକ୍ଷକ ଡ. ମନୋଜ, କ୍ରୀଡ଼ା ଅଧିକାରୀ ସି. ଆଲାଗେସନ, ସହକାରୀ ପ୍ରୀତମ କେ. ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଭେଲାଭାନ୍‌ଙ୍କୁ ଚେକ୍ ଓପନ୍ ସ୍କ୍ୱାସ୍ ମୁକୁଟ

ବର୍ନ,୩।୧୧: ବର୍ନରେ ଆୟୋଜିତ ୩୫୦୦୦ ଡଲାର ପୁରସ୍କାର ବିଶିଷ୍ଟ ଚେକ୍ ଓପନ୍ ସ୍କ୍ୱାସ୍ ପ୍ରତିଯୋଗିତାରେ ଭାରତୀୟ ସ୍କ୍ୱାସ୍ ଖେଳାଳି ଭେଲାଭାନ ସେନ୍‌ଥିଲକୁମାର ବିଜେତା ହୋଇଛନ୍ତି। ମଙ୍ଗଳବାର ଫାଇନାଲ୍‌ରେ ୨୮ ବର୍ଷୀୟ ଏହି ଭାରତୀୟ ତାରକା ୧୩-୧୧, ୧୧-୫, ୮-୧୧, ୧୧-୭ରେ ଶୀର୍ଷ



ମାନ୍ୟତାପ୍ରାପ୍ତ ବିଶ୍ୱର ୩୧ ନମ୍ବର ସ୍କଟଲାଣ୍ଡର ଗ୍ରେଗ୍ ଲୋବାନଙ୍କୁ ପରାସ୍ତ କରିଥିଲେ। ଚତୁର୍ଥ ମାନ୍ୟତାପ୍ରାପ୍ତ ତଥା ବିଶ୍ୱର ୪୨ ନମ୍ବର ଭେଲାଭାନଙ୍କୁ ଏହା ଦ୍ୱାଦଶ ପିଏସ୍‌ଏ ଟୁର୍ ଏବଂ ଦ୍ୱିତୀୟ କପର୍ ଲେଭଲ୍ ମୁକୁଟ। ଅଗଷ୍ଟ ମାସରେ ସେ ନିଜର ପ୍ରଥମ କପର ଲେଭଲ ମୁକୁଟ ବୁଦାପେଷ୍ଟ ଓପନ୍ ଜିତି ହାସଲ କରିଥିଲେ।

ଜାତୀୟସ୍ତରରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିବେ ୱାସିଫୁଲ୍ଲା-ଅନନ୍ୟା

କଟକ,୩।୧୧: ୩୯ତମ ରାଜ୍ୟସ୍ତରୀୟ ତାଇକୋଣ୍ଡୋ ଚାମ୍ପିୟନସିପ୍ ୨୦୨୬ରେ ନେତାଜୀ ତାଇକୋଣ୍ଡୋ ଏକାଡେମୀର ଦୁଇ ଛାତ୍ରଛାତ୍ରୀ ଉଲ୍ଲେଖନୀୟ ସଫଳତା ହାସଲ କରି କେବଳ ଏକାଡେମୀ ନୁହେଁ, ସମଗ୍ର କଟକ ଜିଲ୍ଲା ତଥା ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି। କଟକସ୍ଥିତ ଜବାହରଲାଲ ନେହରୁ ଇନଡୋର ଷ୍ଟାଡିୟମ୍‌ରେ ଅକ୍ଟୋବର ୩୦ରୁ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଏହି ପ୍ରତିଯୋଗିତାର ପୁମ୍‌ସେ ପେୟାର ବିଭାଗରେ ଏକାଡେମୀର ଏସ୍.କେ. ୱାସିଫୁଲ୍ଲା ଓ ଅନନ୍ୟା ସ୍ୱାଇଁ ଚମତ୍କାର ପ୍ରଦର୍ଶନ କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହି ସଫଳତା ସହ ଉଭୟ ଖେଳାଳି ଆଗାମୀ ଜାତୀୟସ୍ତରୀୟ ତାଇକୋଣ୍ଡୋ ଚାମ୍ପିୟନସିପ୍‌ରେ ଓଡ଼ିଶା ରାଜ୍ୟକୁ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇଛନ୍ତି। ଜାତୀୟ ପ୍ରତିଯୋଗିତାର ତାରିଖ ଓ ସ୍ଥାନ ପରବର୍ତ୍ତୀ ସମୟରେ ଘୋଷଣା କରାଯିବ। ଏହି ସଫଳତା ପଛରେ ପ୍ରଶିକ୍ଷକ ସୁଭାଙ୍ଗିନୀ ନାୟକ ଓ ବିଶ୍ୱଜିତ ନାୟକଙ୍କ ନିରନ୍ତର ପ୍ରଶିକ୍ଷଣ, ମାର୍ଗଦର୍ଶନ ଓ ପରିଶ୍ରମ ରହିଛି। ଖେଳାଳିଦ୍ୱୟଙ୍କ ଏହି କୃତିତ୍ୱ ପାଇଁ ଏକାଡେମୀ ପକ୍ଷରୁ ଉଭୟଙ୍କୁ ଅଭିନନ୍ଦନ ଜଣାଯାଇଛି। ଆଗାମୀ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ମଧ୍ୟ ସେମାନେ ଉତ୍କୃଷ୍ଟ ପ୍ରଦର୍ଶନ କରି ଓଡ଼ିଶା ପାଇଁ ଗୌରବ ଆଣିବେ ବୋଲି ଆଶା ପ୍ରକାଶ କରାଯାଇଛି।

Published and Owned by Sri Bibhuti Bhushan Mahapatra of House No.A/2, Suraj Vihar Phase-1, Po-Baragarh Brit Colony, Bhubaneswar-751018 published from Plot No.3774, Nageshwar Tangi, Bhubaneswar, Dist-Khurda-751002 and Printed by Smt. Sandhyarani Pati at M/S Swadhikar, IDCO Plot No-6/A/B/1, Revenue Plot No-8941(P) Mancheswar Industrial Estate,Bhubaneswar-751010, Near NSIC Office, Dist - Khordha (Odisha), **Email : odishamahabharata@gmail.com, orissamahabharat@rediffmail.com**
Editor: Bibhuti Bhushan Mahapatra ସମ୍ପାଦକ: ବିଭୂତି ଭୂଷଣ ମହାପାତ୍ର